# ହାତୀବେଶେ ଶ୍ରୀଜୀଉ




■ ପୁରୀ, ୧୧।୬ (ସମିସ): ବୁଧବାର ଥିଲା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ନିଜ ଜନ୍ମ ତିଥିରେ ରତ୍ନବେଦୀରୁ ଓହ୍ଲାଇ ଆସି ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେଇଛନ୍ତି ମହାବାହୁ। ସ୍ନାନବେଦୀରେ ଦାରୁବିଗ୍ରହଙ୍କ ଗଜାନନ ବା ହାତୀବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଭକ୍ତ। ସ୍ନାନମଣ୍ଡପରେ ୧୦୮ ଗଡ଼ୁ ଅଭିମନ୍ତ୍ରିତ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ବିଶ୍ୱନିୟନ୍ତା। ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଉପଶମ ପାଇଁ ଆରମ୍ଭ ହେବ ଉପଚାର। ଶ୍ରୀଅଙ୍ଗ ଲାଗି

### ଅଣସର ପିଣ୍ଡିକୁ ବିଜେକଲେ ଚତୁର୍ଦ୍ଧାମୂର୍ତ୍ତି

### ଆଜିଠୁ ଗୁପ୍ତ ସେବା, ଦର୍ଶନ ଦେବେ ପଟିଦିଅଁ

ସେବକ ଦଇତାପତିମାନେ ଆରମ୍ଭ କରିବେ ଗୁପ୍ତସେବା। ମହାପ୍ରଭୁଙ୍କ ଏହି ଦିବ୍ୟସ୍ନାନ ଏବଂ ଦୁର୍ଲ୍ଲଭ ହାତୀବେଶ ଦର୍ଶନ ଲାଗି ସକାଳୁ ସକାଳୁ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ବଡ଼ଦାଣ୍ଡରେ ଲାଗିଥିଲା ଗହଳିଚହଳି। ପ୍ରବଳ ଖରା ସତ୍ତ୍ୱେ ଭକ୍ତଙ୍କ ଗହଳିରେ ଉଛୁଳି ପଡ଼ିଥିଲା ସିଂହଦ୍ୱାର ▶ପୃଷ୍ଠା-୭


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | ◆VOLUME- 42 ◆ISSUE-344 ◆BHUBANESWAR ◆THURSDAY ◆12 JUNE 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୪୪ ◆ଭୁବନେଶ୍ୱର ◆ଗୁରୁବାର ◆୧୨ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ଶ୍ରୀକ୍ଷେତ୍ରରେ ଚାଞ୍ଚଲ୍ୟ**

# ସ୍ନାନ ପୂର୍ଣ୍ଣିମାରେ ସେବାୟତଙ୍କୁ ହତ୍ୟା

### ମୁଖ୍ୟ ଅଭିଯୁକ୍ତ ନାରାୟଣ ପାଟଯୋଶୀ ଗିରଫ

### ଆଇନଶୃଙ୍ଖଳାର ଧଜିଆ ଉଡ଼ାଇଲେ ଦୁର୍ବୃତ୍ତ

### ମୃତଦେହ ଫିଙ୍ଗିବା ଭିଡିଓ ସିସିଟିଭିରେ କଏଦ

■ ପୁରୀ, ୧୧।୬ (ସମିସ): ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁରୀରେ ମାଳ ମାଳ ପୁଲିସ। ସାହି ଗଳିରେ ବି ମୁତୟନ ହୋଇଛନ୍ତି ପୁଲିସ କର୍ମୀ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୭୦ ପ୍ଲାଟୁନ ଫୋର୍ସ ନିୟୋଜିତ ଥିବାବେଳେ ସମ୍ପୂର୍ଣ୍ଣ ସହରକୁ ଜଗିଛି ସିସି କ୍ୟାମେରା। ଏହାସତ୍ତ୍ୱେ ଶ୍ରୀକ୍ଷେତ୍ରରେ ଗଡ଼ିଛି ମୁଣ୍ଡ। ପବିତ୍ର ସ୍ନାନ ପୂର୍ଣ୍ଣମୀରେ ଜଣେ ବୃଦ୍ଧ ସେବାୟତଙ୍କୁ ହତ୍ୟା କରାଯାଇଛି। ଟାଉନ୍ ଥାନା ଅନ୍ତର୍ଗତ ଗୁଡ଼ିଆସାହିରେ ୮୩ ବର୍ଷୀୟ ସୁପକାର ସେବାୟତ ଜଗନ୍ନାଥ ଦୀକ୍ଷିତ୍‌ଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଯିବା ଘଟଣା ଆଧାତ୍ମିକ ପରିବେଶରେ ଭୟର ବାତାବରଣ ଖେଳାଇ ଦେଇଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିବାବେଳେ ଜଣେ ବରିଷ୍ଠ ସେବାୟତଙ୍କ ହତ୍ୟା ଆଇନଶୃଙ୍ଖଳା ପ୍ରତି ଅଙ୍ଗୁଳି ଉଠିଛି। ତେବେ ହତ୍ୟାକାରୀ ଗୁଡ଼ିଆସାହିର ନାରାୟଣ ପାଟଯୋଶୀ ଘଟଣାସ୍ଥଳରୁ ଫେରାର୍ ଥିବାବେଳେ ତାଙ୍କୁ ତାଙ୍କ ଶଶୁର ଘର ତଥା ପୁରୀ ସଦର ଥାନା ଅନ୍ତର୍ଗତ ଶାସନ ଦାମୋଦରପୁରରୁ ଟାଉନ୍ ଥାନା ପୁଲିସ ଗିରଫ କରିଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଥିଲେ ହେଁ ଏ ନେଇ କୌଣସି ସ୍ପଷ୍ଟତା ଆସିନାହିଁ।

ପ୍ରକାଶ ଯେ, ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦିବ୍ୟ ସ୍ନାନ ଦେଖିବା ପାଇଁ ବୁଧବାର ଭୋରୁ ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼। ବିଶ୍ୱବ୍ୟାପୀ କୋଟି କୋଟି ▶ପୃଷ୍ଠା-୭

# ଯାଜପୁରରେ ବେକାବୁ ହେଉଛି ଡାଇରିଆ

## ୭ ମୃତ | ଆକ୍ରାନ୍ତ ସଂଖ୍ୟା ୫୦୦ ଟପିଲା

- କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ସ୍ଥିତି ସମୀକ୍ଷା
- ଯାଜପୁରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ଚିକିତ୍ସା
- ରାପିଡ୍ ଆକ୍ସନ୍ ଟିମ୍ ଓ ବିଶେଷଜ୍ଞ ମୁତୟନ
- କାରଣ ଖୋଜୁଛି ରାଜ୍ୟ ମାଇକ୍ରୋବାୟୋଲୋଜି ଟିମ୍



■ ଯାଜପୁର/ଭୁବନେଶ୍ୱର, ୧୧।୬ (ସମିସ): ଯାଜପୁର ଜିଲ୍ଲାରେ ଦୁଇ ଦିନ ଧରି ଜାରି ରହିଥିବା ଡାଇରିଆ ଆତଙ୍କ ଥମିବାର ନାଁ ନେଉନାହିଁ। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଝାଡ଼ାବାନ୍ତିରେ ସଂକ୍ରମିତ ହୋଇଛନ୍ତି। ଜିଲ୍ଲା ମୁଖ୍ୟ ଡାକ୍ତରଖାନାଠାରୁ ଆରମ୍ଭ କରି ଯାଜପୁରରୋଡ୍, କୋରେଇ, ଦାନଗଦି ଏବଂ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଖୁନ୍ଦି ହୋଇଯାଇଛନ୍ତି। ଡାକ୍ତରଖାନାଗୁଡ଼ିକରେ ଶଯ୍ୟା ଅଭାବରୁ ଅନେକ ରୋଗୀ ବାରଣ୍ଡାରେ ଚିକିତ୍ସିତ ହେଉଥିବାବେଳେ ବହୁ ଲୋକ ଘରେ ଚିକିତ୍ସାଧୀନ ଅଛନ୍ତି।

ଗତକାଲି ଝାଡ଼ାବାନ୍ତି ଯୋଗୁଁ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ଦାନଗଦି ବ୍ଲକ ଉଚ୍ଚବାଲି ପଞ୍ଚାୟତ ତରାଇଲୋ ଗାଁର ସୁଦର୍ଶନ ପାତ୍ର ଓ ବସନ୍ତ ପାତ୍ର, କୋରେଇ ବ୍ଲକ କନ୍ତୋର ପଞ୍ଚାୟତ ଜଳନ୍ଦା ଗାଁର ପଞ୍ଜୀନ ମଳିକଙ୍କ ପତ୍ନୀ ଜାନକୀ(୫୫), ବଡ଼ଚଣା ବ୍ଲକର ସମିଆଁ ପଞ୍ଚାୟତ କଳକଳା ଗ୍ରାମର ନଙ୍ଗୁଳି ନାୟକଙ୍କ ପୁଅ ମଦନମୋହନ ନାୟକ (୨୮) ଏବଂ ଶାଳପଡା ପଞ୍ଚାୟତ ତିଳପଦା ଗାଁର ଭାସ୍କର ▶ପୃଷ୍ଠା-୭

## ରାଜ୍ୟରେ ବିଜେପି ଶାସନକୁ ପୂରିଲା ବର୍ଷେ

# ସରକାରଙ୍କ ଉପରେ 'ପ୍ରତିଶ୍ରୁତି' ଚାପ



**ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡବିନ୍ଧା ପାଲଟିଛି ହୁଗୁଳା ପ୍ରଶାସନ**

■ ଭୁବନେଶ୍ୱର, ୧୧।୬ (ସମିସ): ଆସନ୍ତାକାଲି ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାରକୁ ପୂରିବ ବର୍ଷେ। ଏହି ବର୍ଷକ ମଧ୍ୟରେ ସରକାର ନିଜ ଉପଲବ୍ଧିକୁ ଜୋରସୋର ଢଙ୍ଗରେ ପ୍ରଚାର କରୁଛନ୍ତି। ଏପରିକି ନିର୍ବାଚନୀ ଇସ୍ତାହାରରେ ରଖିଥିବା ୨୧ଟି ପ୍ରତିଶ୍ରୁତି ପୂରଣ ମଧ୍ୟରୁ ୧୧ଟି ପୂରଣ କରିଥିବା ସରକାର ଦାବି କରୁଛନ୍ତି। ତେବେ ସରକାରଙ୍କ ଦାବି ଓ ବାସ୍ତବତା ମଧ୍ୟରେ ଆକାଶପାତାଳ ଫରକ ଥିବା ରାଜନୈତିକ ସମୀକ୍ଷକ ଓ ବିରୋଧୀମାନେ ମତପ୍ରକାଶ କରିଛନ୍ତି। ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ପାହାଡ଼ ପରି ପ୍ରତିଶ୍ରୁତି ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିବାବେଳେ ହୁଗୁଳା ପ୍ରଶାସନ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡବିନ୍ଧା ପାଲଟିଛି। ଉତ୍ତମ ବିତ୍ତୀୟ ପରିଚାଳନା, ଶୃଙ୍ଖଳିତ ପ୍ରଶାସନ, ନିୟନ୍ତ୍ରଣାଧିନ ଆଇନ ଶୃଙ୍ଖଳା ଏବଂ ବିକାଶ କାର୍ଯ୍ୟକୁ ଗତି ଦେବା ଆଗାମୀ ବର୍ଷରେ ସରକାରଙ୍କ ପାଇଁ ଆହ୍ୱାନ ପାଲଟିବା ଆଶଙ୍କା ସୃଷ୍ଟି କରିଛି।

ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ୨ ବର୍ଷରେ ୫୦ ହଜାର ଟଙ୍କା 'ସୁଭଦ୍ରା' ଭାଉଚର ପରିବର୍ତ୍ତେ ବର୍ଷକୁ ୧୦ ହଜାର ଟଙ୍କା ହିସାବରେ ୫ ବର୍ଷରେ ୫୦ ହଜାର ସହାୟତାକୁ ନେଇ ସରକାର ସମାଲୋଚନାର ଶରବ୍ୟ ହୋଇଛନ୍ତି। ଏ କ୍ଷେତ୍ରରେ ସରକାର ପ୍ରତିଶ୍ରୁତି ରକ୍ଷା କରିନାହାନ୍ତି ବୋଲି ଅଭିଯୋଗ ହୋଇଛି। ସେହିପରି ଭତ୍ତା କ୍ଷେତ୍ରରେ ମଧ୍ୟ କେବଳ ୮୦ ବର୍ଷରୁ ଅଧିକ ଏବଂ ୮୦ % ▶ପୃଷ୍ଠା-୭







## ୭ ଦିନରେ ଦେଶର ତାପମାତ୍ରା ୮ରୁ ୧୩ ଡିଗ୍ରୀ ବୃଦ୍ଧି ପାଇଛି

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ସାରାଦେଶରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗତ ୭ ଦିନ ମଧ୍ୟରେ ଦେଶବ୍ୟାପୀ ତାପମାତ୍ରା ୮ରୁ ୧୩ ଡିଗ୍ରୀ ସେଲସିଅସ୍ ବୃଦ୍ଧି ପାଇଛି। ମଙ୍ଗଳବାର ପଞ୍ଜାବର ଭଟିଣ୍ଡାରେ ତାପମାତ୍ର ୪୭.୬ ଡିଗ୍ରୀ ରେକର୍ଡ କରାଯାଇଛି ଓ ଦେଶର ସବୁଠାରୁ ଉତ୍ତପ୍ତ ସହର ବିବେଚିତ ହୋଇଛି। ସେହିପରି ହରିୟାଣାର ସିର୍ସାରେ ମଙ୍ଗଳବାର ତାପମାତ୍ରା ୪୬.୨ ଡିଗ୍ରୀ ରହିଥିଲା। ରାଜସ୍ଥାନରେ ମଧ୍ୟ ହିଟ୍‌ୱେଭ୍ ଜାରି ରହିଛି। ରାଜସ୍ଥାନର ୩ଟି ସହରର ତାପମାତ୍ରା ୪୬ ଡିଗ୍ରୀରୁ ଊର୍ଦ୍ଧ୍ୱ ରେକର୍ଡ କରାଯାଇଛି। ଶ୍ରୀଗଙ୍ଗାନଗରରେ ୪୭.୪, କୋଟାରେ ୪୬.୩ ଓ ବିକାନେରରେ ତାପମାତ୍ର ୪୬ ଡିଗ୍ରୀ ରହିଥିଲା। ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୪୩.୮ ଡିଗ୍ରୀ ରେକର୍ଡ କରାଯାଇଛି। ଏହା ବ୍ୟତୀତ ରାଜସ୍ଥାନ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶରେ ଆଗାମୀ ଦୁଇଦିନ ଲୁ ସତର୍କକତା ଜାରି କରାଯାଇଛି। ଅନ୍ୟପଟେ କେରଳରେ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି।

## ଦୁଷ୍କର୍ମ ପୀଡିତାଙ୍କୁ ଗର୍ଭପାତ ପାଇଁ ହାଇକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଜଣେ ୧୪ ବର୍ଷୀୟା ଦୁଷ୍କର୍ମ ପୀଡିତା ନାବାଳିକାଙ୍କୁ ଗର୍ଭପାତି ପାଇଁ ବମ୍ବେ ହାଇକୋର୍ଟ ଅନୁମତି ଦେଇଛନ୍ତି। ପୀଡିତା ୨୪ ସପ୍ତାହର ଗର୍ଭବତୀ ଅଛନ୍ତି। ଯଦି ଚାହନ୍ତି ତେବେ ସେ ଗର୍ଭପାତ କରାଇପାରିବେ ବୋଲି କୋର୍ଟ କହିଛନ୍ତି। ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାରେ ଏହି ଘଟଣା ଘଟିଛି। ଜଣେ ଯୁବକ ଇନଷ୍ଟାଗ୍ରାମ୍‌ରେ ନାବାଳିକାଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିବା ପରେ ତାଙ୍କର ଯୌନ ଶୋଷଣ କରିଥିଲେ। ପୀଡିତାଙ୍କ ପିରିୟଡ ନ ହେବା ଫଳରେ ତା'ର ମାଙ୍କ ସନ୍ଦେହ ହୋଇଥିଲା। ଟେଷ୍ଟ ପରେ ସେ ଗର୍ଭବତୀ ଅଛନ୍ତି ବୋଲି ମା ଜାଣିବାକୁ ପାଇଥିଲେ। ଅଭିଯୁକ୍ତ ଯୁବକଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯାଇଛି। ମେଡିକାଲ ଯାଞ୍ଚ ପରେ କୋର୍ଟ ଗର୍ଭପାତ କରିବାକୁ ଅନୁମତି ଦେଇଛନ୍ତି।

## ଇରାନ୍ ପେଟ୍ରୋକେମିକାଲ ପ୍ଲାଣ୍ଟରେ ନିଆଁ: ୩ ମୃତ

ତେହେରାନ୍, ୧୧।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ଇରାନ୍‌ର ବୁସେହର ରାଜ୍ୟରେ ଥିବା କାଭେସ୍ ପେଟ୍ରୋକେମିକାଲ ପ୍ଲାଣ୍ଟରେ ଭିଷଣ ନିଆଁ ଲାଗିଛି। ଏହି ଘଟଣାରେ ୩ଜଣ ମୃତ୍ୟୁ ବରଣ କରିଛନ୍ତି। ବୁଧବାର ଏହି ପ୍ଲାଣ୍ଟରେ ନିଆଁ ଲାଗିଥିଲା ଓ ଅଣାୟତ ହୋଇଥିଲା। ୧୦ ଜଣ ଲୋକ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଗଣମାଧ୍ୟମ ତରଫରୁ ସୂଚନା ଦିଆଯାଇଛି। ଏହାର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଛି। ତେହେରାନଠାରୁ ଏହି ପ୍ଲାଣ୍ଟ ୧, ୨୦୦ କିମି ଦକ୍ଷିଣରେ ଅବସ୍ଥିତ। ଉଲ୍ଲେଖଥାଉ କି, ପାଖାପାଖି ମାସକ ପୂର୍ବରୁ ବନ୍ଦର ଆବାସସ୍ଥିତ ଶହିଦ ରାଜି ପୋର୍ଟରେ ଘଟିଥିବା ଏକ ବଡ଼ ଧରଣର ବିସ୍ଫୋରଣରେ ୫୮ ଲୋକ ମୃତ୍ୟୁବରଣ କରିଥିଲେ ଓ ପ୍ରଭୁତ କ୍ଷତି ଘଟିଥିଲା।

## ହିମାଚଳରେ ଇସ୍ରାଏଲ୍ ପର୍ଯ୍ୟଟକ ନିଖୋଜ

ଧର୍ମଶାଳା, ୧୧।୬(ଏଜେନ୍ସି): ହିମାଚଳ ପ୍ରଦେଶରେ ସାମୁଏଲ୍ ଭେଙ୍ଗରିନୋଭିକ ନାମକ ଜଣେ ବିଦେଶୀ ପର୍ଯ୍ୟଟକ ନିଖୋଜ ହୋଇଛନ୍ତି। ସେ ୩୫ରୁ ୪୦ ବର୍ଷ ବୟସ୍କ ବୋଲି ଅନୁମାନ କରାଯାଉଛି ଓ ଇସ୍ରାଏଲର ନାଗରିକ ବୋଲି ଜଣାଯାଇଛି। ଧର୍ମଶାଳାରେ ଟ୍ରାକିଂ ରୁଟ୍ ତ୍ରିୟୁଣ୍ଡରୁ ସେ ନିଖୋଜ ହୋଇଛନ୍ତି। ତାଙ୍କ ସାଥି ଏଡିବଲମ୍ ସୋମବାର ମେକ୍ଲୋଡଗଞ୍ଜ ଥାନାରେ ଏ ନେଇ ସୂଚନା ଦେଇଛନ୍ତି। ସେ ଜୁନ୍ ୬ରେ ଟ୍ରାକିଂ କରିବାକୁ ବାହରିଥିଲେ ଓ ରାତି ପର୍ଯ୍ୟନ୍ତ ଫେରିନାହାନ୍ତି। ସାମୁଏଲ ଧର୍ମକୋଟରେ ରହୁଛନ୍ତି। ୫ଜଣ ଲୋକ ହିମାଚଳ ଯାତ୍ରାରେ ଆସିଥିଲେ। କିନ୍ତୁ ସାମୁଏଲ ଟ୍ରାକିଂ ବେଳେ ନିଖୋଜ ହୋଇଥିଲେ। ଫଳରେ କାଙ୍ଗରା ଜିଲ୍ଲା ପ୍ରଶାସନ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ଏ ନେଇ ସ୍ଥାନୀୟ ଲୋକଙ୍କୁ ସୂଚନା ଦେବାକୁ ଅପିଲ କରାଯାଇଛି। ଏ ସଂକ୍ରାନ୍ତରେ ଦିଲ୍ଲୀସ୍ଥିତ ଇସ୍ରାଏଲ ଦୂତାବାସକୁ ସୂଚନା ଦିଆଯାଇଛି।

## ଜଳନ୍ତା ଜାହାଜରୁ ୧୮ ଉଦ୍ଧାର

ତାଇପେ ସିଟି, ୧୧।୬(ଏଜେନ୍ସି): ଭାରତୀୟ ନୌବାହିନୀକୁ ଚୀନ୍ ପରେ ତାଇୱାନ କୃତଜ୍ଞତା ଜଣାଇଛି। ଆରବ ସାଗରରେ କେରଳର କୋଚିଠାରୁ ପାଖପାଖି ୪୪ ନୋଟିକାଲ ମାଇଲ୍ ଦୂରରେ ଏକ କଣ୍ଟେନର ଜାହାଜ ଏମ୍‌ଭି ୱାନ ହାଇ ୫୦୩ରେ ଜୁନ୍ ୯ରେ ଏକ ବିସ୍ଫୋରଣ ପରେ ଭୀଷଣ ନିଆଁ ଲାଗିଥିଲା। ନିଆଁ ଦ୍ରୁତଗତିରେ ବ୍ୟାପୀଥିଲା ଓ ଆହୁରି କେତୋଟି ବିସ୍ଫୋରଣ ହୋଇଥିଲା। ଫଳରେ ଜାହାଜ ବୁଡ଼ିବା ଭଳି ସ୍ଥିତି ଉପୁଜିଥିଲା। ନୌବାହିନୀ ଏହି ଜାହାଜରୁ ୧୮ ଜଣ କ୍ରିୟୁ ମେମ୍ବରଙ୍କୁ ଉଦ୍ଧାର କରିଥିଲା। ଏମାନଙ୍କ ମଧ୍ୟରେ ଚୀନ୍ ଓ ତାଇୱାନର କେତେଜଣ ନାଗରିକ ରହିଥିଲେ। ତେଣୁ ଚୀନ୍ ଓ ତାଇୱାନ ଭାରତୀୟ ନୌବାହିନୀ ସାହସିକତା ଓ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇନ୍ତି। ଏଥିସହ ଆହତ ହୋଇଥିବା କ୍ରିୟୁ ମେମ୍ବରଙ୍କୁ ଶୀଘ୍ର ଉପଚାର କରାଇବାକୁ ଦୁଇ ଦେଶର ଅଧିକାରୀ ଆଶା ପ୍ରକାଶ କରିଛନ୍ତି। ଏହି ଜାହାଜ ଶ୍ରୀଲଙ୍କାର କଲମ୍ବୋରୁ ମୁମ୍ବଇର ହ୍ନାବା ସେବା ବନ୍ଦର ଯାଉଥିଲା ଓ ୧୦ ଜୁନ୍‌ରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା।

ଏହି ଜାହାଜରେ ପାଖାପାଖି ୬୫୦ କଣ୍ଟେନର ଥିଲା ଓ ଏଥିରେ ୨୦୦୦ ଟନ୍ ତେଲ ଓ ୨୪୦ ଟନ ଡିଜେଲ ରହିଥିଲା। ଜୁନ୍ ୯ ସକାଳ ୯.୩୦ରେ ନୌବାହିନୀକୁ ଏ ନେଇ ସୂଚନା ମିଳିଥିଲା। ପାଖାପାଖି ୭ ଘଣ୍ଟାର ରେସ୍କ୍ୟୁ ଅପରେସନ ହୋଇଥିଲା।

## 'ସାରା ବିଶ୍ୱକୁ ଡକାଇଥିଲା ବିସିସିଆଇ'



ବେଙ୍ଗାଲୁରୁ, ୧୧।୬ (ଏଜେନ୍ସି): ରାୟଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ବିଜୟ ଉତ୍ସବରେ ଦଳାଚକଟାକୁ ନେଇ କର୍ଣ୍ଣାଟକ ସରକାର ହାତ ଟେକି ଦେଇଛନ୍ତି। ଭିଡ଼ ନିୟନ୍ତ୍ରଣ ପାଇଁ ସଠିକ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ୧୧ ଜଣ ଲୋକଙ୍କ ଜୀବନ ଯାଇଥିଲା ବୋଲି ଅଭିଯୋଗ ହେଉଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଯୋଗ ଦେଇଥିବା ସତ୍ତ୍ୱେ ସରକାର ନିଜ ଉପରୁ ଦୋଷ ଛଡ଼ାଇ ଦେଇଛନ୍ତି। ଦଳାଚକଟା ପାଇଁ ଆରସିବି ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ରାଜ୍ୟ ସରକାର ଦାୟୀ କରିଛନ୍ତି। ବୁଧବାର କର୍ଣ୍ଣାଟକ ହାଇକୋର୍ଟରେ ମାମଲାର ଶୁଣାଣି ଚାଲିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। କୁହାଯାଇଛି ଯେ ବିଜୟ ଉତ୍ସବ କାର୍ଯ୍ୟକ୍ରମ ପାଇଁ କୌଣସି ପ୍ରକାରର ଅନୁମତି ନିଆଯାଇ ନ ଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆୟୋଜକମାନେ ସୋସିଆଲ ମିଡିଆ ମାଧ୍ୟମରେ ସାରା ବିଶ୍ୱକୁ ଡାକିଥିଲେ। ଏହି ମାମଲାରେ ଆର୍‌ସିବିର ମାର୍କେଟିଂ ମୁଖ୍ୟ ନିଖିଲ ସୋସଲେ ଏବଂ ଅନ୍ୟ ୪ ଜଣଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ଏମାନେ ଗିରଫକୁ ବେଆଇନ କହିଥିଲେ। ଏହା ବିରୋଧରେ ଦାଏର ଆବେଦନ ଉପରେ ଆଜି ହାଇକୋର୍ଟ ଶୁଣାଣି କରିଥିଲେ। ଗତ ୧୦ ତାରିଖରେ ସୋସଲେ କହିଥିଲେ ଯେ ପୁଲିସ ଅଧିକାରୀଙ୍କୁ କୋର୍ଟ କେବଳ ନିଲମ୍ବନ କରାଯାଇଛି। ତାଙ୍କୁ ଗିରଫ କରାଯାଇ ନାହିଁ। କେବଳ ମୋ ସହ ଏପରି କାହିଁକି କରାଯାଉଛି? ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଶଶି କିରଣ ସେଟ୍ଟୀ କୋର୍ଟଙ୍କୁ ଜଣାଇ ଥିଲେ ଯେ ବିଜୟ ଉତ୍ସବ କିମ୍ବା ଷ୍ଟାଡିୟମରେ କାର୍ଯ୍ୟକ୍ରମ ନେଇ ଆର୍‌ସିବି ପକ୍ଷରୁ ଅନୁମତି ନିଆଯାଇ ନ ଥିଲା। କେବଳ ଜୁନ୍ ୩ରେ ମ୍ୟାଚ୍ ଆରମ୍ଭ ହେବାର ଏକ ଘଣ୍ଟା ପୂର୍ବରୁ ଆରସିବି ପକ୍ଷରୁ ଏକ ଚିଠି ଲେଖା ଯାଇଥିଲା। ଏଥିରେ ବିଜୟ ଉତ୍ସବ ଆୟୋଜନ କରାଯିବ ବୋଲି କୁହାଯାଇଥିଲା। ସେମାନେ ଅନୁମତି ମାଗି ନ ଥିଲେ, କେବଳ ଯୋଜନା ବିଷୟରେ ସୂଚନା ଦେଇଥିଲେ।

## ନ୍ୟାୟିକ ସକ୍ରିୟତା ନ୍ୟାୟିକ ଆତଙ୍କବାଦରେ ପରିଣତ ନ ହେଉ



ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ଭାରତୀୟ ସମ୍ବିଧାନ କେବଳ ଅଧିକାର ଦେଉନାହିଁ, ବରଂ ଏହା ସମାଜର ପଛୁଆ ଏବଂ ଦଳିତ ବର୍ଗଙ୍କୁ ପ୍ରଗତି ପାଇଁ ମଧ୍ୟ କାର୍ଯ୍ୟ କରୁଛି ବୋଲି ଭାରତର ପ୍ରଧାନ ବିଚାରପତି ବିଆର ଗଭାଇ କହିଛନ୍ତି। ସେ ଅକ୍ସଫୋର୍ଡ ୟୁନିଅନର ଏକ କାର୍ଯ୍ୟକ୍ରମରେ ଏହି ମନ୍ତବ୍ୟ ଦେଇ ନ୍ୟାୟିକ ଆତଙ୍କବାଦୀ ନେଇ ଚେତାବନୀ ମଧ୍ୟ ଦେଇଛନ୍ତି। ଦେଶରେ ନ୍ୟାୟିକ ସକ୍ରିୟତା (ଜୁଡିସିଆଲ ଆକ୍ଟିଭିଜିମ)ର ଭୂମିକା ଜାରି ରହିବ। କିନ୍ତୁ ଏହା ନ୍ୟାୟିକ ଆତଙ୍କବାଦରେ ପରିଣତ ନ ହେବା ଉଚିତ। ଅର୍ଥାତ୍ ନ୍ୟାୟିକ ସକ୍ରିୟତାକୁ ଏତେ ପ୍ରୋତ୍ସାହନ ଦେବା ଉଚିତ ନୁହେଁ, ଯାହାକି ଏହା ନ୍ୟାୟିକ ଆତଙ୍କବାଦରେ ପରିଣତ ହୋଇଯିବ। ଅନେକ ସମୟରେ ଏପରି ଦେଖାଯାଇଥାଏ। ଯେଉଁ କ୍ଷେତ୍ରରେ ନ୍ୟାୟପାଳିକା ମୁଣ୍ଡ ଖେଳାଇବା ଅନୁଚିତ ସେହି କ୍ଷେତ୍ରରେ ହିଁ ଏହା ହସ୍ତକ୍ଷେପ କରିଥାଏ। ପ୍ରଧାନ ବିଚାରପତି କହିଛନ୍ତି ଯେ ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା କରିବାରେ କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ବିଫଳ ହେଲେ ନ୍ୟାୟପାଳିକାକୁ ହସ୍ତକ୍ଷେପ କରିବାକୁ ପଡ଼ିଥାଏ। ଏହି ପ୍ରକ୍ରିୟା ଜାରି ରହିବ। କିନ୍ତୁ ଏହି ହସ୍ତକ୍ଷେପର ନିର୍ଦ୍ଦିଷ୍ଟ ସୀମା ଏବଂ ମର୍ଯ୍ୟାଦା ରହିବା ଉଚିତ। ଏହାସହିତ ସେ ସ୍ପଷ୍ଟ କରିଦେଇଛନ୍ତି ଯେ କେଣେସି ପଦେକ୍ଷପ ସମ୍ବିଧାନର ବିରୁଦ୍ଧାଚରଣ କଲେ କୋର୍ଟ ହସ୍ତକ୍ଷେପ କରିବା ଜରୁରି।

### ଅପରେସନ୍ ହନିମୁନ୍: ସ୍ୱୀକାର କଲା ସୋନମ୍

## ହଁ, ମୁଁ ସ୍ୱାମୀଙ୍କୁ ହତ୍ୟା କରିଛି

ସିଲଂ, ୧୧।୬ (ଏଜେନ୍ସି): ଶେଷରେ ସୋନମ ମାନିଲା ଯେ ସେ ହିଁ ତାର ପତି ରାଜା ରଘୁବଂଶୀଙ୍କୁ ହତ୍ୟା କରିଛି। ହନିମୁନରେ ମେଘାଳୟ ଯିବା ପୂର୍ବରୁ ରାଜାଙ୍କୁ ହତ୍ୟା କରିବା ଲାଗି ସୋନମ ତାର ପ୍ରେମିକ ରାଜ ସହିତ ମିଶି ଷଡ଼ଯନ୍ତ୍ର କରିଥିଲା। ସ୍ୱାମୀଙ୍କୁ ହତ୍ୟା କରିବା ଲାଗି ସେ କଣ୍ଟ୍ରାକ୍ଟ କିଲରମାନଙ୍କୁ ନିୟୋଜିତ କରିଥିଲା।



ମେଘାଳୟ ପୁଲିସ ଆଜି ଏହି ସୂଚନା ଦେଇଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ଉତ୍ତର ପ୍ରଦେଶରୁ ଆଣିବା ପରେ ସିଲଂରେ ସୋନମକୁ ପଚରାଉଚରା କରାଯାଇଛି। ଗାଜିପୁରରୁ ସିଲଂ ଆସିବା ଲାଗି ୨୭ ଘଣ୍ଟା ଲାଗିଥିଲା। ଯାତ୍ରା ସମୟରେ ସୋନମ ପୁଲିସ ସହିତ କୌଣସି ପ୍ରକାର କଥାବାର୍ତ୍ତା କରିନଥିଲା। ସିଲଂରେ ପହଞ୍ଚିବା ପରେ ତାକୁ ଜେରା କରିବା ଆରମ୍ଭ କରିଥିଲା ପୁଲିସ। ପ୍ରଥମେ ସୋନମ ଏହି ହତ୍ୟାକାଣ୍ଡରେ ସାମିଲ ଥିବା ନେଇ ମନା କରିଥିଲା। କହିଥିଲା ଯେ ତାଠାରୁ ଜିନିଷପତ୍ର ଲୁଟ୍ କରିବା ପରେ ଲୁଟେରାମାନେ ଏଭଳି ହତ୍ୟାକାଣ୍ଡ ଘଟାଇ ଥାଇପାରନ୍ତି। ତେବେ ପୁଲିସ ସମସ୍ତ ତଥ୍ୟ ପ୍ରମାଣ ତା ଆଗରେ ଉପସ୍ଥାପିତ କରିବା ପରେ ସୋନମ କାନ୍ଦିବା ଆରମ୍ଭ କରିଥିଲା ଏବଂ ହତ୍ୟାକାଣ୍ଡରେ ଜଡିତ ଥିବା ସ୍ୱୀକାର କରିଥିଲା। ହତ୍ୟାକାଣ୍ଡ ପରେ ହତ୍ୟାକାରୀମାନଙ୍କୁ ସୋନମ ଭେଟୁଥିବାର ଦୃଶ୍ୟ ସଂକ୍ରାନ୍ତ ସିସିଟିଭି ଫୁଟେଜ, ମୋବାଇଲ କଲ୍ ରେକର୍ଡସ ଏବଂ ହତ୍ୟାକାଣ୍ଡ ସ୍ଥଳରୁ ମିଳିଥିବା ରେନକୋଟ୍ ଏବଂ ରକ୍ତଭିଜା ସାର୍ଟ ଭଳି କିଛି ସାମଗ୍ରୀ ପୁଲିସ ଅଧିକାରୀ ସୋନମକୁ ଦେଖାଇଥିଲେ। ରେନକୋଟ୍ ଓ ରକ୍ତଭିଜା ସାର୍ଟ ତାର ବୋଲି ସୋନମ ଚିହ୍ନଟ କରିବା ସହିତ ହତ୍ୟା କଥା ସ୍ୱୀକାର କରିଥିଲା। ସିଲଂ ଏସ୍‌ପି କହିଲେ ଯେ ରାଜା ହତ୍ୟାକାଣ୍ଡରେ ତାଙ୍କର ପତ୍ନୀ ସୋନମ ସଂପୃକ୍ତ ଥିବାର ଠୋସ୍ ପ୍ରମାଣ ପୁଲିସ ପାଖରେ ରହିଛି। ଗତକାଲି ସୋନମର ପ୍ରେମିକ ରାଜ ଏବଂ ଅନ୍ୟ ତିନି ଜଣ

**■ ପ୍ରେମିକ ସହ ମିଶି ହତ୍ୟା ଷଡ଼ଯନ୍ତ୍ର କରିଥିଲି**

ହତ୍ୟାକାରୀ ରାଜାଙ୍କୁ ହତ୍ୟା କରିଥିବା ପୁଲିସ ଆଗରେ ମାନିନେଇଥିଲେ। ସେମାନେ କେବଳ ହତ୍ୟା କଥା ମାନି ନାହାନ୍ତି, ସେମାନେ ଆହୁରି କହିଛନ୍ତି ଯେ ହତ୍ୟା ବେଳେ ସୋନମ ସେଠାରେ ଉପସ୍ଥିତ ଥିଲା ଏବଂ ରାଜା ମରୁଥିବାର ଦୃଶ୍ୟ ସେ ଦେଖିଥିଲା।

ସୂଚନାଯୋଗ୍ୟ ଯେ ମେ ୧୧ ତାରିଖରେ ସୋନମ ଏବଂ ରାଜାଙ୍କ ବିବାହ ଇନ୍ଦୋରରେ ହୋଇଥିଲା। ଏହାପରେ ସେମାନେ ହନିମୁନ ପାଇଁ ମେଘାଳୟ ଯାଇଥିଲେ। ରାଜାଙ୍କ ପରିବାର ଅଭିଯୋଗ କରିଛନ୍ତି ଯେ କାମାକ୍ଷା ମନ୍ଦିର ଦର୍ଶନ ସହିତ ମେଘାଳୟ ଯିବା ଲାଗି ସୋନମ ଜିଦ୍ ଧରିଥିଲା। ସେ ରାଜାଙ୍କୁ ବୁଝାଇଥିଲା ଯେ କାମାକ୍ଷା ମନ୍ଦିର ଦର୍ଶନ ନକରିବା ପର୍ଯ୍ୟନ୍ତ ସେମାନଙ୍କର ବିବାହ ଅଧୁରା ରହିବ। ସୋନମ କଥାରେ ରାଜି ହୋଇଥିଲେ ରାଜା। କାମାକ୍ଷା ମନ୍ଦିର ଦର୍ଶନ ପରେ ପଡ଼ୋଶୀ ରାଜ୍ୟ ମେଘାଳୟ ଯିବା ଲାଗି ଯୋଜନା କରିଥିଲେ। ମେ ୨୩ ତାରିଖରେ ସେମାନେ ମେଘାଳୟର ଏକ ହୋଟେଲରୁ ବାହାରୁ ଥିବାର ଦେଖାଯାଇଥିଲା। ଏହାପରେ ସେମାନେ ନିଖୋଜ ହୋଇଯାଇଥିଲେ। ଏହାର ୧୦ଦିନ ପରେ ସେଠାରୁ ୨୦ କିଲୋମିଟର ଦୂରରେ ୨୦୦ ଫୁଟ୍ ଗଭୀର ଏକ ଗାତରେ ରାଜାଙ୍କର ମୃତଦେହ ମିଳିଥିଲା। କିନ୍ତୁ ପତ୍ନୀ ସୋନମ ନିଖୋଜ ରହିଥିଲା। ତାକୁ ଠାବ କରିବା ଲାଗି ପୁଲିସକୁ ନାକେଦମ ହେବାକୁ ପଡ଼ିଥିଲା। ତେବେ ଗତ ୯ ତାରିଖ (ସୋମବାର) ବିଳମ୍ବିତ ରାତିରେ ସିଲଂ ଠାରୁ ୧୩୦୦ କିଲୋମିଟର ଦୂର ଉତ୍ତର ପ୍ରଦେଶର ଗାଜିପୁରରେ ସୋନମ ଆତ୍ମପ୍ରକାଶ କରିଥିଲା। ସେ ଲୁଟ୍‌ର ଶିକାର ହୋଇଥିବା ନେଇ କାହାଣୀ ଶୁଣାଇଥିଲା। କିନ୍ତୁ ସେତେବେଳେ ମେଘାଳୟ ପୁଲିସ ହାତରେ ସୁରାକ୍ ମିଳିଯାଇଥିଲା ଯେ ସ୍ୱାମୀଙ୍କୁ ହତ୍ୟା କରି ସୋନମ ଫେରାର ହୋଇଯାଇଛି। ସୋନମ ସମେତ ତାର ପ୍ରେମିକ ରାଜ ଏବଂ ଅନ୍ୟ ତିନି ଜଣ ହତ୍ୟାକାରୀ ଏବେ ପୁଲିସ ହାଜତରେ ଅଛନ୍ତି। ପୁଲିସ ପକ୍ଷରୁ କୁହାଯାଇଛି ଯେ ସୋନମର ପ୍ରେମିକ ରାଜ ମେଘାଳୟ ଯାଇନଥିଲେ ମଧ୍ୟ ଇନ୍ଦୋରରେ ରହି ହତ୍ୟା ଷଡ଼ଯନ୍ତ୍ରକୁ କାର୍ଯ୍ୟକାରୀ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା।

ଇତିମଧ୍ୟରେ ସୋନମର ଭାଇ ଗୋବିନ୍ଦ ଆଜି ରାଜାଙ୍କ ଘରକୁ ଯାଇ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସେ କହିଛନ୍ତି ଯେ ତାଙ୍କର ଭଉଣୀ ସୋନମ ଏହି ହତ୍ୟାକାଣ୍ଡରେ ସଂପୃକ୍ତ ରହିଛି। ତାକୁ ଫାଶୀ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ କଂଗ୍ରେସର ୪ ପ୍ରଶ୍ନ

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): କଂଗ୍ରେସ ପକ୍ଷରୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୪ଟି ପ୍ରଶ୍ନ କରାଯାଇଛି। ସର୍ବଦଳୀୟ ବୈଠକ ଡକାଇବା, ଅପରେସନ ସିନ୍ଦୂର ଉପରେ ସମୀକ୍ଷା କମିଟି ଗଠନ, ମୌସୁମୀ ଅଧିବେଶନ ସମୟରେ ୨ ଦିନିଆ ଆଲୋଚନା ଏବଂ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସାମିଲ ଆତଙ୍କବାଦୀଙ୍କୁ ଧରିବା ପ୍ରୟାସ ସମ୍ବନ୍ଧିତ ପ୍ରଶ୍ନ ପଚରାଯାଇଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏହି ପ୍ରଶ୍ନ ପଚାରିଛନ୍ତି ଯେ ପ୍ରଧାନମନ୍ତ୍ରୀ ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କେବେ କରିବେ? ଦଳର ସାଂସଦଙ୍କ ପରିବର୍ତ୍ତେ ନେତାଙ୍କୁ କେବେ ଭେଟିବେ? ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସାମ୍ନାକୁ ଆସିଥିବା ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା ଆହ୍ୱାନ ମାମଲାରେ ନେତାଙ୍କୁ କେବେ ବିଶ୍ୱାସକୁ ନେବେ? ଜୟରାମ ପୁଣି ପଚାରିଛନ୍ତି ଯେ କାର୍‌ଗିଲ ଯୁଦ୍ଧ ସମୟରେ ଦେଶରେ କାର୍‌ଗିଲ ସମୀକ୍ଷା କମିଟି ଥିଲା। ସିଙ୍ଗାପୁରରେ ସିଡିଏସ୍ ଖୁଲାସା ପରେ ବି ଏଭଳି ପଦକ୍ଷେପ ନିଆଯିବ କି? ସମୀକ୍ଷା କିମ୍ବା ବିଶ୍ଳେଷଣ କରାଯିବ କି? କିଛି ରିପୋର୍ଟ ପ୍ରସ୍ତୁତ କରି ସଂସଦରେ ଉପସ୍ଥାପନ କରାଯିବ କି? ତୃତୀୟରେ ମୌସୁମୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ଆଭ୍ୟନ୍ତରୀଣ ଏବଂ ବାହ୍ୟ ସୁରକ୍ଷା, ନୂଆ ଟେକ୍ନୋଲୋଜି ଆହ୍ୱାନ ଏବଂ ଆମେରିକା ରାଷ୍ଟ୍ରପତିଙ୍କ ଦାବି ଉପରେ ସୂଚନା ଦେବେ କି?

### ମୋଦୀ ୧୧ ବର୍ଷରେ ୩୩ ଭୁଲ୍ କରିଛନ୍ତି: ଖଡ଼୍‌ଗେ



ନୂଆଦିଲ୍ଲୀ: ଗତ ୧୧ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩୩ ଭୁଲ୍ କରିଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ।। ସେ କହିଛନ୍ତି ଯେ ଗତ ୧୧ ବର୍ଷରେ ମୋଦୀ ସରକାର ଭାରତୀୟ ଗଣତନ୍ତ୍ର, ଅର୍ଥ ବ୍ୟବସ୍ଥା ଏବଂ ସାମାଜିକ ସ୍ଥିତିକୁ ଗଭୀର ଆଘାତ ଦେଇଛନ୍ତି। ବିଜେପି-ଆରଏସଏସ ସବୁ ସାମ୍ବିଧାନିକ ସଂସ୍ଥାକୁ ଦୁର୍ବଳ କରିଦେଇଛି। ଏହାର ସ୍ୱାଧୀନତା ଉପରେ କଡ଼ା ପ୍ରହାର କରିଛି। ଅନେକ ସରକାର ଭାଙ୍ଗି ଦିଆଯାଇଛି। ଏକଦଳୀୟ ଏକଛତ୍ରଶାସନ ଜବରଦସ୍ତି ଥୋପି ଦିଆଯାଇଛି। ରାଜ୍ୟର ହକ୍‌କୁ ଅଣଦେଖା ଏବଂ ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରାଯାଇଛି। ସମାଜରେ ଭୟ, ଘୃଣା ଏବଂ ଧମକର ପରିବେଶ ବଢ଼ିବାରେ ଲାଗିଛି। ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଏବଂ ଦୁର୍ବଳ ବର୍ଗଙ୍କ ପ୍ରତି ଶୋଷଣ ବଢି ଚାଲିଛି। ଏମାନଙ୍କୁ ନିଜ ଅଧିକାରଠାରୁ ବଞ୍ଚିତ ରଖାଯାଉଛି। ମଣିପୁର ହିଂସା ବିଜେପିର ପ୍ରଶାସନିକ ବିଫଳତାର ସବୁଠୁ ବଡ଼ ପ୍ରମାଣ ପାଲଟିଛି। ୨ କୋଟି ଚାକିରି ଦେବା ପରିବର୍ତ୍ତେ ଲୋକଙ୍କୁ ଚାକିରି ଛଡ଼ାଇ ନିଆଯାଉଛି। ମହଙ୍ଗା ମାଡ଼ ଏତେ ବଢିଛି ଯେ ଲୋକଙ୍କ ସଞ୍ଚୟ ୫୦ ବର୍ଷରେ ସବୁଠୁ କମ୍ ରହିଛି। ଗତ ୧୧ ବର୍ଷରେ କେବଳ ସମ୍ବିଧାନର ପ୍ରତ୍ୟେକ ପୃଷ୍ଠାକୁ ଏକଛତ୍ରବାଦର କାଳୀରେ ରଗଡ଼ା ଯାଇଛି।

## ପ୍ରିୟଙ୍କାଙ୍କୁ କେରଳ ହାଇକୋର୍ଟଙ୍କ ନୋଟିସ୍



କୋଚି, ୧୧।୬(ଏଜେନ୍ସି): କେରଳ ହାଇକୋର୍ଟ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀଙ୍କୁ ବୁଧବାର ନୋଟିସ ଜାରି କରିଛନ୍ତି। ୱାଏନାଡ ଲୋକସଭା ଆସନରେ ହୋଇଥିବା ଉପ-ନିର୍ବାଚନରେ ତାଙ୍କ ବିଜୟକୁ ଚ୍ୟାଲେଞ୍ଜ କରି ବିଜେପି ନେତା ନବ୍ୟା ହରିଦାସ ପିଟିସନ ଫାଇଲ କରିଥିଲେ। ପ୍ରିୟଙ୍କା ନିର୍ବାଚନ ସତ୍ୟପାଠରେ ନିଜର ଓ ନିଜ ପରିବାର ସମ୍ପତ୍ତି ନେଇ ଭୁଲ ତଥ୍ୟ ପ୍ରଦାନ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପ୍ରିୟଙ୍କା ଜାଣିଶୁଣି ନିଜ ସମ୍ପତ୍ତି ଲୁଚାଇଛନ୍ତି। ଏହା ଭ୍ରଷ୍ଟ ଅଚାରଣର ଅଂଶବିଶେଷ। ମିଛ ତଥ୍ୟ ପ୍ରଦାନ କରି ସେ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି ବୋଲି ହରିହର ଅଭିଯୋଗ ଆଣିଛନ୍ତି।

## ମୋଦୀଙ୍କୁ ଭେଟିବାକୁ ହେଲେ ମନ୍ତ୍ରୀଙ୍କୁ ଆର୍‌ଟି- ପିସିଆର୍ ଟେଷ୍ଟ ଜରୁରୀ



ନୂଆଦିଲ୍ଲୀ, ୧୧।୬(ଏଜେନ୍ସି): ଦେଶରେ କରୋନା ଭାଇରସର କେସ୍ ଓ ଏ ନେଇ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସକ୍ଷାତ କରିବା ପାଇଁ ଏବେ ସବୁ ମନ୍ତ୍ରୀଙ୍କୁ ଆରଟି- ପିସିଆର ଟେଷ୍ଟ କରିବାକୁ ହେବ ବୋଲି କୁହାଯାଇଛି। ସରକାରଙ୍କ ତରଫରୁ ଏହି ନିର୍ଦ୍ଦେଶ ଦିଆଯାଇଛି ବୋଲି କୁହାଯାଇଛି। ଦେଶବ୍ୟାପୀ କରୋନାର ଆକ୍ଟିଭ ସଂଖ୍ୟା ୭୧୨୧ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ନୂଆ ୩୦୦ ମମଲା ସାମ୍ନାକୁ ଆସିଛି। କେରଳରେ ସବୁଠାରୁ ଅଧିକ ୨୨୨୩ କେସ୍ ଚିହ୍ନଟ ହୋଇଛି। ଏହାପରେ ଗୁଜରାଟରେ ୧୨୨୩, ଦିଲ୍ଲୀର ୫୭୫ ଓ ପଶ୍ଚିବବଙ୍ଗରେ ୭୪୭ଟି ପଜିଟିଭ ରୋଗୀ ଚିହ୍ନଟ ହୋଇଛନ୍ତି। କରୋନାର ଏହି ନୂଆ ଭେରିଏଣ୍ଟ ଦ୍ୱାରା ଏପର୍ଯ୍ୟନ୍ତ ୭୪ ଲୋକ ପ୍ରାଣ ହରାଇଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି। ଗତ ମଙ୍ଗଳବାର ୬ଜଣ ଲୋକ କରୋନାରେ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ କେରଳରେ ୩, କର୍ଣ୍ଣାଟକରେ ୨ ଓ ମହାରାଷ୍ଟ୍ରରେ ଜଣେ ଲୋକଙ୍କର ମୃତ୍ୟୁ ହୋଇଛି। ଗତ ୧୦ ଦିନ ମଧ୍ୟରେ ୩୦୦୦ ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ୪୦ଜଣ ପ୍ରାଣ ହରାଇଛନ୍ତି। ପ୍ରତିଦିନ ୩୫୦ରୁ ଅଧିକ କେସ୍ ସାମ୍ନାକୁ ଆସୁଛି। କେରଳର ସବୁ ହସ୍ପିଟାଲରେ ଶର୍ଦ୍ଦି, କାସ ଓ ନିଶ୍ୱାସ ନେବାର ସମସ୍ୟା ଥିବା ରୋଗୀଙ୍କ କୋଭିଡ୍ ଟେଷ୍ଟ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଏଲନ ମସ୍କ ଅନୁତପ୍ତ

ୱାଶିଂଟନ, ୧୧।୬(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଯୁକ୍ତି ଓ ବିବାଦ କରି ଟେସ୍‌ଲା ମୁଖ୍ୟ ଏଲନ ମସ୍କ ଏବେ ଅନୁଶୋଚନା କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କୁ ନେଇ ଗତ ସପ୍ତାହରେ କରିଥିବା କୋତୋଟି ପୋଷ୍ଟକୁ ନେଇ ଅନୁଶୋଚନା କରୁଛି। ଆବଶ୍ୟକତାଠାରୁ ଅଧିକ କିଛି ପୋଷ୍ଟ କରିଦେଇଥିଲି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ



ସ୍ୱୀକାର କରିଛନ୍ତି। ମସ୍କଙ୍କ ସହ ସମ୍ପର୍କ ଶେଷ ହେବା କଥା ଘୋଷଣା କରିବାର ଦିନ କେତୋଟି ପରେ ମସ୍କ ଏହି କଥା କହିଛନ୍ତି। ଫଳରେ ଏବେ ଦୁହିଁଙ୍କ ମଧ୍ୟରେ ଅଲ୍ ଇଜ୍ ୱେଲ୍ ଅର୍ଥାତ ସବୁକିଛି ଠିକଠାକ ହେବ ବୋଲି ଆଶା କରାଯାଉଛି। ବିଗ୍ ବିୟୁଟିଫୁଲ୍ ବିଲ୍‌କୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା ଓ ପରେ ଏହା ଚରମ ସୀମାରେ ପହଞ୍ଚିଥିଲା।

ଅବଶ୍ୟ ଗତ କେତୋଟି ପୋଷ୍ଟରେ ମସ୍କ ଟ୍ରମ୍ପଙ୍କ ମନ୍ତବ୍ୟ ଓ ବିଭିନ୍ନ ନୀତିକୁ ସମର୍ଥନ କରି ପୋଷ୍ଟ କରିଥିଲେ। ଲସ୍ ଏଞ୍ଜେଲ୍ସରେ ଅବୈଧ ପ୍ରବାସୀଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ମସ୍କ ସମର୍ଥନ କରିଥିଲେ। ଏ ସଂକ୍ରାନ୍ତରେ ଟ୍ରମ୍ପଙ୍କୁ ମସ୍କଙ୍କ ବାବଦରେ ପ୍ରଶ୍ନ ପଚରାଯାଇଥିଲା। ଟ୍ରମ୍ପ ମଧ୍ୟ ଏ ନେଇ ସକାରାତ୍ମକ ମନ୍ତବ୍ୟ ଦେଇଛନ୍ତି। 'ଆମ ଭିତର ଭଲ ସମ୍ପର୍କ ଥିଲା ଓ ଆଗକୁ ଭଲ ହେବ ବୋଲି କାମନା କରୁଛି' ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏହି ସମ୍ପର୍କିତ ଏକ ଭିଡିଓରେ ମସ୍କ ରେଡ୍ ହାର୍ଟ ଇମୋଜି କମେଣ୍ଟ କରିଛନ୍ତି। ଇତିମଧ୍ୟରେ ଟ୍ରମ୍ପଙ୍କ ସହିତ ଜଡିତ ସବୁ ପୋଷ୍ଟକୁ ମସ୍କ ହଟାଇ ଦେଇଛନ୍ତି। ଜଣେ ଯୌନ ଅପରାଧୀଙ୍କ ଟ୍ରମ୍ପଙ୍କ ସମ୍ପର୍କ ଓ ତାଙ୍କ ବିରୋଧରେ ମହା ଅଭିଯୋଗ ଆଣିବା ନେଇ ମସ୍କ ପୋଷ୍ଟ କରି ବିବାଦକୁ ଚରମ ସୀମାରେ ପହଞ୍ଚାଇଥିଲେ। ପୂର୍ବରୁ ମସ୍କଙ୍କ ସହ ସବୁ ସମ୍ପର୍କ ଶେଷ ହୋଇଛି ବୋଲି ଟ୍ରମ୍ପ ଘୋଷଣା କରିଥିଲେ।

## ଟ୍ରେନ୍ ଆଗରେ ୪ ପୁଅ ସହିତ ବାପାର ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ଦିଲ୍ଲୀର ଫରିଦାବାଦ ବଲ୍ଲଭଗଡ଼ ଅଞ୍ଚଳରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ୪ ପୁଅଙ୍କ ସହ ଟ୍ରେନ ଆଗକୁ ଡେଇଁ ବାପା (୩୬) ଜୀବନ ହାରିଛି। ସବୁଠାରୁ ସାନ ପୁଅର ବୟସ ତିନି ବର୍ଷର ଥିବାବେଳେ ବଡ଼ର ୯ ବର୍ଷ ରହିଛି। ପତ୍ନୀକୁ ନେଇ ମନରେ ଏତେ ଘୃଣା ଭାବନା ଆସିଥିଲା ଯେ ପୁଅଙ୍କ ବିକଳ ଡାକକୁ ବି ବାପା କର୍ଣ୍ଣପାତ କରି ନ ଥିଲା। ବାପା ଟ୍ରେନ ଆସୁଛି। ଚାଲ ପଳାଇବା କହିଥିଲେ ବି ସେ ଶୁଣି ନ ଥିଲେ।

**■ ଫରିଦାବାଦରେ ହୃଦୟ ବିଦାରକ ଘଟଣା**

ଜମାରୁ ପିଲାଙ୍କ ହାତ ଛାଡ଼ି ନ ଥିଲେ। ଶେଷରେ ଗୋଲ୍ଡେନ ଟେମ୍ପଲ ଏକ୍ସପ୍ରେସ ମାଡ଼ ହେବାରୁ ସମସ୍ତଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ଦ୍ୱିପହର ୧ଟା ୧୦ରେ ଏଲ୍‌ସନ ଛକ ଫ୍ଲାଇଓଭର ତଳେ ଏହି ହୃଦୟବିଦାରକ ଘଟଣା ଘଟିଥିଲା। ଏହି ଟ୍ରେନର୍ ଲୋକ ପାଇଲଟ ହିଁ ପୁଲିସକୁ ଘଟଣାର ସୂଚନା ଦେଇଥିଲେ। ପରେ ରେଳବାଇଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

ସୂଚନା ଅନୁଯାୟୀ ମନୋଜଙ୍କ ପକେଟରୁ ଆଧାରକାର୍ଡ



ମିଳିଥିଲା। ଏହି ନମ୍ବରରେ ଫୋନ କରିବାରୁ ପତ୍ନୀ ଫୋନ ଉଠାଇ ଥିଲେ। ସ୍ୱାମୀ ପୁଅଙ୍କୁ ନେଇ ପାର୍କକୁ ଯାଇଥିବା କହିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ମନୋଜ ପୁଅଙ୍କୁ ଚିପ୍ସ୍ ଏବଂ କୋଲ୍ଡଡ୍ରିଙ୍କ୍ସ ନେଇ ଆତ୍ମହତ୍ୟା କରିବାକୁ ଫ୍ଲାଇଓଭର ତଳକୁ ଯାଇଥିଲା। ସେଠାରେ ଟ୍ରେନକୁ ଅପେକ୍ଷା କରି ଘଣ୍ଟାଏ ପର୍ଯ୍ୟନ୍ତ ଟ୍ରାକ୍‌ରେ ବସି ରହିଥିଲେ। ଟ୍ରେନ ଆସୁଥିବା ଦେଖି ପୁଅମାନେ ଭୟରେ ହାତ ଛାଡ଼ିବାକୁ କହିଥିଲେ ବି ସେ ଛାଡ଼ି ନ ଥିଲେ। ଶେଷରେ ଏକ ପରିବାର ନିଶ୍ଚିହ୍ନ ହୋଇଗଲା।

■ ଗ୍ରାମୀଣ ଡାକସେବକ ନିଯୁକ୍ତିରେ ଜାଲ୍ ପ୍ରମାଣପତ୍ର ଘଟଣା



# ଆଉ ୫ ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

କଟକ,୧୧।୬(ସମିସ): ଗ୍ରାମୀଣ ଡାକସେବକ ପଦରେ ନିଯୁକ୍ତି ପାଇଁ ଆବେଦନବେଳେ ବିଭିନ୍ନ ଅନୁଷ୍ଠାନର ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଟିମ୍‌କୁ ସଫଳତା ମିଳିଛି। ଏହି ଘଟଣାରେ ପୂର୍ବରୁ କ୍ରାଇମବ୍ରାଞ୍ଚ ମୋଟ ୨୦ ଜଣଙ୍କୁ ଗିରଫ କରିଥିବା ବେଳେ ଆଜି ଆଉ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗିର ଥାନା ଅନ୍ତର୍ଗତ ମୁରିବାହାଲର ବାସିନ୍ଦା କୁଳମଣି ରଣା (୨୪), ବଲାଙ୍ଗିର ସଦର ଥାନା ଅନ୍ତର୍ଗତ କୁତୁମଡ଼ୋଲା ବାସିନ୍ଦା ଅଜାଉଦ୍ଦିନ କୁମ୍ଭାର (୨୮), ବଲାଙ୍ଗିର ଥାନା ଜଗନ୍ନାଥପଡ଼ା ଅଞ୍ଚଳର ରଜତ କୁମାର ନାଏକ (୩୨), ବୁଢ଼ାମୁଣ୍ଡା ଅଞ୍ଚଳର ସୁଧୀର ଭୁଏ (୨୭) ଓ ସୁବର୍ଣ୍ଣପୁର ସରଗଜ ଅଞ୍ଚଳର ତୋଫାନ ବାଗ (୪୫)। ସେମାନେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ନକଲି ଏବଂ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରି ଗ୍ରାମୀଣ ଡାକ ସେବକ (ଜିଡିଏସ) ଚାକିରି ହାତେଇବା ପାଇଁ ଠକେଇ କରିଥିଲେ। ଏହି ମାମଲାରେ ମୋଟ ୨୫ ଜଣ ଗିରଫ ହୋଇସାରିଛନ୍ତି। କ୍ରାଇମବ୍ରାଞ୍ଚ ଦଳ ଅଧିକ ତଦନ୍ତ ଜାରି ରଖିଛି। ଗ୍ରାମୀଣ ଡାକ ସେବକ ପଦ ପାଇଁ ୩୮ ଜଣ ପ୍ରାର୍ଥୀଙ୍କ ଦ୍ୱାରା ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ନକଲି ଏବଂ ଜାଲ ଶିକ୍ଷାଗତ ପ୍ରମାଣପତ୍ର ଦାଖଲ ସମ୍ପର୍କରେ ବଲାଙ୍ଗିର ଡାକ ଡିଭିଜନର ଅଧୀକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ବଲାଙ୍ଗୀର ଟାଉନ ଥାନାରେ ଗତ ୨୦୨୩ ମାର୍ଚ୍ଚ୩୧ରେ ଏକ ଏତଲା ଦେଇଥିଲେ। ସେହି ସମୟରେ ସରକାର ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଠକମାନଙ୍କର ଏକ ସଂଗଠିତ ନେଟୱର୍କ ଚାକିରି ଆଶାୟୀମାନଙ୍କୁ ନକଲି ପ୍ରମାଣପତ୍ର ଯୋଗାଇବା ପାଇଁ କାର୍ଯ୍ୟ କରୁଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଅଭିଜିତ କୁମାର ଭକତ ସହ ଅନ୍ୟ ୧୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ପଠାଯାଇଥିଲା।

**ମୋଟ ଗିରଫ ସଂଖ୍ୟା ୨୫**

■ ବନ୍ଧୁ ଘରେ ଅଘଟଣ


# ପୋଖରୀରେ ବୁଡ଼ିଗଲେ ପିଉସୀ, ଝିଆରୀ

ବାଲେଶ୍ୱର/ରାସଗୋବିନ୍ଦପୁର, ୧୧।୬(ସମିସ): ଗାଁରେ ଚାଲିଥିଲା ମାଆ ଭଗବତୀଙ୍କ ବାର୍ଷିକ ପୂଜା। ଘରେ ଘରେ ବନ୍ଧୁବାନ୍ଧବ ଭର୍ତ୍ତି । ଏମିତି ଏକ ଭକ୍ତିମୟ ପରିବେଶ ମଧ୍ୟରେ ପୋଖରୀରେ ବୁଡ଼ି ଦୁଇ ଝିଅଙ୍କ ମୃତ୍ୟୁ ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଆଜି ଦିନ ବେଳେ ଘର ପଛରେ ଥିବା ପୋଖରୀକୁ ଗାଧୋଇବା ବେଳେ ବୁଡି ସମ୍ପର୍କୀୟ ପିଉସୀ ଓ ଝିଆରୀଙ୍କ ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ପୂର୍ଣ୍ଣଚନ୍ଦ୍ରପୁର ଭାଲିଆଗଡ଼ିଆରେ ଘଟିଛି ଏଭଳି ଦୁଃଖଦ ଘଟଣା। ଭାଲିଆଗଡ଼ିଆରେ ମାଆ ଭଗବତୀଙ୍କ ବାର୍ଷିକ ପୂଜା ଚାଲିଛି । ଉକ୍ତ ଗ୍ରାମର ନବ କୁମାର ଜେନାଙ୍କ ଘରେ ବନ୍ଧୁ ବାନ୍ଧବ ପହଞ୍ଚି ଥିଲେ। ଆଜି ମଧ୍ୟାହ୍ନରେ ତାଙ୍କ ଘର ପଛପଟେ ଥିବା ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି ଦୁଇ ଝିଅ। ଘର ଲୋକ ଖୋଜା ଖୋଜି କରିବା ପରେ ଦୁହେଁ ନମିଳିବାରୁ ସ୍ଥାନୀୟ ଲୋକ ପୋଖରୀ ଭିତରୁ ଦୁଇ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତ ଦୁଇ ଝିଅ ମଧ୍ୟରେ ଜଣେ ନବଙ୍କ ଝିଆରୀ ଓ ଆଉ ଜଣେ ନାତୁଣୀ । ନବଙ୍କ ଝିଆରୀ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଥାନା ପଞ୍ଚୁପାଲି ପଞ୍ଚାୟତର କାଳସିମୁଳି ଗ୍ରାମର ଲକ୍ଷ୍ମଣ ପଢିଆରୀଙ୍କ ଝିଅ ପ୍ରତିମା ପଢ଼ିଆରୀ (୧୮) ଓ ନବଙ୍କ ନାତୁଣୀ ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଖଣାବଡ ଗ୍ରାମର ସେଲିନା ସ୍ମୃତିରେଖା ବେହେରା(୧୪)। ସ୍ଥାନୀୟ ଲୋକ ଦୁଇ ଝିଅଙ୍କୁ ପୋଖରୀ ପାଣି ଭିତରୁ ଉଦ୍ଧାର କରି ପ୍ରଥମେ ଅମରଦା ହସ୍ପିଟାଲରୁ ଜଳେଶ୍ୱର ହସ୍ପିଟାଲକୁ ନିଆଯାଇଛି। ଭଗବତୀ ପୂଜା କମିଟିର ସଦସ୍ୟମାନେ ଆଜି ସନ୍ଧ୍ୟାରେ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ନିରବ ପ୍ରାର୍ଥନା କରିଛନ୍ତି।

**ଖରିଫ ଧାନର ଏମ୍‌ଏସ୍‌ପି ଓ ବୋନସ୍ ପାଇନାହାନ୍ତି ଚାଷୀ**

# ଅର୍ଥ ଅଭାବରୁ ଝିଅ ବାହାଘର କରିପାରିଲେନି ଚେରୁ



ଖପ୍ରାଖୋଲ,୧୧।୬(ସମିସ): ନୂଆ ସରକାରକୁ ବର୍ଷେ ପୂରିବାକୁ ବସିଛି। କେବଳ ପ୍ରତିଶ୍ରୁତି ଓ ନିଜର ବିକାଶର ପୋଷ୍ଟର ଲଗାଇ ଲୋକଙ୍କୁ ବୋକା ବନାଇବା ବ୍ୟତୀତ ଆଉକିଛି କରି ନାହାଁନ୍ତି ନୂଆ ସରକାର। ଚାଷୀ ବିକିଥିବା ଖରିଫ ଧାନର ମୂଲ୍ୟ ଓ ବୋନସ ଟଙ୍କା ଏଯାଏଁ ଦେଇନାହାନ୍ତି। ଯାହାଫଳରେ କି ଅର୍ଥ ଅଭାବରୁ କିଏ ନିଜ ଝିଅର ବାହାଘର କରିପାରି ନାହାନ୍ତି ତ ଆଉ କିଏ ଋଣ ଭାରରେ ମାନସିକ ଚିନ୍ତାଗ୍ରସ୍ତ ଥିବା ଅଭିଯୋଗ ହେଉଛି। ସେହିପରି ଜଣେ ଚାଷୀ ହେଉଛନ୍ତି ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ସମବାୟ ଅଧୀନ ଗୁଣ୍ଡୁରୁପାଲି ଗ୍ରାମର ଚେରୁ ବରିହା। ସେ ଖରିଫ ଋତୁରେ ଧାନଚାଷ କରି ୨୦୨୪ ଡିସେମ୍ବର ୨୭ରେ ଖପ୍ରାଖୋଲ ମଣ୍ଡିରେ ୩୧ କ୍ୱିଣ୍ଟାଲ ୧୪କେଜି ଧାନ ବିକିଥିଲେ। କୁଇଣ୍ଟାଲ ପ୍ରତି ୨୩୦୦ ଟଙ୍କା ହାରରେ ୭୧୬୨୨.୦୦ ଟଙ୍କା ସହିତ ସରକାର ଦେଉଥିବା ବୋନସ୍ କୁଇଣ୍ଟାଲ୍ ପ୍ରତି ୭୦୦ଟଙ୍କା ହିସାବରେ ୨୪୯୧୨.୦୦ ଟଙ୍କା ତାଙ୍କ ଜମା ଖାତାକୁ ଆସିବା କଥା। କିନ୍ତୁ ଚେରୁଙ୍କ ଖରିଫ ଧାନର ସର୍ବନିମ୍ନ ସହାୟକ ରାଶି ଓ ବୋନସ ଟଙ୍କା ତାଙ୍କ ଜମାଖାତାକୁ ଏପର୍ଯ୍ୟନ୍ତ ଆସିନାହିଁ। ଏନେଇ ସେ ବାରମ୍ବାର ବ୍ୟାଙ୍କ ଓ ସମବାୟ ସମ୍ପାଦକଙ୍କ ଦ୍ୱାରସ୍ଥ ହୋଇ ସାରିଲେଣି। ଟଙ୍କା ନ ମିଳିଲେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ବର୍ଷ ସେ ତାଙ୍କର ଧାନ ବିକା ପଇସାରେ କିଛି କରଜ ଶୁଝିବା ସହିତ ନିଜ ଝିଅର ବାହାଘର କରିଥାନ୍ତେ। ହେଲେ ଅର୍ଥ ଅଭାବରୁ ଝିଅ ବାହାଘର କରିପାରିଲେନି ବୋଲି ମାନସିକ ଚିନ୍ତାରେ ରହୁଛନ୍ତି। ଏନେଇ ସେ ଉପରିସ୍ଥ କାର୍ଯ୍ୟାଳୟକୁରେ ଯୋଗାଯୋଗ କରି ସାରିଛନ୍ତି। ହେଲେ ଟୋଲ ଫ୍ରି ନମ୍ବର ରେ ସବୁ ଠିକ୍ ଅଛି, ହେଲେ କିଛି ସମୟ ଲାଗିବ ବୋଲି ଉତ୍ତର ଆସୁଛି। କିଛି ଦିନ ବ୍ୟବଧାନରେ ଫୋନ କରି ଯୋଗାଯୋଗ ରଖିବା ପାଇଁ କୁହାଯାଉଛି। ଚେରୁ ବରିହଙ୍କ ସହିତ ଆଉଜଣେ ଚାଷୀ ମଧ୍ୟ ଗତବର୍ଷର ଖରିଫ ଚାଷର ସର୍ବନିମ୍ନ ସହାୟକ ରାଶି ଓ ବୋନସ ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି।

**ବିଜ୍ଞାପନରେ ସୀମିତ ଓଡ଼ିଶା ବିକାଶ**

# ଅବିଭକ୍ତ କୋରାପୁଟରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ଧୂସର ଛବି

ଭୁବନେଶ୍ୱର,୧୧।୬(ସମିସ): ପଛୁଆ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ବିଜେପି ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। ଆଦିବାସୀମାନେ ବିଜେପିର ଆତ୍ମା ଓ ସେମାନଙ୍କ କଲ୍ୟାଣ ପାଇଁ ଅହରହ କାମ କରୁଛନ୍ତି ଦଳୀୟ ନେତା ଓ ମନ୍ତ୍ରୀମାନେ ଘଣ୍ଟ ପିଟୁଛନ୍ତି । ଏଥିପାଇଁ ବିଭିନ୍ନ ଗଣମାଧ୍ୟମରେ ବଡ଼ବଡ଼ ବିଜ୍ଞାପନ ପ୍ରକାଶ କରୁଛନ୍ତି। ମାତ୍ର ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲ୍ଲାର ବାସ୍ତବ ଛବି ସରକାରଙ୍କ ଘୋଷିତ ବିକାଶ ଉପରୁ ଉଠାଇ ଦେଇଛି ପରଦା । ପୋଲାଭରମ୍ ପ୍ରସଙ୍ଗରେ ଆଦିବାସୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅନାନ୍ତରିକତା ଓ ଆଦିବାସୀ ଉତ୍ପୀଡ଼ନ ନୀତି ସ୍ପଷ୍ଟ ହୋଇ ଯାଇଛି। ଏହି ପ୍ରକଳ୍ପ ଯୋଗୁଁ ହଜାର ହଜାର ଆଦିବାସୀ ଭିଟାମାଟି ହରାଇବା ନିଶ୍ଚିତ ହୋଇଥିଲେ ହେଁ ରାଜ୍ୟ ସରକାର ଆନ୍ଧ୍ର ବିରୋଧରେ ମୁହଁ ଖୋଲୁ ନାହାନ୍ତି। ଅନ୍ୟପକ୍ଷରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ ଓ ଶିକ୍ଷାର ଧୂସର ଛବି ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ପ୍ରୀତି କେବଳ ପ୍ରହେଳିକା ବୋଲି ପ୍ରମାଣିତ କରିଛି। ରାଜ୍ୟ ମୁଖ୍ୟ ସଚିବ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରି ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ନିକଟରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇଥିଲେ। ତେବେ କୋରାପୁଟରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାର ଦୁରାବସ୍ଥାର ଯେଉଁ ବିବରଣୀ ସେ ବିଭିନ୍ନ ବିଭାଗଗୁଡ଼ିକୁ ଦେଇଛନ୍ତି, ତାହା ଅତ୍ୟନ୍ତ ମାର୍ମିକ । ମୁଖ୍ୟ ସଚିବ କୋରାପୁଟ

**ରାଜ୍ୟ ମୁଖ୍ୟ ସଚିବଙ୍କ ଉଦ୍‌ବେଗ ଖୋଲିଲା ଗୁମର**

ଜିଲ୍ଲାରେ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବାକୁ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ଥିବା ଉଲ୍ଲେଖ କରି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ବିକଳ ଛବି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ସେହିପରି ବିଶେଷକରି ଜିଲ୍ଲାବ୍ୟାପୀ ସ୍କୁଲଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ଖାଲିଥିବାରୁ ସେ ଉଦ୍‌ବେଗ ପ୍ରକାଶ କରି ଆବଶ୍ୟକସ୍ଥଳେ ଅତିଥି ଶିକ୍ଷକ ନିଯୁକ୍ତି ଦେଇ ଶୈକ୍ଷିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ସେହିପରି ଅତିଥି ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଥିବା ନିୟମାବଳୀକୁ ଆବଶ୍ୟକସ୍ଥଳେ କୋହଳ କରିବାକୁ ମୁଖ୍ୟ ସଚିବ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଅନୁରୂପ ଭାବରେ ଜିଲ୍ଲାର ସହରାଞ୍ଚଳରେ ଥିବା ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିର ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା କରିବାକୁ ବିଭାଗକୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ସଚିବ। ଦଶମନ୍ତପୁର ବ୍ଲକର କନ୍ୟାଶ୍ରମର ଅବ୍ୟବସ୍ଥା ମୁଖ୍ୟ ସଚିବଙ୍କୁ କ୍ଷୁବ୍ଧ କରିଛି। ଛାତ୍ରୀନିବାସରେ ବ୍ୟବହାର ହେଉଥିବା ପୁରୁଣା ଏବଂ ଛିଣ୍ଡା ବିଛଣା ଗୁଡ଼ିକର ବ୍ୟବହାରକୁ ଦେଖି ସେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେହିପରି ଜିଲ୍ଲାରେ ଖାଲି ପଡ଼ିଥିବା ଡାକ୍ତରୀ ପଦବୀଗୁଡ଼ିକର ତୁରନ୍ତ ପୂରଣ ଏବଂ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ମଞ୍ଜୁର ପ୍ରାପ୍ତ ଟିଚିଂ ଷ୍ଟାଫ ପଦବୀ ପୂରଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ଜିଲ୍ଲାରେ ହସ୍ପିଟାଲ ଗୁଡ଼ିକରେ ଆବଶ୍ୟକୀୟ ମେଡିକାଲ ଯନ୍ତ୍ରାଂଶକୁ ସଠିକ୍ ଭାବରେ ଉପଲବ୍ଧ କରାଇବାକୁ ମୁଖ୍ୟ ସଚିବ ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ଲିମିଟେଡକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ବ୍ଲକର ନିର୍ମାଣାଧୀନ ଏକଲବ୍ୟ ମଡେଲ ସ୍କୁଲ ନିର୍ମାଣ କାର୍ଯ୍ୟରେ ମନ୍ଥରତାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଏହାକୁ ଶେଷ କରିବାକୁ କହିଛନ୍ତି ।

# ପୁଣି ୫୧ ଓଏଏସ୍‌ଙ୍କ ବଦଳି

ଭୁବନେଶ୍ୱର,୧୧।୬(ସମିସ): ରାଜ୍ୟ ସରକାର ଓଏଏସ୍ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ବିଭିନ୍ନ ସ୍ଥାନରେ ବିଡିଓ, ତହସିଲ୍‌ଦାର, ଅତିରିକ୍ତ ତହସିଲଦାର ଓ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଓଏଏସ୍‌ମାନଙ୍କ ବଦଳି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ମୋଟ୍ ୫୧ ଜଣ ଓଏଏସ୍ ଅଧିକାରୀଙ୍କ ବଦଳି କରାଯାଇଛି। ବିଭାଗ ଗତ ୬ ତାରିଖ ଦିନ ୨୯ଜଣ ଓଏଏସ୍‌ଙ୍କ ବଦଳି କରିଥିବା ବେଳେ ମଙ୍ଗଳବାର ୮୩ ଜଣ ଓଏଏସ୍‌ଙ୍କ ବଦଳି କରିଛି।

# ରଜ ପାଇଁ ଏଥର ସୋମବାର ନନ୍ଦନକାନନ ଖୋଲା

ନନ୍ଦନକାନନ, ୧୧।୬(ସମିସ): ରଜରେ ଖୋଲା ରହିବ ନନ୍ଦନକାନନ। ଚଳିତ ବର୍ଷ ପହିଲି ରଜ ଜୁନ୍ ୧୪ ତାରିଖ ଶନିବାର ପଡିଛି। ଏହି ଅନୁସାରେ ରଜର ତୃତୀୟ ଦିନ ସୋମବାର ପଡୁଛି। ସାଧାରଣ ଭାବେ ସୋମବାର ନନ୍ଦନକାନନ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହୁଥିବା ବେଳେ ରଜର ତୃତୀୟ ଦିନ ହୋଇଥିବାରୁ ୧୬ ତାରିଖ ସୋମବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ (ବଟାନିକାଲ ଗାର୍ଡେନ) ଖୋଲା ରହିବ। ରଜ ପାଇଁ ଉଭୟ ଉଦ୍ୟାନ ୧୬ ତାରିଖରେ ଖୋଲା ରହିବାକୁ ଥିବାରୁ ୧୭ ତାରିଖ ମଙ୍ଗଳବାର ଏହା ବନ୍ଦ ରହିବ ବୋଲି ଉପନିର୍ଦ୍ଦେଶକ ସନତ ନାରାୟଣ ସୂଚନା ଦେଇଛନ୍ତି।

# ଯୁକ୍ତ ୩ ନାମଲେଖା ପାଇଁ ମେଧା ତାଲିକା ଆଜି

ଭୁବନେଶ୍ୱର,୧୧।୬(ସମିସ): ଯୁକ୍ତ ତିନି(ସ୍ନାତକ)ଶ୍ରେଣୀରେ ନାମଲେଖା ପାଇଁ ଆସନ୍ତାକାଲି (ଗୁରୁବାର) ମେଧା ତାଲିକା ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟ ନାମଲେଖା ୪ଟି ରାଉଣ୍ଡରେ ଅନୁଷ୍ଠିତ ହେବ। ପ୍ରଥମ ରାଉଣ୍ଡରେ ନାମଲେଖା ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୧୨ରୁ ୧୭ ତାରିଖ ମଧ୍ୟରେ ଫି' ଜମା କରିବା ସହ ନାମଲେଖାଇ ପାରିବେ। ୨୨ତାରିଖରେ ଦ୍ୱିତୀୟ

■ ୧୩ରୁ ଆରମ୍ଭ ନାମଲେଖା, ଜୁଲାଇ ୧୦ରୁ ପାଠପଢ଼ା
■ ୨୨ରେ ଦ୍ୱିତୀୟ ଓ ଜୁଲାଇ ୧ରେ ତୃତୀୟ ରାଉଣ୍ଡ ତାଲିକା

ରାଉଣ୍ଡ ନାମଲଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏହି ପର୍ଯ୍ୟାୟରେ ନାମଲେଖା ପାଇଁ ଚୟନ ହୋଇଥିବା ପିଲାମାନେ ୨୫ ତାରିଖ ମଧ୍ୟରେ ଫି' ଜମା କରି ନାମ ଲେଖାଇ ପାରିବେ। ସେହିପରି ଜୁଲାଇ ୧ ତାରିଖରେ ତୃତୀୟ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଛାତ୍ରଛାତ୍ରୀମାନେ ୪ ତାରିଖ ମଧ୍ୟରେ ଫି' ଜମା କରି ନାମ ଲେଖାଇବେ। ୩ଟି ପର୍ଯ୍ୟାୟ ସରିବା ପରେ ବଳକା ସିଟ୍‌ରେ ନାମ ଲେଖାଇବାକୁ ଚତୁର୍ଥ ତଥା ୱେଟିଂ ଲିଷ୍ଟ ରାଉଣ୍ଡ ହେବ। ଏଥିପାଇଁ ପିଲାମାନେ ଜୁଲାଇ ୭ରୁ ୧୦ ତାରିଖ ମଧ୍ୟରେ ଅନ୍‌ଲାଇନ୍ ଆବେଦନ କରିବେ। ୧୨ ତାରିଖରେ ଇ-ସ୍ପେସ୍‌ରେ ମେଧା ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ୧୩ ତାରିଖରେ ଚୟନ ହୋଇଥିବା ଉଚ୍ଚଶିକ୍ଷାନୁଷ୍ଠାନର ନୋଟିସ୍ ବୋର୍ଡରେ ତାଲିକା ପ୍ରକାଶ ପାଇବ। ୧୪ ତାରିଖରେ ଫି' ଜମା କରିବା ସହ ୧୫ ତାରିଖରେ ନାମ ଲେଖାଇବେ। ଜୁଲାଇ ୧୦ ତାରିଖରୁ +୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିପରି +୨ ଇନ୍‌ଷ୍ଟାଣ୍ଟ ଓ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ବାହାରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

ଚୟନ ହୋଇଥିବା କଲେଜରେ ପଢ଼ିବା ପାଇଁ ଆଗ୍ରହୀ ଥିଲେ ଛାତ୍ରଛାତ୍ରୀମାନେ ଫ୍ରିଜ୍ ଅପ୍‌ସନ୍ ଦେବେ। ଅନ୍ୟଥା ସ୍ଲାଇଡ୍ ବା ଫ୍ଲଟ୍ ଅପ୍‌ସନ୍ ଦେଇପାରିବେ। ଫ୍ରିଜ୍ ଅପ୍‌ସନ୍ ଦେଇଥିବା ପିଲାମାନେ କଲେଜକୁ ଯାଇ ନାମଲେଖାଇବେ। ସ୍ଲାଇଡ୍ ବା ଫ୍ଲଟ୍ ଅପ୍‌ସନ୍ ଦେଲେ କଲେଜକୁ ନ ଯାଇ କେବଳ ଅନ୍‌ଲାଇନ୍‌ରେ ଫି' ଜମା କରିବେ।

**ଚାଷୀଙ୍କ ଧାନ ବିକ୍ରି ବକେୟା ଟଙ୍କା ନ ମିଳିବା ଘଟଣା**

# ୧୨ ଘଣ୍ଟିଆ ରାଇଘର ବନ୍ଦ ଓ କଳା ଦିବସ ଡକରାକୁ ବିଜେଡିର ସମର୍ଥନ

ଭୁବନେଶ୍ୱର,୧୧।୬(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାରେ ୩୪୪ ଜଣ ଚାଷୀଙ୍କୁ ଧାନ ବିକ୍ରିର ୪ ମାସ ପରେ ମଧ୍ୟ ଟଙ୍କା ମିଳୁ ନାହିଁ। ଏହାକୁ ନେଇ ଚାଷୀ ସମାଜ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି। ତୁରନ୍ତ ପ୍ରାପ୍ୟ ପ୍ରଦାନ ଦାବିରେ ଚାଷୀ ସଂଗଠନ ତରଫରୁ ଆସନ୍ତାକାଲି (୧୨ ତାରିଖ) ୧୨ ଘଣ୍ଟିଆ ରାଇଘର ବନ୍ଦ ସହିତ କଳା ଦିବସ ପାଳନ ପାଇଁ ଡକରା ଦିଆଯାଇଛି। ଚାଷୀମାନଙ୍କ ଏହି ଡକରାକୁ ବିଜୁ ଜନତା ଦଳ ସମର୍ଥନ ଘୋଷଣା କରିଛି। ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ରବି ନାରାୟଣ ନନ୍ଦ, ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ ଓ ପ୍ରଦୀପ ମାଝୀ ପ୍ରମୁଖ ଚାଷୀଙ୍କୁ ଧାନ ବିକ୍ରି ଟଙ୍କା ପ୍ରଦାନରେ ଅହେତୁକ ବିଳମ୍ବକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ନନ୍ଦ କହିଛନ୍ତି, ଉପାନ୍ତ ଅଞ୍ଚଳ ରାଇଘରରେ ଆଦିବାସୀମାନେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରନ୍ତି। ସରକାରଙ୍କ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବା ପରେ, ରାଇଘର ଅଞ୍ଚଳରେ ୩୪୪ ଜଣ ଚାଷୀଙ୍କୁ ୧୫ ଫେବୃଆରୀରୁ ୧୬ ମାର୍ଚ୍ଚ ଭିତରେ ଧାନ ବିକ୍ରି କରିବା ପାଇଁ କୁହାଯାଇଥିଲା। ସେହି ହିସାବରେ ଏହି ଚାଷୀମାନେ ୧୪,୨୫୨ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଥିଲେ। ଏ ବାବାଦକୁ ଚାଷୀମାନେ ପ୍ରାୟ ସାଢ଼େ ୪ କୋଟି ଟଙ୍କା ପାଇବା କଥା। ନିୟମ ଅନୁଯାୟୀ, ୨୪ରୁ ୪୮ ଘଣ୍ଟା ଭିତରେ ଧାନ ବିକ୍ରି ଅର୍ଥ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିବା କଥା। କିନ୍ତୁ, ପ୍ରାୟ ୪ ମାସ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଧାନ ଟଙ୍କା ମିଳି ନାହିଁ। ଏହି ଟଙ୍କା ପାଇବା ପାଇଁ ଧାନ ବିକିଥିବା ଚାଷୀମାନେ ବାର ଦୁଆର ହେଉଛନ୍ତି। ଇତିମଧ୍ୟରେ ଚାଷୀମାନେ ଧାନ କିଣାରେ ସମ୍ପୃକ୍ତ ଅଧିକାରୀମାନଙ୍କ ବ୍ୟତୀତ ସିଏସ୍‌ଓ ଓ ଜିଲ୍ଲାପାଳଙ୍କୁ ଭେଟି ତାଙ୍କର ଅସୁବିଧା ଜଣାଇଛନ୍ତି। ସିଏସ୍‌ଓ ଓ ଜିଲ୍ଲାପାଳ ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଶ୍ରୀ ନନ୍ଦ କହିଛନ୍ତି।

ରମେଶ ମାଝୀ କହିଥିଲେ, ସରକାରଙ୍କ ନିର୍ଦ୍ଦେଶ ମୁତାବକ ଚାଷୀ ମଣ୍ଡିରେ ଧାନ ଦେଇଥିଲେ। ତେଣୁ ଚାଷୀଙ୍କୁ ଧାନ କିଣା ଟଙ୍କା ପ୍ରଦାନ କରିବା ରାଜ୍ୟ ସରକାରଙ୍କ ଦାୟିତ୍ୱ। ରାଜ୍ୟ ସରକାର ଏହି ପ୍ରକ୍ରିୟା ସଂପାଦନ କରିବାରେ ବିଫଳ ହୋଇଛନ୍ତି ଏବଂ ଚାଷୀମାନଙ୍କ କଥା ବୁଝୁ ନାହାନ୍ତି। ସେହିପରି ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତିକୁ ନେଇ ରାଜ୍ୟବ୍ୟାପୀ ଉତ୍ସବ ପାଳନ ପାଇଁ ଚଳାଇଥିବା ପ୍ରସ୍ତୁତିକୁ ପ୍ରଦୀପ ମାଝୀ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ୩୪୪ ଜଣ ଆଦିବାସୀ ଚାଷୀଙ୍କ ସମସ୍ୟା ଉପରେ ସରକାରଙ୍କ ସମ୍ବେଦନଶୂନ୍ୟ ହୋଇ ନିଦରେ ଶୋଇଛନ୍ତି। ତାଙ୍କ ନିଦ ଭାଙ୍ଗିବା ପାଇଁ ୧୨ ତାରିଖ ରାଇଘର ଅଞ୍ଚଳରେ କଳା ଦିବସ ପାଳିବାକୁ ଚାଷୀ ସମାଜ ଦେଇଥିବା ଡକରାକୁ ବିଜୁ ଜନତା ଦଳ ସମ୍ପୂର୍ଣ୍ଣ ସମର୍ଥନ ଜଣାଉଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଚାଷୀଙ୍କଠାରୁ ଆରମ୍ଭ କରି ସାଧାରଣ ନାଗରିକ ମଧ୍ୟ ଯୋଗ ଦେବେ। ସରକାରଙ୍କ ବିରୋଧରେ ୧୨ ଘଣ୍ଟିଆ ବନ୍ଦ ପାଳନ ସହିତ କଳା ଦିବସ ପାଳନ ହେବ ବୋଲି ଶ୍ରୀ ମାଝୀ କହିଥିଲେ।



■ ୪ମାସ ହେଲା ୩୪୪ ଆଦିବାସୀ ଚାଷୀଙ୍କୁ ମିଳିନି ସାଢ଼େ ୪ କୋଟି
■ ସମସ୍ୟା ସମାଧାନ କରିବାରେ ଜିଲ୍ଲାପାଳ, ଯୋଗାଣ ଅଧିକାରୀ ବିଫଳ

■ ଚାଷୀଙ୍କ ବକେୟା ପ୍ରାପ୍ୟକୁ ନେଇ ବର୍ଷିଲା ଆପ୍

# ବର୍ଷକରେ ଧାନର ପରିମାଣ ଦୁଇଗୁଣା ପରେ ପ୍ରଶ୍ନ ଉଠାଇଲା ଦଳ

ଭୁବନେଶ୍ୱର,୧୧।୬(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ଚାଷୀମାନଙ୍କୁ ତୁରନ୍ତ ଧାନ ବିକ୍ରି ବକେୟା ପ୍ରାପ୍ୟ ଦେବାପାଇଁ ଓଡ଼ିଶା ଆମ୍ ଆଦମୀ ପାର୍ଟି ପକ୍ଷରୁ ଦାବି ହୋଇଛି। ଦଳ ପକ୍ଷରୁ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଏଭଳି ଖାମଖିଆଲି ନୀତିକୁ ସମାଲୋଚନା କରାଯିବା ସହିତ ତୁରନ୍ତ ଚାଷୀଙ୍କୁ ସେମାନଙ୍କ ଅର୍ଥ ପ୍ରଦାନ କରିବାକୁ ଦାବି ହୋଇଛି। ସୁଦୂର ନବରଙ୍ଗପୁରରୁ ଘର ଦ୍ୱାର ଛାଡି ବହୁ ଖର୍ଚ୍ଚାନ୍ତ ହୋଇ ରାଜଧାନୀ ରାଜରାସ୍ତାରେ ନିରୀହ ଚାଷୀନେ ଧାନ ବିକ୍ରି ଟଙ୍କା ପାଇଁ ଧାରଣାରେ ବସିବା ଚାଷୀକୁଳ ପ୍ରତି ମୋହନ ସରକାରଙ୍କ ଘୋର ଅସମ୍ମାନକୁ ଦର୍ଶାଉଛି ବୋଲି ଆପ୍ କହିଛି।

ଦଳ ପକ୍ଷରୁ କୁହାଯାଇଛି ଯେ ୨୦୨୩-୨୪ ଆର୍ଥିକ ବର୍ଷରେ ନବରଙ୍ଗପୁର ଜିଲ୍ଲାରେ ଚାଷୀଙ୍କଠାରୁ ୧୨ ଲକ୍ଷ ୬୦ ହଜାର ଟନ୍ ଧାନ ସଂଗ୍ରହ କରାଯାଇଥିଲା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ତାହା ୨୫ ଲକ୍ଷ ୭୮ ହଜାର ୪୪୭ ଟନ୍‌ରେ ପହଞ୍ଚିଛି। ବର୍ଷକ ମଧ୍ୟରେ ଧାନର ପରିମାଣ ଦୁଇ ଗୁଣା ହୋଇଯିବା ସମସ୍ତଙ୍କୁ ବିସ୍ମିତ କରିବା ସହ ଏହି ଅତିରଞ୍ଜିତ ସରକାରୀ ତଥ୍ୟ ଅନେକ ଦୁର୍ନୀତିର ଆଭାସ ଦେଉଛି। ବର୍ଷକ ମଧ୍ୟରେ ଧାନ ଉତ୍ପାଦନ ଅଚାନକ କିପରି ଦ୍ୱିଗୁଣିତ ହୋଇଗଲା ବୋଲି ଆପ୍ ପ୍ରଶ୍ନ କରିଛି। ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ ନେତୃବୃନ୍ଦ ଚାଷୀଙ୍କ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କୁ ସମର୍ଥନ ଜଣାଇଛନ୍ତି। ଯେପର୍ଯ୍ୟନ୍ତ ରାଇଘର ଚାଷୀଙ୍କ ପ୍ରାପ୍ୟ ସରକାର ଦେଇନାହାନ୍ତି, ସେପର୍ଯ୍ୟନ୍ତ ଦଳ ସେମାନଙ୍କ କାନ୍ଧ ସହ କାନ୍ଧ ମିଶେଇ ଛିଡା ହୋଇ ରହିବାର ନିର୍ଭର ପ୍ରତିଶ୍ରୁତି ଦେଇଛି।

# ଦଉଡ଼ି ପ୍ରସ୍ତୁତି ପାଇଁ ଭୂୟାଁ ସର୍ଦ୍ଦାର ନେଲେ ବଳଦେବଜୀଉଙ୍କ ଆଜ୍ଞାମାଳ

**ବିଶ୍ୱର ସର୍ବୋଚ୍ଚ ରଥକୁ ଟାଣିବାକୁ ବ୍ୟବହାର ହୁଏ ଶିଆଳି ଲତାରେ ତିଆରି ଦଉଡ଼ି**



କେନ୍ଦୁଝର, ୧୧।୬(ସମିସ): କେନ୍ଦୁଝରର ଆରାଧ୍ୟ ପ୍ରଭୁ ବଳଦେବଜୀଉଙ୍କ ବୁଧବାର ଥିଲା ପବିତ୍ର ସ୍ନାନ ଯାତ୍ରା। ଆଉ ଅଳ୍ପଦିନ ରହିଲା ଶ୍ରୀ ଗୁଣ୍ଡିଚା ରଥଯାତ୍ରା। ଗିନିଜ ବୁକ ଅଫ ରେକର୍ଡରେ ମାନ୍ୟତା ପାଇଥିବା ବିଶ୍ୱର ସର୍ବୋଚ୍ଚ ରଥକୁ ଟାଣିବା ପାଇଁ କାହିଁ କେଉଁ କାଳରୁ ରହିଛି ସ୍ୱତନ୍ତ୍ର ପରମ୍ପରା। ବିଶ୍ୱର ଏହି ସୁଉଚ୍ଚ ରଥକୁ ଶିଆଳି ଦଉଡ଼ିରେ ଟାଣିବାର ରହିଛି ଏଠାରେ ନିଆରା ପରମ୍ପରା। କେନ୍ଦୁଝରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀବଳଦେବଜୀଉଙ୍କ ସର୍ବୋଚ୍ଚ ନନ୍ଦିଘୋଷ ରଥକୁ କାହିଁ କେଉଁ କାଳରୁ ଭୂୟାଁ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ପ୍ରସ୍ତୁତ ଶିଆଳି ଦଉଡ଼ି ଦ୍ୱାରା ଟଣାଯାଉଛି। ଶିଆଳି ଲତାରୁ ରଥ ଦଉଡ଼ି ପ୍ରସ୍ତୁତ କରିବାକୁ ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାରେ ପ୍ରଭୁଙ୍କଠାରୁ ଆଜ୍ଞାମାଳ ନେଇଥାନ୍ତି ଭୂୟାଁ ସମ୍ପ୍ରଦାୟର ଲୋକେ। ଏଥିପାଇଁ ବାଂଶପାଳ ବ୍ଲକ ଦଅଁଳା ଗାଁର ଲୋକେ ହାତରେ ଶିଆଳି ଲତା ଧରି ପୂଜାର୍ଚ୍ଚନା ପରେ ପ୍ରଭୁ ଶ୍ରୀବଳଦବେବଜୀଉଙ୍କ ମନ୍ଦିରରେ ପହଞ୍ଚି ସ୍ନାନବେଦୀରେ ଶ୍ରୀଜୀଉଙ୍କୁ ଦର୍ଶନ କରି ଆଜ୍ଞାମାଳ ନେଇଛନ୍ତି। ପ୍ରତ୍ୟେକ ବର୍ଷ ଅକ୍ଷୟ ତୃତୀୟଠାରୁ ରଥ ଦଉଡ଼ି ପାଇଁ ଏଠାକାର ଲୋକେ ନିକଟସ୍ଥ ଗନ୍ଧମାର୍ଦ୍ଦନ ପାହାଡ଼ ଓ ସ୍ଥାନୀୟ ଜଙ୍ଗଲରୁ ଶିଆଳି ଲତା ସଂଗ୍ରହ କରିଥାନ୍ତି। ସ୍ନାନ ପୂର୍ଣ୍ଣିମା ଦିନ ମନ୍ଦିର ଆସି ଠାକୁରଙ୍କର ଆଶୀର୍ବାଦ ଭିକ୍ଷାକରି ଠାକୁରଙ୍କଠାରୁ ଆଜ୍ଞାମାଳ ନେଇ ନିଜ ଅଞ୍ଚଳକୁ ଯାଇଥାନ୍ତି ଲୋକେ। ଏହି ଭୂୟାଁ ସମ୍ପ୍ରଦାୟର ଲୋକେ ଜଙ୍ଗଲ ପାହାଡ଼ରୁ ସଂଗ୍ରହ କରିଥିବା ଶିଆଳି ଲତାକୁ ଦଉଡ଼ି ତିଆରି କରିବା ଆରମ୍ଭ କରିଥାନ୍ତି। ଯାହା ରାଜାରାଜୁଡ଼ା ଆମଳରୁ କେନ୍ଦୁଝରର ରଥଯାତ୍ରା ପାଇଁ ଭୂୟାଁ ସମ୍ପଦାୟ ଲୋକଙ୍କ ଏକ ବିଶେଷ ସେବା ଭାବେ ରହି ଆସିଛି। ସେମାନେ ମଧ୍ୟ ଏହାକୁ ଠାକୁରଙ୍କ ସେବା ଭାବି ନିଷ୍ଠାର ସହିତ ରଥ ଦଉଡ଼ି ଆଣି ରଥଯାତ୍ରା ପୂର୍ବରୁ ଦଉଡ଼ିକୁ ପୂଜାର୍ଚ୍ଚନା କାରି ନାମ କୀର୍ତ୍ତନ ମଧ୍ୟରେ ମନ୍ଦିରରେ ପହଞ୍ଚାଇଥାନ୍ତି। ବୁଧବାର ଠାକୁରଙ୍କର ସ୍ନାନ ପୂର୍ଣ୍ଣିମା ଅବସରରେ ପରମ୍ପରାକୁ ବଜାୟ ରଖି ଚାରିପିଢି ଭୂୟାଁ ସର୍ଦ୍ଦାର କୁଞ୍ଜ ଦେହୁରୀଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ଭୂୟାଁ ସମ୍ପ୍ରଦାୟ ଲୋକେ ବଳଦେବ ମନ୍ଦିରରୁ ଆଜ୍ଞାମାଳ ନେଇଛନ୍ତି। ପୂର୍ବପୁରୁଷରୁ ରହିଆସିଥିବା ଏଭଳି ପରମ୍ପରା ଓ ଠାକୁର ସେବାକୁ ସେମାନେ କରି ଗର୍ବିତ ଅନୁଭବ କରୁଛନ୍ତି ବୋଲି ଏହି ଅବସରରେ ଭୂୟାଁ ସର୍ଦ୍ଦାର ପ୍ରକାଶ କରିଛନ୍ତି।

# ସ୍ୱାସ୍ଥ୍ୟ ବ୍ୟବସ୍ଥାର ଦୁର୍ବଳ ସ୍ଥିତିକୁ ଦେଖାଇଛି ଯାଜପୁର ଝାଡ଼ାବାନ୍ତି: ଯୁବ କଂଗ୍ରେସ

ଭୁବନେଶ୍ୱର,୧୧।୬(ସମିସ): ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତିରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତମାନେ ଯାଜପୁର ଜିଲ୍ଲା ହସ୍ପିଟାଲ୍ ଏବଂ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ବାସ୍ତବରେ ଏହି ସଂଖ୍ୟା ୪୦୦ରୁ ଅଧିକ ବୋଲି ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ କହିଛନ୍ତି।

ଏକ ପ୍ରେସ ବିଜ୍ଞପ୍ତିରେ ଶ୍ରୀ ସାମଲ ଅଭିଯୋଗ କହିଛନ୍ତି ଯେ ଯାଜପୁର ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଯାହା ସରକାରୀ ବ୍ୟବସ୍ଥା ରହିଛି, ତାହା ଝାଡ଼ାବାନ୍ତିକୁ ନିୟନ୍ତ୍ରଣ ପାଇଁ ବି ସମର୍ଥ ନୁହେଁ। ସମୁଦାୟ ୬୩ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀରୁ ମାତ୍ର ୧୧ ଜଣ ଡାକ୍ତର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଦେଉଛନ୍ତି। ମୋହନ ସରକାର ଯାଜପୁର ଜିଲ୍ଲା ତଥା ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣୁଥିବାର ଯେଉଁ ଡିଣ୍ଡିମ ପିଟୁଛନ୍ତି, ତାହାର ବିକଳ ଚିତ୍ର ଏଠାରେ ପରିଲକ୍ଷିତ ହେଉଛି। ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟମନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ନାହାନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ ବର୍ଷାଦିନ ହୋଇଥିବା ହେତୁ ଝାଡ଼ାବାନ୍ତି ହୁ ହୁ ହୋଇ ବ୍ୟାପିଯିବାର ସମ୍ଭାବନା ରହିଛି। ତେଣୁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ରୋକିବାକୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରୀ ସାମଲ ଦାବି କରିଛନ୍ତି। ପରିସ୍ଥିତି ସଂଗୀନ ଥିବାବେଳେ ସ୍ୱାସ୍ଥ୍ୟ ସଚିବ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ତତ୍ପରତା ଦେଖାଦେବା କଥା, ତାହା ଦେଖାଉନାହାନ୍ତି ବୋଲି ଶ୍ରୀ ସାମଲ ଅଭିଯୋଗ କରିଛନ୍ତି। ଯେଉଁ ଆକ୍ରାନ୍ତମାନେ ସରକାରୀ ଡାକ୍ତରଖାନାଗୁଡ଼ିକରେ ଭର୍ତ୍ତି ହୋଇଛନ୍ତି, ରାଜ୍ୟ ସରକାର ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ସହ କିପରି ଭାବରେ ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସିବ, ସେଥିପ୍ରତି ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଯୁବ କଂଗ୍ରେସ ଜଣାଇଛି।

## ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସଙ୍କ ଜୟନ୍ତୀ ପାଳିତ



**ଭୋଗରାଇ, ୧୧।୬ (ସମିସ) :** ଭୋଗରାଇର ବରପୁତ୍ର ସ୍ୱାଧିନତା ସଂଗ୍ରାମୀ ପ୍ୟାରିମୋହନ ଦାସ ୧୧୨ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଆଜି ପ୍ୟାରିମୋହନ ଫାଉଣ୍ଡେସନ ପକ୍ଷରୁ ୫୭ ନମ୍ବର ରାଜ୍ୟ ରାଜପଥ ନେଗୁଆ ଠାରେ ଥିବା ସର୍ଗତ ପ୍ୟାରିମୋହନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଥିଲେ। ପ୍ୟାରିମୋହନ ଫାଉଣ୍ଡେସନର ସଭାପତି ତଥା ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ୟାରିମୋହନ ଦାସଙ୍କ ଝିଅ ଅପର୍ଣ୍ଣା ଦାସ ମହାପାତ୍ର, ଭୁବାନନ୍ଦ ଦାସ, ଚନ୍ଦେନେଶ୍ୱର ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ପ୍ରଧାନ, ଗୋପବନ୍ଧୁ ମହାପାତ୍ର, ବିପଦ ଭଞ୍ଜନ ମିଶ୍ର, ସନ୍ତୋଷ କୁମାର ପାତ୍ର, ଦେବେନ୍ଦ୍ର ସାହୁ, ଅଜିତ ଦାସ, ହରେକୃଷ୍ଣ ଦାସ, ସୁଲେଖା ମହାନ୍ତି ଉପସ୍ଥିତ ଥିଲେ।

## ସାର ଦୋକାନ ସିଲ୍



**ଚନ୍ଦନେଶ୍ୱର/ଭୋଗରାଇ, ୧୧।୬ (ସମିସ):** ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ନେଗୁଆଁ ଛକସ୍ଥିତ ବିଶିଷ୍ଟ ସାର ବ୍ୟବସାୟୀ ସୀତାନାଥ ସାହୁଙ୍କ ଚନ୍ଦନେଶ୍ୱର ଫାର୍ଟିଲାଇଜର ସାର ଦୋକାନକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ତରଫରୁ ସିଲ୍ କରାଯାଇଛି । ସାର ବ୍ୟବସାୟୀ ସୀତାରାମ ସାହୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଚନ୍ଦନେଶ୍ୱର ଶାଖାରୁ ପ୍ରାୟ ୬୮ ଲକ୍ଷ ଟଙ୍କା ନିଜର ସାର ବ୍ୟବସାୟ ପାଇଁ ଋଣ କରିଥିଲେ । ମାତ୍ର ବର୍ଷବର୍ଷ ଧରି ଋଣ ଖିଲାପି ହେବାରୁ ବାଲେଶ୍ୱର ସିଜିଏମ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ବୁଧବାର ସକାଳେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଭୁବନେଶ୍ୱର ଶାଖା ତରଫରୁ ଶ୍ରୀ ସାହୁଙ୍କର ନେଗୁଆଁ ଛକ ସ୍ଥିତ୨ଟି ସାର ଦୋକାନ ଓ ଦାଉଦପୁର ସ୍ଥିତ ୨ ଡେସିମିଲ ଜାଗାକୁ ସିଲ କରାଯାଇଛି । ଏଥିରେ ଭୁବନେଶ୍ୱର ଷ୍ଟେଟ ବ୍ୟାଙ୍କର ମୁଖ୍ୟ ମ୍ୟାନେଜର ଦିଲ୍ଲୀପ କୁମାର ବିଶ୍ୱାଳ, ସିସିଓ ବଟୁ ନାରାୟଣ ମୂର୍ତ୍ତି, ଚନ୍ଦନେଶ୍ୱର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଚନ୍ଦନେଶ୍ୱର ଶାଖା ପରିଚାଳକ ବିଜୟ କୁମାର ମୁର୍ମୁ, ବରିଷ୍ଠ ଆଇନଜୀବୀ ସୌମ୍ୟ ରଞ୍ଜନ ଦାସ, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥିଙ୍କ ସମେତ ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା ।

## କରାଟେ ପ୍ରତିଯୋଗିତାରେ ବାଲେଶ୍ୱର ପ୍ରତିଯୋଗୀଙ୍କୁ ସଫଳତା



**ବାଲେଶ୍ୱର,୧୧।୬(ସମିସ):** ଗତ ମେ ମାସ ୨୪ ଓ ୨୫ତାରିଖରେ ଗୋଆର ମନୋହର ପାରିକର ଇନଡୋର ଷ୍ଟାଡିୟମରେ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବାଲେଶ୍ୱର ଜିଲ୍ଲାରୁ ଫିଟ ଟୁ ଫାଇଟ କାରେଟ ସେଂଟରର ମୁଖ୍ୟ କୋଚ ମନୋରଞ୍ଜନ ଆଚାର୍ଯ୍ୟଙ୍କ ତତ୍ୱାବଧାନରେ ପିଲାମାନେ ସେଠାରେ ଯୋଗ ଦେଇଥିଲେ । ସେଥିରେ କାଟା ବିଭାଗରେ ଅଦ୍ୟାନଶୁ ମିଶ୍ର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୭ବର୍ଷ ବାଳିକା ବିଭାଗରେ ପୁଲିନା ପରିଡା ସିଲଭର, ଶ୍ରୀୟମ ପ୍ରଧାନ ଓ ଆୟୁଷ ପାତ୍ର ବ୍ରୋଞ୍ଜ ପଦକ ଜିତିଛନ୍ତି। କୁମିତେ ବିଭାଗରେ ଜେନିଫର ପିଟର ସିଲଭର ପଦକ ଜିତିଥିବା ବେଳେ ମୁଗଧା ମୟୀ ଯଶସ୍ୱିନୀ ବ୍ରୋଞ୍ଜ, ପୁଲିନା ପରିଡା, ପ୍ରଣବ କୁମାର ଓ ଶାୟନ ବାନାର୍ଜି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ଶ୍ରୀରାମପୁର ଗ୍ରାମରୁ ଚୋରି

**ଖଇରା,୧୧।୬ (ସମିସ):** ବାଲେଶ୍ୱର ଜିଲା ଖଇରା ଥାନା ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମର ଅନନ୍ତ ଦାସ ଓ ସାନଭାଇ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଘରୁ ୭ତାରିଖ ରାତିରେ ଚୋରୀ ହୋଇ ଯାଇଥିବା ନେଇ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଖଇରା ପୁଲିସ ଏକ ମାମଲା ରୁଜୁ କରି ଜିଲା ସାଇଣ୍ଟିଫିକ ସହଯୋଗରେ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ଜଣା ପଡିଛି। ଅଭିଯୋଗ ଅନୁଯାଇ ଉଭୟଙ୍କ ପରିବାର ୫ତାରିଖ ଦିନ ପୁରୀ ବୁଲିବାକୁ ଯାଇ ୮ ତାରିଖ ଦିନ ପୁରୀରୁ ଘରକୁ ଫେରିବା ପରେ ନଗଦ ଟଙ୍କା ୩୦ ହଜାର ସହ ଗଡରେଜରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ ହୋଇଥିବାର ଜଣାପଡିଥିଲା । ଏହି ଚୋରୀରେ ଜଣେ ନିକଟ ସମ୍ପର୍କୀୟଙ୍କ ସଂପୃକ୍ତି ଥିବା ସନ୍ଦେହରେ ଖଇରା ପୁଲିସ କିଛି ଲୋକଙ୍କୁ ଡାକି ପଚରା ଉଚୁରା କରିଛି ।

### ୭୨ ଓ ୭୩ ନଂ ଖଣି ଉପରେ ଖଣି ବିଭାଗର ଅଚାନକ ଚଢ଼ଉ

# ଅଧିକାରୀଙ୍କୁ ଦେଖି ଦୌଡ଼ି ପଳାଇଲେ ଖଣି ମାଫିଆ

**ଖଇରା, ୧୧।୬ (ସମିସ)**

ଖଇରା ବ୍ଲକ ଅନ୍ତର୍ଗତ କୁପାରି ଶାରିଶୁଆ ପାହାଡ଼ରେ ଦୀର୍ଘଦିନ ଧରି ବନ୍ଦ ହୋଇ ପଡିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳକୁ ୧୪୪ ଜାରି କରିଛନ୍ତି । ହେଲେ କିଛି ଖଣି ମାଫିଆ ମାନେ ନିର୍ଦ୍ଦିଷ୍ଟ ଖଣିରେ ଦିନ ରାତି ବେଆଇନ ବ୍ଲାଷ୍ଟିଂ କରି କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ଦେଖିବାକୁ ମିଳିଛି । ଆଜି ଭୋର ସମୟରେ ୭୨ ଓ ୭୩ ନଂ ଖଣି ରେ ଏକ ନିର୍ଦ୍ଦିଷ୍ଟ ଦଳର ଜଣେ ଆଗଧାଡିର ନେତା ପଥର ବ୍ଲାଷ୍ଟିଂ ପାଇଁ ପଥର ରେ ଗାତ



କରୁଥିବା ନେଇ ଖଣି ଅଧିକାରୀଣି ବିଶେଷ ସୂତ୍ରରୁ ଖବର ପାଇ ଖଇରା ରେ ଥିବା ଖଣି ଅଧିକାରୀ ଅଭିଷେକ ବେହେରା ତଦନ୍ତ ପାଇଁ ପଠାଇ ଥିଲେ। ଶ୍ରୀ ବେହେରାଙ୍କ ନେତୃତ୍ୱ ରେ ଏକ ଟିମ୍ ଅଚାନକ ପହଁଚିବା ଦେଖି ଗାତ କରୁଥିବା ଲୋକ ମାନେ ମେସିନକୁ ନେଇ ଦୌଡି ପଳାଇଯାଇଥିବା ଦେଖିବାକୁ ମିଳିଛି । ଖଣି ବିଭାଗ ପହଁଚି ଗାତ ହୋଇଥିବା ସ୍ଥାନକୁ ପୋତିବା ସହିତ ଖଣି ଅଧିକାରିଣୀଙ୍କୁ ରିପୋର୍ଟ ଦେଇଦେଇଛନ୍ତି ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ଏହି ଚଢ଼ଉରେ ଜଗନ୍ନାଥ ଦାସ ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ଚେତନାର ପାରଦର୍ଶୀ ପ୍ରବକ୍ତା ଥିଲେ ହରିହର



**କାଳିପଦା, ୧୧।୬ (ସମିସ):** ଓଡିଶାର ସର୍ବପ୍ରାଚୀନ ସାହିତ୍ୟ-ସଂସ୍କୃତି ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ଓ ଯଶସ୍ୱୀ ରାଷ୍ଟ୍ରବାଦୀ ସଂଗଠକ ହରିହର ନନ୍ଦଙ୍କ ତୈଳଚିତ୍ର ଶତାବ୍ଦୀ ଭବନରେ ଉନ୍ମୋଚିତ ହୋଇଯାଇଛି । ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଭବ୍ୟ ଓ ଦିବ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ତଥା କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଷ୍ଟ୍ରୀୟ ଏକତା ଓ ସଂହତିର ସୁରକ୍ଷା ପାଇଁ ହରିହର ନନ୍ଦଙ୍କ ଜୀବନବ୍ୟାପୀ ନିରଳସ ସାଧନା ବାସ୍ତବରେ ଉଲ୍ଲେଖନୀୟ ଓ ଉଦାହରଣୀୟ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଶ୍ରୀ ନନ୍ଦଙ୍କ ସାରସ୍ୱତ ସାଧନା, ସାଙ୍ଗଠନିକ ଦକ୍ଷତା, ନିଷ୍ଠାପର କର୍ତ୍ତବ୍ୟପରାୟଣତା ଓ ନିରନ୍ତର ଦେଶସେବା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାରସ୍ୱତ ସାଧକ, ସୁବକ୍ତା, ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର ଶ୍ରୀ ନନ୍ଦଙ୍କୁ ଜଣେ ବାଗ୍ମୀ, ବିଦ୍ୱାନ, ବହୁଦର୍ଶୀ, ଜାତୀୟତାବାଦୀ ସୃଷ୍ଟିସମ୍ଭାରର ସଫଳ ସ୍ରଷ୍ଟା ଓ ମୌଳିକ ଚିନ୍ତକ ଭାବେ ଉପସ୍ଥାପନା କରିଥିଲେ। ସୁଶ୍ରୀ ସୁବର୍ଣ୍ଣରେଖା ପ୍ରଧାନ ହରିହର ନନ୍ଦଙ୍କ କବିତା ଗାନ କରିଥିଲେ। ଚିତ୍ରଶିଳ୍ପୀ ଜୟଶଙ୍କର ମହାରଣା ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କୁ ତୈଳଚିତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ଅତିଥି ଆମନ୍ତ୍ରଣ ଓ ସଂଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ଉତ୍କଳ ସାହିତ୍ୟ ସମାଜର ସ୍ମାରକୀପତ୍ର ପାଠ କରିଥିଲେ। ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ରାଧାଶ୍ୟାମ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଜ୍ଞା ପରିମିତା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ, ଶଶିକାନ୍ତ ରାଉତ, ଦିଲ୍ଲୀପ ଦାସ, ମୁରଲୀଧର ଶତପଥୀ, ତପନ କୁମାର ସ୍ୱାଇଁ, ସରୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ




**ବାଲେଶ୍ୱର,୧୧।୬ (ସମିସ):** ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନୀଳଗିରି ବ୍ଲକ୍ ଅନ୍ତର୍ଗତ ଗରଡିହି ପଞ୍ଚାୟତର କୁଞ୍ଜିବନିଆ ପଡିଆରେ "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କର ଅଭିଯୋଗ ଶୁଣାଣୀ କରି ତାହାର କେମିତି ତ୍ୱରିତ ସମାଧାନ ହେବ ସେ ସମ୍ବନ୍ଧରେ ଆଲୋଚନା କରିଛନ୍ତି। ସର୍ବାଙ୍ଗୀନ ଉନ୍ନତି ପାଇଁ ବିହିତ ପଦକ୍ଷେପ ନେବାପାଇଁ କଥା ଦେଇଥିବା ସହିତ ଅନେକ ଲୋକାଭିମୁଖୀ ପ୍ରସ୍ତାବ ମଧ ଦେଇଛନ୍ତି ଯେପରି ପାଞ୍ଚଟି ଗ୍ରାମ୍ୟ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାର ପଦକ୍ଷେପ, କିଅତୋଟା ହରିଜନ ଓ ଆଦିବାସୀ ହଷ୍ଟେଲ ର କ୍ଷମତା ୪୦ରୁ ବୃଦ୍ଧି କରି ୧୦୦ କରିବା, ଆଉ ଚାରୋଟି ଖେଳପଡିଆ ପ୍ରସ୍ତୁତି , ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ଆଦି ସହ ପିଡବ୍ଲ୍ୟୁଡି ରାସ୍ତା ଠାରୁ ଗରଡ଼ିହି ପଞ୍ଚାୟତ କାର୍ଯ୍ୟାଳୟ ଯାଏଁ ରାସ୍ତାର ଉଭୟ ପାଶ୍ୱର୍ରେ ବୃକ୍ଷରୋପଣ କାର୍ଯ୍ୟ ସହ କଳବନ୍ଧ ପିଏଚସିରେ ସ୍ଥାୟୀ ଡାକ୍ତର ଓ ୪ଟି ଷ୍ଟାଫନର୍ସଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହାଛଡା ଅନ୍ୟ ହିତାଧିକାରୀଙ୍କ ନାମ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଇବ ଲାଗି ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମ ପ୍ରତି ପନ୍ଦର ଦିନରେ ଥରେ ହରିଜନ ଓ ଆଦିବାସୀ ବହୁଳ ଗ୍ରାମ ଓ ଅନ୍ୟ ଦୂରବର୍ତ୍ତୀ ଗ୍ରାମମାନଙ୍କରେ ଆୟୋଜିତ ହେବ ଯେଉଁଠି ଜିଲ୍ଲାପାଳ ସିଧାସଳଖ ଗ୍ରାମବାସୀଙ୍କ ସହ ଆଲୋଚନା ମାଧ୍ୟମରେ ସେମାନଙ୍କ ଅଭିଯୋଗର ସମାଧାନ କରିବେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହ ଆଇ ଏ ଏସ୍ ପ୍ରୋବେସନର ଶାମଲ୍ ଭଗତ୍, ବିଡିଓ ଓ ତହସିଲଦାର ନୀଳଗିରି, ପି ଏ ଆଇ ଟି ଡି ଏ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ଅଭିଯୋଗ

**ସୋର, ୧୧।୬ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ ୩ ନମ୍ବର ୱାର୍ଡ ବଢ଼େଇସାହି ଅଙ୍ଗନବାଡି କେନ୍ଦ୍ରରୁ ଦିନ ଦ୍ୱିପ୍ରହରେ ଚୋରି ହୋଇଥିବା ନେଇ ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଏହି କେନ୍ଦ୍ରର ଅଙ୍ଗନବାଡି କର୍ମୀ ରିତାରାଣୀ ସାହୁ ଆଜି ସକାଳେ ଅଙ୍ଗନବାଡି କେନ୍ଦ୍ରକୁ ଯାଇ ନିଜର କାମ ସାରି ଚାବି ପକାଇ ଘରକୁ ଫେରିଥିଲେ। କିନ୍ତୁ ଅପରାହ୍ନରେ ପୁଣି ଅଙ୍ଗନବାଡି କେନ୍ଦ୍ରକୁ ଯାଇଥିବା ବେଳେ ତାଲା ଭଙ୍ଗା ଯାଇ ପାଣି ମୋଟର ଏବଂ ଭିତରେ ଥିବା ଗ୍ୟାସ ସିଲିଣ୍ଡର ଟିକୁ କେହି ଚୋରି କରି ନେଇଥିବା ଦେଖିବାକୁ ପାଇଥିଲେ। ଏହା ପରେ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହିତ ସନ୍ଧ୍ୟାରେ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ● ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

## ଦାୟିତ୍ୱ ନେଲେ ସିଡିଏମ୍ଓ ଡା. ପ୍ରଭାତ ବେହେରା

**ବାଲେଶ୍ୱର, ୧୧।୬ (ସମିସ):** ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଜି ଡାକ୍ତର ପ୍ରଭାତ କୁମାର ବେହେରା ସିଡିଏମଓ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଡା. ବେହେରା ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ସିଡିଏମଓ ଥିଲେ। ଆଜି କାର୍ଯ୍ୟଭାର ଗ୍ରହଣ କଲାପରେ ଚିକିତ୍ସାଳୟର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀମାନଙ୍କୁ ନେଇ ଏକ ବୈଠକରେ ବର୍ତ୍ତମାନ ଡାକ୍ତରଖାନାରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାରେ ଥିବା ଅନେକ ବିଭାଗ ଫକୀରମୋହନ ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତରିତ ହେବା ପରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେବା ସ୍ୱାଭାବିକ। ତେଣୁ ଜନସାଧାରଣ ଏହାକୁ ସହଜରେ ଗ୍ରହଣ କରିନେବା ଉଚିତ୍ ହେବ।



ତେବେ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାରେ ବର୍ତମାନ ଯେଉଁ ଭଳି ସମସ୍ୟା ଉପୁଜିଛି ତାହା ଆଗାମୀ ଦିନରେ ସମାଧାନ ହୋଇଯିବ ବୋଲି ନୂଆ ସିଡିଏମଓ ଡା. ବେହେରା ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ଶିଶୁ ସାହିତ୍ୟିକ ନଳିନୀକାନ୍ତ ପାଢ଼ୀଙ୍କୁ ସୁନାଚାନ୍ଦ ପ୍ରତିଭା ସମ୍ମାନ

**କାଳିପଦା, ୧୧।୬ (ସମିସ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ଗୋଶାଣୀବିନ୍ଧା ଗ୍ରାମର ଶିଶୁ ସାହିତ୍ୟିକ ନଳିନୀକାନ୍ତ ପାଢୀଙ୍କୁ ମୟୂରଭଞ୍ଜ, ବଡ଼ସାହି ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟ ପତ୍ରିକା 'ସୁନାଚାନ୍ଦ' ଓ ରାଷ୍ଟ୍ର ଭାଷା 'କାକଳି' ତରଫରୁ ଶିଶୁ ଗଳ୍ପ କର୍ମଶାଳାରେ ସୁନାଚାନ୍ଦ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି । ଶିଶୁ ସାହିତ୍ୟିକ ନଳିନୀ କାନ୍ତ ପାଢ଼ୀ ଏକାଧାରରେ ଜଣେ କବି, ଶିଶୁ ସାହିତ୍ୟିକ, କୃତି ଶିକ୍ଷକ, ପତ୍ରିକା ସମ୍ପାଦକ, ସୁସଂଗଠକ ଓ ସମାଜସେବୀ ଅଟନ୍ତି କ୍ଷ ସେ ଏଯାବତ ଆମ ରାଇଜ, ସୁନାମାଟି, ପିଲାଏ ଅଟନ୍ତି କରିଛନ୍ତି । ଶିଶୁ ସାହିତ୍ୟିକ ହିସାବରେ ସେ ଜଗନ୍ନାଥ ସେବାସଂସ୍ଥାରୁ ବିଶିଷ୍ଟ ଶିଶୁସାହିତ୍ୟିକ ସମ୍ମାନ, ନାଗେଶ୍ୱରୀ ସିନେ ନିୟୁଜ ତରଫରୁ ନାଗେଶ୍ୱରୀ ଶିଶୁସାହିତ୍ୟିକ ସମ୍ମାନ, ଶିଶୁ ସାହିତ୍ୟ ଗବେଷଣା ପରିଷଦ ତରଫରୁ ଶିଶୁ ସାହିତ୍ୟିକ ଭାବେ ପ୍ରଶଂସା ପତ୍ର, ବଣମଲ୍ଲୀ ସାହିତ୍ୟ ପରିଷଦ ତରଫରୁ ବଣମଲ୍ଲୀ କଳିକା ସମ୍ମାନ ସହ ବହୁ ସମ୍ମାନ ଓ ପୁରସ୍କାର ପ୍ରାପ୍ତ ହୋଇଛନ୍ତି । ସେ ଉକ୍ତ ପୁରସ୍କାର ପାଇଥିବାରୁ ସମଗ୍ର ବାଲିଆପାଳ ରେ ଉତ୍ସାହ ଓ ଆନନ୍ଦ ଖେଳିଯାଇଛି । ଉକ୍ତ ପୁରସ୍କାର




ଗୋଲାପ ପରି, ସୁରଭିତ ସକାଳ, ମାଟି ମମତାର ମୂଳ, ବଣଭୋଜିର ମଜା, ଟିକି ଗାଁ ଆମ ଟିକି ସରଗ, ଆଣିଛି ଛାଣି ନୂଆ କାହାଣୀ ଆଦି ଶିଶୁ ମନଲାଖି ପୁସ୍ତକ ରଚନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିବା ସହ ଶିଶୁ ପତ୍ରିକା "ପତଙ୍ଗ "ସମ୍ପାଦନା କରୁଛନ୍ତି । ସେ ପନ୍ଦର ଖଣ୍ଡରୁ ଉର୍ଦ୍ଧ ପୁସ୍ତକ ରଚନା କରିଛନ୍ତି । ବଡ଼ମାନଙ୍କପାଇଁ ମଧ ଚାରିଖଣ୍ଡ କବିତା ପୁସ୍ତକ, ୩ ଖଣ୍ଡ ଜୀବନୀ ପୁସ୍ତକ ରଚନା ପାଇଥିବାରୁ ଶ୍ରୀ ପାଢ଼ୀ ଅନୁଷ୍ଠାନର ମୁଖ୍ୟ ଡ. କୁମାର ବାବୁଲି, ବିଶିଷ୍ଟ ସାହିତ୍ୟ ଗବେଷକ ଡ଼. ଭାଗବତ ଲେଙ୍କା, ନବକକଳି ଶିଶୁ ପତ୍ରିକାର ସମ୍ପାଦକ ଡ଼. ସୁରେନ୍ଦ୍ର ତ୍ରିପାଠୀ, ମା ବିରଜା ଦେବୀ, ବିବେକାନନ୍ଦ ଶିକ୍ଷକେନ୍ଦ୍ର, ବଡ଼ସାହିର ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତି ପୁହାଣ, ଗୁରୁଜୀ ବେଣୁଧର ଜେନା, ମନୋରମା ଦାଶ ପ୍ରମୁଖଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

# ବ୍ଲକ୍‌ସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ

**ବାଲେଶ୍ୱର,୧୧।୬ (ସମିସ)**

ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ବୁଧବାର ପୂର୍ବାହ୍ନରେ ରାଜ୍ୟ ମିଶନଶକ୍ତି ବିଭାଗର ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ଜିଲ୍ଲା ମିଶନ ଶକ୍ତି ଆନୁକୂଲ୍ୟରେ ସ୍ଥାନୀୟ ସଦର ବ୍ଲକର ରାଜୀବ ଗାନ୍ଧୀସେବାକେନ୍ଦ୍ରରେବ୍ଲକସ୍ତରୀୟପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୋଟ ୧୯ଟି ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ଅଂଶ ଗ୍ରହଣ କରି ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ବିଭିନ୍ନ ସୁସ୍ୱାଦୁ ପିଠାପଣା, ତରକାରୀ ପ୍ରଦର୍ଶନ କରିବା ସହ ଲୋକଙ୍କୁ ବ୍ୟଞ୍ଜନକରି ସ୍ୱାଦ ଚଖାଇ ଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗଦେଇ ଏସଏଚଜିର ସଦସ୍ୟାମାନେ କିଭଳି ସରକାରଙ୍କ ଏହି ମହତ୍ୱ ପୂର୍ଣ୍ଣ ଯୋଜନାରୁ ଲାଭ ଉଠାଇ ପାରିବେ ସେ ସମ୍ପର୍କରେ ସଚେତନ କରାଇ ଥିଲେ। ମୁଖ୍ୟ ବକ୍ତା ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ସଦର ବ୍ଲକ ବିଡିଓ ଉତ୍ତମ କୁମାର ଜେନା, ସିଡିପିଓ ମଧୁସ୍ମିତା ତ୍ରିପାଠୀ, ଉଦଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ଅଧାପିକା କୁଙ୍କୁମ ଦାସ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିବା ଏସଏଚଜି ମହିଳା ମାନଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ ପ୍ରୋତ୍ସାହିତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଡିପିଏମ ସଂଜୀବ କୁମାର ମହଲା, ସଞ୍ଜୟ କୁମାର ଜେନା, ପ୍ରିୟ ଦର୍ଶିନୀ ଆଚାର୍ଯ୍ୟ, ମଧୁସ୍ମିତା ଜେନା, ଓଏଲଏମ ସ୍ୱର୍ଣ୍ଣପ୍ରଭା ଦାସଙ୍କ ସମେତ ଓଏଲଏମ ଏବଂ ମିଶନ ଶକ୍ତିର କର୍ମଚାରୀ ମାନେ ପରିଚାଳନା କରିଛନ୍ତି। ଆଗାମୀ କାଲି ସକାଳ ୭ ଟାରେ ଏକ ସଚେତନତା ରଥ ମିଶନ ଶକ୍ତି କାଫେ ଠାରୁ ବାହାରି ସଦର ବ୍ଲକ ପରିକ୍ରମା କରିବ। ସେହିପରି ତେର ତାରିଖରେ ପୁଲିସ ପରେଡ ପଡିଆରେ ଜିଲ୍ଲା ସ୍ତରୀୟ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ତିନୋଟି କୃତି ଏସଏଚଜିଙ୍କୁ ପୁରସ୍କାର ଆକାରରେ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ସଦର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ଜେନା ସୂଚନା ଦେଇଛନ୍ତି । ଆଜିର ପ୍ରତିଯୋଗିତାରେ ଜୁରୀ ଭାବେ ଅଧାପିକା କୁଙ୍କୁମ ଦାସ, ଅବସରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଭାଗିରଥି ମହାନ୍ତି, ଫୁଡ ଇନିସ୍ପେକ୍ଟର ଅନୁଶ୍ରୀ ଖଟୁଆ ପ୍ରମୁଖ ଉପସ୍ଥିତ ରହି ଖାଦ୍ୟର ମାନ ନିର୍ଦ୍ଧାରଣ କରିବା ସହ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କେଉଁ ଗ୍ରୁପ ଅଂଶ ଗ୍ରହଣ କରିବେ ତାର ଚୂଡାନ୍ତ ତାଲିକା ପ୍ରସ୍ତୁତ କରିଛନ୍ତି।



## ଗଗନଧୁଳୀ, ଅଚ୍ୟୁତପୁର ଓ ଡାଲଙ୍ଗରେ କୃଷି ସଂକଳ୍ପ ଅଭିଯାନ

**ଖଇରା,୧୧।୬ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଗନଧୂଳୀ, ଅଚ୍ୟୁତପୁର ଓ ଡାଲଙ୍ଗ ପଞ୍ଚାୟତରେ ବୁଧବାର ଦିନ କୃଷି ସଂକଳ୍ପ ଅଭିଯାନ ଅନ୍ତର୍ଗତ ବିଭିନ୍ନ କୃଷି ଯୋଜନା ଓ ବୈଜ୍ଞାନିକ ପଦ୍ଧତିରେ ଚାଷ ସମ୍ପର୍କିତ ତଥ୍ୟ ଉପସ୍ଥିତ ଚାଷୀ ମାନଙ୍କୁ ଅଧିକାରୀମାନେ ଅବଗତ କରାଇଛନ୍ତି । ଗଗନଧୂଳି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମଦନମୋହନ ସାନ୍ତରାଙ୍କ ସଭାପତିତ୍ୱରେ ଆୟୋ।ଜିତ ଏହି କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ଡା. ସନାତନ ପ୍ରଧାନ, ଡା କମଳାକାନ୍ତ ବେହେରା ଓ ଡା. ନିରଜ କୁମାର ଜେନା ଓ ସହକାରୀ କୃଷି ଅଧିକାରୀ ରମ୍ୟରଞ୍ଜନ ସାହୁ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶ୍ରୁତି ସଞ୍ଜିତା ଗିରି, ତୁଡିଗଡିଆ ପ୍ରାଣୀଧନ ନିରିକ୍ଷକ ରାଜୀବ କୁମାର ଶିଅଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୃଷି ଗ୍ରାମସେବକ ଧନଞ୍ଜୟ ମହାନ୍ତି, କୃଷି ଅଧିଦର୍ଶକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅଚ୍ୟୁତପୁର ସରପଞ୍ଚ ଅହଲ୍ୟା ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତି ସଭ୍ୟା ସସ୍ମିତା ପାଢୀ, ଜିଲା କୃଷି ଅଧିକାରୀ କୁମୁଦ ଚନ୍ଦ୍ର ପାଢୀ, କୃଷି ବୈଜ୍ଞାନିକ ଡା ଓମପ୍ରକାଶ ବର୍ମା, ଡା ଅନିତାରାଣୀ ପାତ୍ର, ଲକ୍ଷ୍ମୀକାନ୍ତ ମୁର୍ମୁ, ଶୁଭ୍ରଜିତ ଷଡଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୁଧବାର ଅପରାହ୍ନରେ ଡାଲଙ୍ଗ ପଞ୍ଚାୟତରେ ସରପଞ୍ଚ ଅଜୟ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କୃଷି କର୍ମଶାଳାରେ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ସମିତିସଭ୍ୟା ସୂର୍ଯ୍ୟରାଣୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୃଷକ ସାଥୀ ବିଜୟ ନାୟକ ଓ ଅମୂଲ୍ୟ ବାରିକ ଉପସ୍ଥିତ ଥିଲେ।

## ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

# ଗଜାନନ ବେଶରେ ମହାପ୍ରଭୁଙ୍କ ଦର୍ଶନ ପାଇ ଭକ୍ତ ବିମୋହିତ










ବାଲେଶ୍ୱର,୧୧।୬(ସମିସ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାର ପ୍ରଥମ ପର୍ବ ହେଉଛି ସ୍ନାନ ଉତ୍ସବ। ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ଏହି ଅନନ୍ୟ ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ପୁରୀ ଶ୍ରୀକ୍ଷେତ୍ରକୁ ଚଳଚଞ୍ଚଳ କରିଛି। ଅନୁରୂପ ଭାବେ ବାଲେଶ୍ୱରରେ ମଧ୍ୟ ଶ୍ରୀ ଜଗନ୍ନାଥ ମନ୍ଦିରମାନଙ୍କରେ ବେଶ ଶ୍ରଦ୍ଧା ଓ ଭକ୍ତିର ସହ ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସହରର ମଣ୍ଡଳବଜାର ଶ୍ରୀ ଜଗନ୍ନାଥ ମନ୍ଦିର, ମୋତିଗଞ୍ଜ ବଜାର ବାଣ୍ଡିଆ ଜଗନ୍ନାଥ ମନ୍ଦିର, ବାଲିଘାଟ ଜଗନ୍ନାଥ ମନ୍ଦିର, ପୁଲିସ ଲାଇନ ଜଗନ୍ନାଥ ମନ୍ଦିର, ଆଜିମାବାଦ ଜଗନ୍ନାଥ ମନ୍ଦିର ସମେତ ବାଲିଆ, ଶାସଙ୍ଗ ପ୍ରଭୃତି ସ୍ଥାନରେ ଆଜି ବିଶେଷ ନୀତିରେ ଶ୍ରୀଜୀଉମାନଙ୍କର ସ୍ନାନ ଉତ୍ସବ ସମ୍ପନ୍ନ ହୋଇଛି। ପ୍ରାତଃକାଳରେ ଦୈନିକ ରୀତିପୂଜା ପରେ ତିନି ଠାକୁରଙ୍କ ସମେତ ଚକ୍ରରାଜ ସୁଦର୍ଶନଙ୍କୁ ଭକ୍ତମାନେ ଧାଡ଼ି ପହଣ୍ଡିରେ ସ୍ନାନବେଦୀ ବା ସ୍ନାନମଣ୍ଡପକୁ ନିଆଯାଇଥିଲା। ଘଂଟଘଂଟା, ଶଙ୍ଖ ହୁଳୁହୁଳି, ଭଜନ କୀର୍ତନ ସହିତ ହରିବଲ ଓ ଜୟ ଜଗନ୍ନାଥ ଧ୍ୱନିରେ ବିଗ୍ରହମାନଙ୍କୁ ଧାଡ଼ି ବା ଗୋଟି ପହଣ୍ଡିରେ ଆଣୁଥିବା ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ସ୍ନାନବେଦୀରେ ବିଗ୍ରହମାନଙ୍କୁ ୧୦୮ ପବିତ୍ର ତଥା ସୁବାସିତ ଜଳରେ ସ୍ନାନ କରାଯିବା ଦୃଶ୍ୟ ମଧ୍ୟ ଭକ୍ତଙ୍କୁ ବିମୋହିତ କରିଥିଲା। ସ୍ନାନପରେ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ଶ୍ରୀଜୀଉମାନେ ଗଜାନନ ବେଶରେ ପ୍ରକଟ ହୋଇଥିଲେ। ସ୍ନାନ ଉତ୍ସବ ପରେ ତିନିଠାକୁର ଜ୍ୱରରେ ପୀଡ଼ିତ ହୋଇ ୧୬ ଦିନ ପାଇଁ ଅଣସରକୁ ଚାଲିଯାଆନ୍ତି। ୧୬ଦିନ ପରେ ଶରୀର ସୁସ୍ଥ ହେବା ପରେ ପ୍ରଭୁ ନବଯୌବନ ଲାଭକରି ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ସମ୍ପୂର୍ଣ୍ଣ ମାନବବାଦର ପ୍ରତିଫଳନ ସ୍ୱରୂପ ଶ୍ରୀଜଗନ୍ନାଥ ସଂସ୍କୃତିରେ ଏହି ସ୍ନାନଯାତ୍ରାର ମଧ୍ୟ ମହତ ଉଦ୍ଦେଶ୍ୟ ଅଛି। ପ୍ରଚଣ୍ଡ ରୌଦ୍ରତାପରେ ଶରୀରରେ ଝାଳ ବୋହିବା ଯୋଗୁଁ ଧୂଳିମଳି ଲାଗିଥିବା ବେଳେ ସ୍ୱତନ୍ତ୍ର ଜଳର ସ୍ନାନରେ ଏହାକୁ ପରିଷ୍କାର କରାଯାଇଥାଏ ବୋଲି କୁହାଯାଏ।

**ଫକୀରମୋହନ ବିଶ୍ୱବିଦ୍ୟାଳୟ :** ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଅବସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସେବକ ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଷ୍ଠାର ସହିତ ଏହି ସ୍ନାନ ଉତ୍ସବର ସମସ୍ତ ନୀତିକାନ୍ତି ସମାପନ କରିଛନ୍ତି। ଏହି ସ୍ନାନଯାତ୍ରାରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀଗଣ ଓ ଛାତ୍ରଛାତ୍ରୀ ତଥା ଆଖପାଖ ଅଞ୍ଚଳର ଅନୁଭୂତ ଭକ୍ତମାନେ ଉପସ୍ଥିତ ହୋଇ ଠାକୁରଙ୍କ ଦେବସ୍ନାନ ଦର୍ଶନ କରି ଆତ୍ମିକ ଶାନ୍ତି ଅନୁଭବ କରିଛନ୍ତି। ଚାରିଦିଅଁଙ୍କୁ ୧୦୮ ପିଣ୍ଡି ଜଳ ଦ୍ୱାରା ଶ୍ରୀଙ୍ଗାର ମଣ୍ଡପରେ ସ୍ନାନ କରାଯିବା ପରେ ବିଶେଷ ଅଙ୍ଗଲାଗି ସେବା ସମ୍ପନ୍ନ ସହ ଭଗବାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା।

## ବାଲିଆପାଳର ଶ୍ରଦ୍ଧା ଓ ଭକ୍ତିକ୍ଷେତ୍ର

ବାଲିଆପାଳର ଖଗଡାପାଳସ୍ଥିତ ପ୍ରସିଦ୍ଧ ଶ୍ରଦ୍ଧା ଓ ମାନ୍ଧାତା ବଜାରସ୍ଥିତ ଭକ୍ତି କ୍ଷେତ୍ରରେ ବୁଧବାର ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏଥିପାଇଁ ପ୍ରାତଃରୁ ଶ୍ରୀ ଜୀଉମାନଙ୍କର ମଙ୍ଗଳ ଆଳତୀ, ସୂର୍ଯ୍ୟପୂଜା, ଦ୍ୱାର ପୂଜା, ଅବକାଶ ନୀତି ଆଦି ସମ୍ପନ୍ନ ହୋଇଥିଲା। ପରେ ଉଭୟେ କ୍ଷେତ୍ରର ସେବାୟତମାନେ ତିନି ଠାକୁରଙ୍କୁ ଗୋଟିପହଣ୍ଡିରେ ସ୍ନାନ ମଣ୍ଡପକୁ ନେଇଥିଲେ। ମନ୍ଦିରର ବଡ଼ ପଣ୍ଡା ବିଷ୍ଣୁ ଦାସ ପାଠୀ ଛେରାପହଁରା କରିଥିଲେ। ସ୍ନାନ ବେଦୀରେ ପୂଜା ଅର୍ଚ୍ଚନା ପରେ ୧୦୮ ଗରା ସୁବାସିତ ଜଳରେ ଶ୍ରୀ ବିଗ୍ରହମାନଙ୍କୁ ସ୍ନାନ କରାଯାଇଥିଲା। ମଣ୍ଡପରେ ଷୋଡ଼ଶ ପୂଜା ଏବଂ ହୋମ ପରେ ଚତୁର୍ଦ୍ଧାମୂର୍ତ୍ତି ଗଜାନନ ବେଶ ଧାରଣା କରିଥିଲେ। ପୂଜା ନୀତି ପରେ ରାତି ୮ ଟା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘରେ ବିଜେ କରାଯାଇ ଥିଲା। ଶ୍ରଦ୍ଧା କ୍ଷେତ୍ରରେ ସେବାୟତ ରବି ନାରାୟଣ ପାଠୀ, ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ, ପ୍ରଭୁ ଲୋକନାଥ ପାଠୀ ପ୍ରମୁଖ ପୂଜା ଅର୍ଚ୍ଚନା କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡର ସମ୍ପାଦକ ବ୍ରଜକିଶୋର ଭୂୟାଁ, ପୂର୍ବତନ ସରପଞ୍ଚ ମଧୁସୂଦନ ସାହୁ, ମୂରଲୀ ମୋହନ ସାହୁ,ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ,ଦିବ୍ୟକାମ ମହାନ୍ତି, ସଞ୍ଜୟ କୁମାର ଦେ ଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ଏହି ଉତ୍ସବକୁ ପରିଚାଳନା କରିଥିଲେ। ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ଶହଶହ ଶ୍ରଦ୍ଧାଳୁଙ୍କର ଭିଡ ହୋଇଥିଲା ସେହିପରି ମାନ୍ଧାତା ବଜାରସ୍ଥିତ ଭକ୍ତି କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ଜୀଉ ନିୟୋଗର ସଭାପତି ଗୋପାଳ କୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର, ସରୋଜ ତୋଳା, ରାଜେନ୍ଦ୍ର ଧଳ, ସୁଦର୍ଶନ ଦଳାଇ, କଟି ଛୁଆ ଦଳାଇ, ଅଜୟ କୁମାର ପାତ୍ର, କୃଷ୍ଣାନନ୍ଦ ପାତ୍ର, ମନୋରଞ୍ଜନ ସାମଲ, ମନୋରଞ୍ଜନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବଇଁଚାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମହାସ୍ନାନ ପର୍ବ

ରେମୁଣା ବ୍ଲକ ଅନ୍ତର୍ଗତ ବଇଁଚା ଗ୍ରାମରେ ପ୍ରତିଷ୍ଠିତ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିରରେ ବୁଧବାର ଦିନ ସ୍ନାନ ପୂର୍ଣ୍ଣିମା ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ପର୍ବ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଶ୍ରୀଜୀଉଙ୍କୁ ରୀତି ଅନୁସାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଆଜିର ନୀତିକାନ୍ତିରେ ମନ୍ଦିରର ମୁଖ୍ୟ ପୂଜା ପଣ୍ଡା ବସନ୍ତ ଶତପଥି, ସହାୟକ ସେବାୟତ ସତ୍ୟଜିତ ମହାପାତ୍ର, ଅନନ୍ତ ପଣ୍ଡା, ନୀତେଶ ପଣ୍ଡା ଆଶିଷ ପଣ୍ଡା ଓ ବିକାଶ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା ଟ୍ରଷ୍ଟର କର୍ମକର୍ତ୍ତା ଦୀନବନ୍ଧୁ ବେହେରା, ସୁନୀଲ କୁମାର ଦାସ, ଦିଗାମ୍ବର ଦାସ, ରଞ୍ଜନ ବେହେରା, ପ୍ରଦୀପ ଦାସ, ଗୋପୀନାଥ ଦାସ, ନିରଞ୍ଜନ ପରମାଣିକ, ଭାଗବତ ବାରିକ, ଅନିଲ ଦାସ ଓ ଗ୍ରାମର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

**ଅଣୁଶକ୍ତି ନଗର :** ମୁମ୍ବାଇ କେନ୍ଦ୍ରୀୟ ଆଣବିକ ଶକ୍ତି ବିଭାଗର ଆବାସିକ ପରିସର ଅଣୁଶକ୍ତିନଗରରେ ଅଞ୍ଚଳିକ ଓଡ଼ିଆ ସମିତି ତରଫରୁ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ଉତ୍ସବର ଶୁଭାରମ୍ଭ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ରାତିରେ ଶ୍ରୀଜଳ ସଂଗ୍ରହ, ବୈଦିକ ମନ୍ତ୍ର ପାଠ ଓ ପୁଷ୍ପାଞ୍ଜଳି ସହ ହୋଇଥିଲା। ପରେ ମହାପ୍ରଭୁଙ୍କ ଅତ୍ୟନ୍ତ ଲାଭକାରୀ ଓ ଦିବ୍ୟ ରୂପ ହାତୀ ବେଶ (ଗଜାନନ ବେଶ) ଅନୁଷ୍ଠିତ ହୋଇ ଭକ୍ତମାନେ ଦର୍ଶନ କରି ଧନ୍ୟ ହେଉଥିଲେ। ଓଡ଼ିଆ ସମିତିର ଅଧ୍ୟକ୍ଷ ଡା. ନିଗମାନନ୍ଦ ମିଶ୍ର ଶ୍ରୀ ଗଜପତିଙ୍କ ନିମିତ୍ତରେ ପାରମ୍ପରିକ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ। ଉତ୍ସବକୁ ସମିତିର ସମ୍ପାଦକ ଅଶୋକ କୁମାର ରଥ, ଉପାଧ୍ୟକ୍ଷ ଜିତେନ୍ଦ୍ର ଶୁକ୍ଳା, ଓ ରଥଯାତ୍ରା ସଂଯୋଜକ ସନ୍ତୋଷ ପ୍ରଧାନ ନିକଟ ନିର୍ଦ୍ଦେଶନାରେ ସଂଘଠିତ କରାଯାଇଥିଲା।

**ଇମାମୀ ନଗର ଜଗନ୍ନାଥ ମନ୍ଦିର :** ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳରେ ଥିବା ଇମାମୀ ନଗର ଜଗନ୍ନାଥଙ୍କ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ମହାସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ନାନବେଦୀରେ ଅଗଣିତ ଭକ୍ତ



ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ଲାଭ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ ନୀତିକାନ୍ତି ଅନୁଯାୟୀ ପୁରୀ ଶ୍ରୀକ୍ଷେତ୍ର ନିୟମ ମୁତାବକ ପ୍ରାତଃରେ ମଙ୍ଗଳା ଅର୍ପଣ ଓ ଆଜ୍ଞାମାଳ, ଧାଡିପହଣ୍ଡି ସ୍ନାନ ବେଦିରୁ ମଙ୍ଗଳ ଆରତି, ଅବକାଶ ମଇଲମ, ବଲ୍ଲଭ ଭୋଗ, ସୁବର୍ଣ୍ଣ କୂପ ପୂଜା, କଳସ ଅଧିବାସ ଅନୁଷ୍ଠିତ ପରେ ଦିବା ୧୧ଟା ୧୪ ମିନିଟ୍‌ରେ ୧୦୮ କଳସ ମନ୍ତ୍ରିତ ସୁବାସିତ ଜଳରେ ଶ୍ରୀଜୀଉ ଚତୁର୍ଦ୍ଧା ମୂର୍ତ୍ତିଙ୍କର ମହାସ୍ନାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ଇମାମୀ ଗ୍ରୁପ୍‌ର ପ୍ରତିଷ୍ଠାତା ଓ ଯୁଗ୍ମ ଅଧ୍ୟକ୍ଷ ରାଧେଶ୍ୟାମ ଗୋଏଁଙ୍କା ଛେରା ପହଁରା କରିଛନ୍ତି। ଅପରାହ୍ନ ୧ଘଟିକା ୪୫ ମିନିଟ୍‌ରେ ମହାପ୍ରଭୁ ସୁସଜ୍ଜିତ ଗଜାନନ ବେଶରେ ସହସ୍ରାଧିକ ଭକ୍ତଗଣଙ୍କୁ ଦର୍ଶନ ଦେଇଥିଲେ। ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ଜଗନ୍ନାଥ ମନ୍ଦିରର ମୁଖ୍ୟ ପୁରୋଧା ସୁଶିଲ କୁମାର ଗୋଏଁକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ଆରକେ.ଅଗ୍ରୱାଲ, ଏଚ୍‌ଏମ୍. ମାର୍ଦା, ସ୍ଥାନୀୟ ଇମାମୀ ପେପର ମିଲ୍‌ସର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦେଶ ଗୁପ୍ତା, ଡିଜିଏମ୍ ଦେବବ୍ରତ ହୋତା, ଏଜିଏମ୍ ତଥା ଲୋକସଂପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ, ଓମ୍ ପ୍ରକାଶ ଶର୍ମା, ବରିଷ୍ଠ ଅଧିକାରୀ ରମେଶ ଚନ୍ଦ୍ର ଖୁଣ୍ଟିଆ, ଆରକେ କୁଣ୍ଡୁ, ରାଜୁ ମୁଦ୍ରା, ମନ୍ଦିର ପରିଚାଳନା କମିଟିର ଅଧିକାରୀ ନିଖିଲ ରଞ୍ଜନ ଦାସ ସାମନ୍ତରାୟ, ବିନୋଦ କୁମାର ଜେନା, ଇମାମୀ ଲେଡ଼ିସ୍ କ୍ଲବ୍‌ର ସଭାପତି ବନ୍ଦନା ଗୁପ୍ତା, ଲେଡ଼ିସ୍ କ୍ଲବ୍ର ସମସ୍ତ ସଦସ୍ୟା, ବହୁ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ସଂପନ୍ନ ହୋଇଥିଲା। ଏହି ସ୍ନାନଯାତ୍ରା ମହୋତ୍ସବରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ବିଶିଷ୍ଟ ଶିଳ୍ପପତି ସଂଗ୍ରାମ ଦାସ,ଇମାମୀ ଗ୍ରୁପ୍‌ର ଯୁଗ୍ମ ଅଧ୍ୟକ୍ଷ ରାଧାଶ୍ୟାମ ଗୋୟେଙ୍କାଙ୍କ ଧର୍ମପତ୍ନୀ ସରୋଜ ଗୋୟେଙ୍କା ପ୍ରମୁଖଙ୍କ ସମେତ ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି।

**ସୋର ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିର :** ସୋର ବ୍ଲକ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉ ମାନଙ୍କର ସ୍ନାନ ଉତ୍ସବ ନୀତିକାନ୍ତି ଅନୁସାରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଭାତରୁ ଆଳତି, ମଇଲମ, ତଡପଲାଗି, ଅବକାଶ ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତିମାନଙ୍କୁ ସୁସଜ୍ଜିତ ବେଶରେ ଗୋଟି ପହଣ୍ଡି ରେ ସେବାୟତ ମାନେ ଘଣ୍ଟ ଘଣ୍ଟା ସଙ୍କିର୍ତ୍ତନ, ଜୟ ଜଗନ୍ନାଥ ଧ୍ୱନି ମଧ୍ୟରେ ସ୍ନାନ ମଣ୍ଡପକୁ ବିଜେ କରାଇ ଥିଲେ। ସ୍ନାନ ମଣ୍ଡପ ରେ ଦିଅଁ ମାନଙ୍କର ପୂଜାର୍ଚ୍ଚନା ପରେ ୧୦୮ କୁମ୍ଭ କ୍ଷୀର ଓ ସୁବାସିତ ଜଳରେ ଶ୍ରୀ ଜିଉ ମାନଙ୍କୁ ସ୍ନାନ କରାଯାଇଥିଲା। ସମଗ୍ର ପରିବେଶ ଜୟ ଜଗନ୍ନାଥ ଧ୍ୱନିରେ ମୁଖରିତ ହୋଇ ଉଠିଥିଲା।ସ୍ନାନ ପରେ ତିନି ଠାକୁର ବିଶେଷ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇ ଥିଲେ। ଅପରାହ୍ନରେ ଜିଉ ମାନଙ୍କୁ ଅଣସର ମଣ୍ଡପକୁ ନିଆଯାଇ ଥିଲା।

**କ୍ଷୀରରେ ସ୍ନାନ କଲେ ଶ୍ରୀଜୀଉ:** ପୁରାଣ ପ୍ରସିଦ୍ଧ ଗୁଡ଼ ଅନନ୍ତ ବଳଦେବଜୀଉ ତୁଳସୀ କ୍ଷେତ୍ର ଏବଂ କୁଶ କ୍ଷେତ୍ର ଧାମରେ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଛି। ଆଜି ସକାଳେ ମହାପ୍ରଭୁ ସ୍ନାନ ମଣ୍ଡପକୁ ଯିବା ପାଇଁ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସକାଳ ୧୦. ୩୦ରେ ମହାପ୍ରଭୁଙ୍କୁ ପାଖାପାଖି ୧୦ କୁଇଣ୍ଟାଲ କ୍ଷୀରରେ ସ୍ନାନ କରାଯାଇଥିଲା। ପ୍ରଭୁଙ୍କ ପହଣ୍ଡି ବିଜେ ବେଳେ ବାଜା, ରୋଷଣୀ, ମୃଦଙ୍ଗ, ଘଣ୍ଟା ଘଡିରେ ତୁଳସୀ କ୍ଷେତ୍ର କମ୍ପି ଉଠିଥିଲା। ଏଥିରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ମଧ୍ୟାହ୍ନରେ ମହାପ୍ରସାଦ ଏବଂ ସ୍ନାନ ଜଳ ପାଦୁକ ଭକ୍ତ ମାନଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବଳଦେବଜୀଉ ମନ୍ଦିର ପରିଚାଳନା କମିଟି, ଅନନ୍ତ ବଳଦେବଜୀଉ ଯୁବକ ସଙ୍ଘ ଏବଂ ଶିଳା ବ୍ରହ୍ମ ଯୁବପରିଷଦର ସଦସ୍ୟ ସଦସ୍ୟା ପରିଚାଳନାରେ ସହଯୋଗ କରିଥିଲେ।

# ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା




ନୀଳଗିରି, ୧୧।୬ (ସମିସ): ବୁଧବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତିନୀତି ଅନୁସାରେ ସକାଳେ ସେନାପଟା ଲାଗି, ରାଜନୀତି-ବନ୍ଦାପନା, ପୁଷ୍ପାଞ୍ଜଳି, ଡୋରଲାଗି ହୋଇଥିଲା। ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନଙ୍କ ପ୍ରତିନିଧି ଯୁବରାଜ ଜନ୍ମଞ୍ଜୟଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରା ପହଁରା ନୀତି ସାରିବା ପରେ ପ୍ରଥମେ ସ୍ନାନ ବେଦୀକୁ ଆସିଥିଲେ ଚକ୍ରରାଜ ସୁଦର୍ଶନ ପଛେ ପଛେ ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ସ୍ନାନ ମଣ୍ଡପରେ ବିରାଜିତ ହୋଇଥିଲେ। ମଙ୍ଗଳ ଆଳତି, ଅବକାଶ ପରେ ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ କଳସୀ ସୁବାସିତ ଜଳରେ ସ୍ନାନ ସମାପନ ହୋଇଥିଲା। ସବୁଦିନ ଯେଉଁ ସ୍ନାନ କରନ୍ତି ତାଙ୍କ ସମ୍ମୁଖରେ ଦର୍ପଣ ରଖାଯାଏ ଏବଂ ସେଥିରେ ତାଙ୍କ ପ୍ରତିବିମ୍ବ ପଡେ ସେ ଦର୍ପଣକୁ ସ୍ନାନ କରାଯାଏ ତାକୁ ବିମ୍ବ ସ୍ନାନ କୁହାଯାଏ। କିନ୍ତୁ ଆଜି ଯେଉଁ ସ୍ନାନ କରିଥିଲେ ତାକୁ ପ୍ରତ୍ୟକ୍ଷ ସ୍ନାନ କୁହାଯାଏ। ପରେ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ସରିବା ପରେ ଆରମ୍ଭ ହୋଇଥିଲା ସକାଳ ଧୂପ, ଗଜାନନ ବେଶ, ସନ୍ଧ୍ୟାରେ ଆଳତୀ, ଦକ୍ଷିଣ ଆଳତୀ ପରେ ବିଳମ୍ବିତ ରାତ୍ରୀରେ ଗୋଟି ପହଣ୍ଡିରେ ତିନିଠାକୁର ଅଣସର ଗୃହକୁ ଯାଇଛନ୍ତି। ବ୍ରହ୍ମା ପୁଣ୍ୟଶ୍ଳୋକ ନନ୍ଦ, ସରୋଜ କୁମାର ନନ୍ଦ, ଦେବେନ୍ଦ୍ର କୁମାର ନନ୍ଦ, ମନୋଜ କୁମାର ନନ୍ଦ, ରାଜଗୁରୁ ରବିନ୍ଦ୍ର ମହାପାତ୍ର, ପ୍ରହରାଜ ହରିନାରାୟଣ ନନ୍ଦ, ଲମ୍ବୋଧର ଆଚାର୍ଯ୍ୟ, ଦେବାଶିଷ ଦାସ, ବିରେଶ ଶତପଥି, ମୃତ୍ୟୁଞ୍ଜୟ କର, ପୂଜକ ହରିବନ୍ଧୁ କର, ପ୍ରିୟବ୍ରତ କରଙ୍କ ସହିତ ଚାମର ସେବାୟତ ଘଣ୍ଟୁଆ ଓ ଠାକୁର ମାହାଲର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ସୋନମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପ୍ରମୁଖ ତୃତୀୟ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଏହି ନୀତିକାନ୍ତ ଦେଖିବା ପାଇଁ ସନ୍ଧ୍ୟା ସମୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଶ୍ରଦ୍ଧାକ୍ଷେତ୍ରର ୨୭ତମ ପ୍ରତିଷ୍ଠା ଉତ୍ସବ ପାଳିତ




ବାଲିଆପାଳ, ୧୧।୬ (ସମିସ): ଏହି ବ୍ଲକ ଖଗଡାପାଳସ୍ଥିତ ଶ୍ରଦ୍ଧାପତିଙ୍କ ୨୭ତମ ପ୍ରତିଷ୍ଠା ଉତ୍ସବ ମନ୍ଦିର ପରିସରରେ ମଧୁପୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ମନ୍ଦିର ଟ୍ରଷ୍ଟବୋର୍ଡର ସଦସ୍ୟ ମୁରଲୀମୋହନ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ୨୦ ଜୁନ ୧୯୯୯ରେ ତତ୍କାଳୀନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ଏହି ଶ୍ରଦ୍ଧାପତିଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟକା ସୁବାସିନୀ ଜେନା ଯୋଗଦେଇ ଆସନ୍ତା ବିଧାନସଭା ଅଧିବେଶନରେ ମନ୍ଦିରର ଉନ୍ନତିକରଣ ପାଇଁ ଉପସ୍ଥାପନା କରିବା ସହିତ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ସମସ୍ତ ସହଯୋଗ କରିବେ ବୋଲି କହିଥିଲେ । ଆଗକୁ ହେବାକୁ ଥିବା ରଥଯାତ୍ରା କିପରି ସୁରୁଖୁରରେ ଅନୁଷ୍ଠିତ ହେବ ସେ ବିଷୟରେ ବିଶେଷ ଆଲୋଚନା ହୋଇଥିଲା । ସଦସ୍ୟ ଇଂ. ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ମଞ୍ଚ ଆହ୍ୱାନ କରିଥିବା ବେଳେ ପ୍ରଫୁଲ୍ଲ କୁମାର ସାହୁ ବାର୍ଷିକ ବିବରଣୀ ପାଠ ସହିତ ବାର୍ଷିକ ଆୟ ବ୍ୟୟର ହିସାବ ଉପସ୍ଥାପିତ କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ସଦସ୍ୟ ମାନେ ଶ୍ରଦ୍ଧାକ୍ଷେତ୍ରର ଉନ୍ନତି ପାଇଁ ବିଭିନ୍ନ ମତାମତ ରଖିଥିଲେ । ଟ୍ରଷ୍ଟବୋର୍ଡ କମିଟିର ସଦସ୍ୟ ପ୍ରିୟନାଥ ସେଠୀ, ମଧୁସୂଦନ ସାହୁ, ସଞ୍ଜୟ କୁମାର ଦେ, ମଧୁସୂଦନ ବାରିକ, ବ୍ୟୋମକେଶ ସାହୁ, ରାମନାଥ କର, ସୁଶାନ୍ତ ଦାସ, ବିଜୟ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦିବ୍ୟକାମ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ପାଦକୀୟ



ବୁଲେଟ୍(ଗୁଳି)ଠାରୁ ବାଲେଟ୍(ଭୋଟ) ଅଧିକ ଶକ୍ତିଶାଳୀ।
-ଆବ୍ରାହାମ୍ ଲିଙ୍କନ୍

ସକାଳ
THE SAKALA

## ବିବାଦ ଓ ବିପଦ

ଦୁଇବର୍ଷରୁ ଊର୍ଦ୍ଧ୍ୱକାଳ ଧରି ମଣିପୁରରେ ଯେଉଁ ଜାତିଗତ ସଂଘର୍ଷ କ୍ରମାଗତ ଭାବେ ଲାଗି ରହିଛି, ତାହାର ରାଜନୈତିକ ସମାଧାନ ଜରୁରୀ ହୋଇଥିଲେ ମଧ୍ୟ କ୍ଷମତାସୀନ ରାଜ୍ୟ ସରକାରଙ୍କ ପକ୍ଷପାତିତା ଓ ଏକତରଫା ନୀତି ପ୍ରତି ଆଖିବୁଜି ଦିଆଯିବାରୁ ତାହା ଯେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି ଏ କଥା ସତ। ତିନିମାସ ତଳେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରି ସେବାନିବୃତ୍ତ କେନ୍ଦ୍ର ଗୃହ ସଚିବ ଅଜୟ କୁମାର ଭାଲ୍ଲାଙ୍କୁ ରାଜ୍ୟପାଳ ପଦରେ ଅବସ୍ଥାପିତ କରାଯାଇଛି। ତଥାପି ସେଠାରେ ବିବାଦ ଓ ସଂଘର୍ଷ ଥମି ନାହିଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ସମସ୍ୟାର ରାଜନୈତିକ ସମାଧାନ ନ ହେବା ପର୍ଯ୍ୟନ୍ତ ମଣିପୁରରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସମ୍ଭବପର ନୁହେଁ। ଗତ ମେ ମାସରେ ଉପୁଜିଥିବା ରକ୍ତାକ୍ତ ସଂଗର୍ଷ ପୁଣି ଦୁଇ ଦିନ ତଳେ ମୁଣ୍ଡ ଟେକିଛି। ସାନ୍ଧ୍ୟ ଆଇନ ଜାରି ଓ ବିଷ୍ଣୁପୁର ସମେତ ୫ଟି ଜିଲ୍ଲାରେ ଇଣ୍ଟରନେଟ୍ ସେବା ପ୍ରସାରଣ ବନ୍ଦ ରଖାଯାଇଛି। ସମଗ୍ର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ଭୌଗୋଳିକ ସ୍ଥିତି ଏବଂ ପଡ଼ୋଶୀଙ୍କଠାରୁ ପରିବର୍ତ୍ତିତ କୂଟନୈତିକ ସମ୍ପର୍କକୁ ଅନୁଧ୍ୟାନ କଲେ ମନେ ହୁଏ ଆମେ ଆଗାମୀ ଦିନର ଗୁରୁତର ବିପଦର ସମ୍ମୁଖୀନ ହେବାକୁ ଯାଉଛେ। ଜାମ୍ମୁ-କାଶ୍ମୀର ଭଳି ସମଗ୍ର ଉତ୍ତର-ପୂର୍ବାଞ୍ଚଳରେ ସମ୍ବେଦନଶୀଳ ସ୍ଥିତିକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାରଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ।

ଶେଖ୍ ହସିନା କ୍ଷମତାଚ୍ୟୁତ ହେବା ପରେ ପଡ଼ୋଶୀ ବନ୍ଧୁ ରାଷ୍ଟ୍ର ବାଂଲାଦେଶର ଭାରତ ବିରୋଧୀ ମାନସିକତା ସ୍ପଷ୍ଟ ହୋଇଛି। ଶାସନ ମୁଖ୍ୟ ମହମ୍ମଦ ୟୁନୁସ୍ ଚୀନ୍ ସହ ନିବିଡ଼ ସମ୍ପର୍କ ରକ୍ଷା କରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଭାରତଠାରୁ ବିଚ୍ଛିନ୍ନ କରିବାର ପ୍ରୟାସ ଚଳାଇଛନ୍ତି। ଏପରିକି 'ଅପରେସନ୍ ସିନ୍ଦୂର' ସମୟରେ ସେ ବାଂଲାଦେଶୀ ରାଇଫଲ୍ ବାହିନୀ ସହାୟତାରେ ଭାରତର ଉତ୍ତର-ପୂର୍ବ ରାଜ୍ୟମାନଙ୍କରେ ହିଂସା, ଅଶାନ୍ତି ଓ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ କରି ବିଫଳ ହୋଇଥିବା ସୂଚନା ମିଳିଛି। ପଶ୍ଚିମବଙ୍ଗର ସିଲିଗୁଡ଼ି ଦେଇ ସ୍ଥଳପଥରେ ଉତ୍ତର-ପୂର୍ବାଞ୍ଚଳକୁ ସଂଯୋଗ କରୁଥିବା ଚିକେନ୍ ନେକ୍ ଉପରେ ସେମାନଙ୍କ ଲୋଲୁପ ଦୃଷ୍ଟି ନିବଦ୍ଧ ରହିଛି। ମାତ୍ର ୨୦ ରୁ ୨୨ କିମି ପ୍ରଶସ୍ତ ଏହି ଗତିପଥର ଦକ୍ଷିଣ-ପଶ୍ଚିମାଞ୍ଚଳରେ ବାଂଲାଦେଶ, ଉତ୍ତର ପଶ୍ଚିମାଞ୍ଚଳରେ ନେପାଳ, ଉତ୍ତର ଦିଗରେ ଭୁଟାନ ସହ ସଂଯୋଗ ପଥ ରହିଛି। ସେହିଭଳି ସିକ୍କିମ ଓ ଭୁଟାନ୍ ମଧ୍ୟଭାଗରେ ରହିଛି ତିବ୍ବତର ଚୁମ୍ବି ଉପତ୍ୟକା। ତିନିସୀମା ସଂଲଗ୍ନ ଡୋକ୍‌ଲାମ୍ କରିଡରରକୁ ନେଇ ଚୀନ୍ ସହ ସୃଷ୍ଟି ହୋଇଥିବା ବିବାଦର ସମାଧାନ ପାଇଁ ବେଶ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ସର୍ବୋପରି ଅରୁଣାଚଳ ପ୍ରଦେଶକୁ ନେଇ ଚୀନ ସହ ଉପୁଜିଥିବା ବିବାଦର ଏ ଯାବତ୍ ସମାଧାନ ହୋଇନାହିଁ। ସେହି ରାଜ୍ୟର ସୀମାରେ ଏବେ ମଧ୍ୟ ଦୌରାତ୍ମ୍ୟ ଜାରି ରହିଛି। ତେଣୁ ମଣିପୁର ବିବାଦରୁ ରାଜନୈତିକ ସ୍ୱାର୍ଥ ହାସଲ ଅପେକ୍ଷା ସେଠାରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାର ପଥ ପରିଷ୍କାର ହେବା ଜରୁରୀ। କ୍ଷମତା କୈନ୍ଦ୍ରିକ ବିଚାରରୁ ଊର୍ଦ୍ଧ୍ୱରେ ରହି ମଣିପୁରର ପାର୍ବତ୍ୟାଞ୍ଚଳରେ ଅବସ୍ଥାନ କରୁଥିବା କୁକିଙ୍କୁ ନ୍ୟାୟ ଦେବାର ସମୟ ଏବେ ଉପସ୍ଥିତ।

ମଣିପୁରରେ କ୍ଷମତାରେ ଥିବା ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂହ ଜାତିଆଣ ସଂଘର୍ଷକୁ ପ୍ରଶମିତ କରିବା ପରିବର୍ତ୍ତେ ମୈତେଇ ସମ୍ପ୍ରଦାୟକୁ ନେତୃତ୍ୱ ଦେଇ ଯେଉଁ ଆକ୍ରମଣାତ୍ମକ ଭୂମିକା ଗ୍ରହଣ କଲେ ତାହାକୁ ଆରମ୍ଭରୁ ରୋକିବାର ଥିଲା। ୨୦୨୩ ମେ ମାସରେ ଉପୁଜିଥିବା ସଂଘର୍ଷ ଓ ହିଂସାକାଣ୍ଡରେ ୨୬୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ବାସଚ୍ୟୁତ ହୋଇଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ଏ ପର୍ଯ୍ୟନ୍ତ ନିଜ ଘରକୁ ଫେରିନାହାନ୍ତି। ସ୍ୱାଭାବିକ ଅବସ୍ଥା ନ ଫେରିବା ପର୍ଯ୍ୟନ୍ତ ସେମାନଙ୍କ ଥଇଥାନ କରାଯିବା ମଧ୍ୟ ସମ୍ଭବ ନୁହେଁ। ସରକାରୀ ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ଦୁଇ ସମ୍ପ୍ରଦାୟ ମଧ୍ୟରୁ କାହାକୁ ସନ୍ତୁଷ୍ଟ କରିପାରିନାହିଁ। ତେଣୁ କିଛିଦିନ ଅନ୍ତରରେ ସେମାନେ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଦୁଇ ସମ୍ପ୍ରଦାୟର ସଂଘର୍ଷର କେନ୍ଦ୍ରବିନ୍ଦୁ ଚୁରାଚାନ୍ଦପୁର ଅଞ୍ଚଳରୁ ଏହା କ୍ରମେ ଅନ୍ୟତ୍ର ବ୍ୟାପୁଥିବାରୁ ଆଗା।ମୀ ଦିନରେ ପରିସ୍ଥିତି ଆହୁରି ଉଦ୍‌ବେଗଜନକ ହୋଇପାରେ। ବିଷ୍ଣୁପୁର ଓ ଚୁରାଚାନ୍ଦପୁର ସୀମା ସଂଲଗ୍ନ ଅଞ୍ଚଳରେ କୁକି ସମ୍ପ୍ରଦାୟ ପକ୍ଷରୁ 'ଏକତା ସଂପ୍ରୀତି ଶୋଭାଯାତ୍ରା'ରୁ ଉତ୍ତେଜନା ମୁଣ୍ଡ ଟେକିଥିଲା। ମେ' ମାସର ଏହି ଘଟଣା ପ୍ରଶମିତ ହେବା ପରିବର୍ତ୍ତେ ମୈତେଇଙ୍କ ପକ୍ଷରୁ ଆକ୍ରମଣାତ୍ମକ ଭୂମିକା ଗ୍ରହଣ କରାଯିବାରୁ ତୁହାକୁ ତୁହା ସଂଘର୍ଷ ଉପୁଜୁଥିବାର ପରିଲକ୍ଷିତ ହେଉଛି। ମୈତେଇ ନେତା ଅସମ୍ କାନନ୍ ସିଂହଙ୍କୁ ଗିରଫ କରାଯିବା ପରେ ଜୁନ୍ ୯ ତାରିଖରେ ପୂର୍ବ-ଇମ୍ଫାଲ୍ ଜିଲ୍ଲାରେ ସଂଘର୍ଷର ସୂତ୍ରପାତ ଘଟିଥିଲା। ନିରପତ୍ତା ବାହିନୀ ପକ୍ଷରୁ ଲୁହାବୁହା ବାଷ୍ପ ଓ ରବର ବୁଲେଟ୍ ମାଧ୍ୟମରେ ଗଣ୍ଡଗୋଳକାରୀଙ୍କୁ ଘଉଡ଼ାଇ ଦିଆଯାଇଛି ସତ, କିନ୍ତୁ ଉତ୍ତେଜନା ବଳବତ୍ତର ରହିଛି।

ଏ କଥା ସତ ଯେ ରାଷ୍ଟ୍ରପତି ଶାସନ ଜାରି ହେବା ପରେ ସଂଘର୍ଷରତ ଦୁଇପକ୍ଷଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହିଂସାକାଣ୍ଡକୁ ଯଥାସମ୍ଭବ ନିୟନ୍ତ୍ରଣ କରାଯାଇଛି। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ରାଜନୈତିକ ସ୍ତରରେ ଯେଉଁ ଆଲୋଚନା ଜରୁରୀ ତାହା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ରାଜପଥକୁ ଅବରୋଧ ମୁକ୍ତ ଓ ଅସ୍ତ୍ରଶସ୍ତ୍ର ସମର୍ପଣ ସକାଶେ କୁକି ପ୍ରତିନିଧିଙ୍କ ସହ କେନ୍ଦ୍ର ସରକାର ଆରମ୍ଭ କରିଥିବା ଆଲୋଚନାରୁ ଆଶାନୁରୂପ ସଫଳତା ମିଳିନାହିଁ। ତେବେ ବିବାଦର ସୂତ୍ରପାତ କାହିଁକି, ତାହାର ମୂଳ କେନ୍ଦ୍ରବିନ୍ଦୁକୁ ଏ ପର୍ଯ୍ୟନ୍ତ ସରକାର ଛୁଇଁ ନାହାନ୍ତି। ରାଜ୍ୟର ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା କୁକି ସମ୍ପ୍ରଦାୟ କେବଳ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ନୁହନ୍ତି, ରାଜ୍ୟର କ୍ଷମତା କେନ୍ଦ୍ର ଓ ପ୍ରଭାବଶାଳୀଙ୍କ ଦ୍ୱାରା ଉତ୍ପୀଡ଼ିତ। ମଣିପୁରର ଉପତ୍ୟତା ଅଞ୍ଚଳରେ ବିକଶିତ ସହର ଓ ଗ୍ରାମାଞ୍ଚଳରେ ସୁଖ ଓ ସ୍ୱାଚ୍ଛନ୍ଦ୍ୟର ସମସ୍ତ ଅଧିକାରୀ ହେଲେ ମୈତେଇ ସମ୍ପ୍ରଦାୟର ଅଧିବାସୀ। ସେମାନଙ୍କୁ ହାଇକୋର୍ଟ ଅନୁସୂଚିତ ସମ୍ପ୍ରଦାୟର ମାନ୍ୟତା ଦେବା ପରେ ପରିସ୍ଥିତି ବିଗିଡ଼ି ଯାଇଛି। ଏମିତିରେ ସବୁ ସୁବିଧା ସୁଯୋଗରୁ ବଞ୍ଚିତ କୁକିଙ୍କ ସହ ମୈତେଇଙ୍କୁ ସମାନ ସଯୋଗ ଓ ଆଇନଗତ ଅଧିକାର ମିଳିଯିବାରୁ ସେମାନେ ନିଜର ଭବିଷ୍ୟତ ନେଇ ଅନିଶ୍ଚିତ ହୋଇପଡ଼ିଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ବିଚାର ପରିସରକୁ ଆସି ପାରିନାହିଁ।

ଦେଶର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଭାରତର ମୂଳ ଭୂଖଣ୍ଡରୁ ପୃଥକ୍ କରିନେବାରେ ଯେଉଁ ଷଡ଼ଯନ୍ତ୍ର ଆରମ୍ଭ ହୋଇଛି, ତାହା ଜାମ୍ମୁ-କାଶ୍ମୀର ସମସ୍ୟାଠାରୁ ଅଧିକ ଉଦ୍‌ବେଗଜନକ। 'ଅପରେସନ୍ ସିନ୍ଦୂର' ଚୀନ୍‌ର ମୁଖା ଖୋଲି ଦେଇଛି। ଅତ୍ୟାଧୁନିକ ବିମାନ, ଅସ୍ତ୍ରଶସ୍ତ୍ର ଓ ଇଲେକ୍ଟ୍ରୋନିକ୍ ଯନ୍ତ୍ରାଂଶ ପାକିସ୍ତାନକୁ ଯୋଗାଇ ଭାରତ ବିରୋଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ କରୁଥିବା ଚୀନ୍‌ର ମୁକାବିଲା କରିବା ଏତେ ସହଜ ନୁହେଁ। ସମଗ୍ର ଉତ୍ତର-ପୂର୍ବାଞ୍ଚଳକୁ ଘେରି ରହିଥିବା ପଡ଼ୋଶୀ ରାଷ୍ଟ୍ର ସହ ଆମର ସେଭଳି ସୁସମ୍ପର୍କ ନାହିଁ। ବରଂ ଚୀନ୍ ସେମାନଙ୍କୁ ସହାୟତା ଯୋଗାଉଥିବାରୁ ଭାରତ-ପାକ୍ ଯୁଦ୍ଧ ପ୍ରେକ୍ଷାପଟରୁ ସ୍ପଷ୍ଟ ହୋଇଛି। ତେଣୁ କ୍ଷମତା ଦଖଲ ଅପେକ୍ଷା ଉତ୍ତର-ପୂର୍ବାଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଜରୁରୀ। ●

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ୫୦ ବର୍ଷ ତଳର ସେହି 'ଜୁନ୍ ୧୨'

**ପ୍ରହଲାଦ କୁମାର ସିଂହ**

ଭାରତର ଗଣତାନ୍ତ୍ରିକ ଓ ବିଚାର ବିଭାଗୀୟ ଇତିହାସରେ ଜୁନ୍ ୧୨ ତାରିଖ ଏକ ଅବିସ୍ମରଣୀୟ ଦିବସ। ଆଜିକୁ ଠିକ୍ ୫୦ବର୍ଷ ତଳେ ୧୯୭୫ ମସିହାର ଏହି ଦିନରେ ଆହ୍ଲାବାଦ୍ ହାଇକୋର୍ଟ ଦେଇଥିବା ଏକ ଯୁଗାନ୍ତକାରୀ ରାୟ ଦେଶର ଆତ୍ମାକୁ ଚହଲାଇ ଦେବା ସହିତ ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇଥିଲା। 'ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି। ଯିଏ ଯେତେ ଉଚ୍ଚ ପଦବୀରେ ଥାଉ ନା କାହିଁକି ନିର୍ଭୀକ ଓ ନିରପେକ୍ଷ ବିଚାର ବ୍ୟବସ୍ଥା ଆଗରେ ତାଙ୍କ ପାଇଁ କିଛି ସ୍ୱତନ୍ତ୍ର ସ୍ଥାନ ନଥାଏ' - ଏକଥା ପ୍ରମାଣିତ ହୋଇଥିଲା ଏହି ରାୟରେ। ସେତେବେଳର ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ନେହରୁ ଗାନ୍ଧୀଙ୍କ ରାଏବରେଲି ଲୋକସଭା କ୍ଷେତ୍ରରୁ ଜିଣିଥିବା ନିର୍ବାଚନକୁ ଏହି ରାୟରେ ଅସିଦ୍ଧ ଘୋଷଣା କରାଯିବା ସହିତ ସେ ଆଉ ୬ବର୍ଷ ପାଇଁ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ହାଇକୋର୍ଟ କହିଥିଲେ। ଭାରତୀୟ ଗଣତନ୍ତ୍ରରେ କଳା ଅଧ୍ୟାୟ ରୂପେ ଅଭିହିତ ଜରୁରୀ ପରିସ୍ଥିତି ମୂଳରେ ଥିଲା ଏହି ରାୟ।

କଂଗ୍ରେସ (ଆର) ପ୍ରାର୍ଥୀ ଭାବେ ଶ୍ରୀମତୀ ଗାନ୍ଧୀ ପୁଣିଥରେ ଉତ୍ତରପ୍ରଦେଶର ରାଏବରେଲି ଲୋକସଭା କ୍ଷେତ୍ରରୁ ୧୯୭୧ ସାଧାରଣ ନିର୍ବାଚନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ନେତା ରାଜ ନାରାୟଣଙ୍କୁ ହରାଇ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରେ ରାଜ ନାରାୟଣ ଶ୍ରୀମତୀ ଗାନ୍ଧୀଙ୍କ ବିରୋଧରେ ଆହ୍ଲାବାଦ୍ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦପ୍ତରରେ ଓଏସ୍‌ଡି ଭାବେ କାର୍ଯ୍ୟ କରୁଥିବା ଜଣେ ସରକାରୀ ଅଧିକାରୀ ଯଶପାଲ କାପୁରଙ୍କୁ ଶ୍ରୀମତୀ ଗାନ୍ଧୀ ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରିଥିବାରୁ ଲୋକପ୍ରତିନିଧି ଆଇନ୍‌ର ୧୨୩ (୭) ଧାରା ଅନୁଯାୟୀ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ଲାଗି ଦାବି ହୋଇଥିଲା(ପରବର୍ତ୍ତୀ ସମୟରେ କାପୁରଙ୍କୁ କଂଗ୍ରେସ ରାଜ୍ୟସଭା ସଦସ୍ୟ କରିଥିଲା)। ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ମାମଲାର ଦୀର୍ଘ ଶୁଣାଣି ହୋଇଥିଲା। ଏମିତିକି ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ମଧ୍ୟ ଦୁଇଦିନ ଧରି ଜେରା କରାଯାଇଥିଲା। ଶେଷରେ ୧୯୭୫ ଜୁନ୍ ୧୨ ତାରିଖ ଦିନ ବିଚାରପତି ଜଗମୋହନ ଲାଲ ସିହ୍ନା ଶ୍ରୀମତୀ ଗାନ୍ଧୀଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ସହିତ ନିର୍ବାଚନରେ ସେ ଅସତ ଉପାୟ ଅବଲମ୍ବନ କରିଥିବାରୁ ପରବର୍ତ୍ତୀ ୬ବର୍ଷ ପାଇଁ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି କହିଥିଲେ। ଇନ୍ଦିରା ସେତେବେଳେ ଦେଶର ପ୍ରଧାନମନ୍ତ୍ରୀ ଥିବାରୁ କଂଗ୍ରେସ (ଆର୍) ଦଳ ତାଙ୍କର ବିକଳ୍ପ ବ୍ୟବସ୍ଥା କରିବା ଲାଗି ୨୦ ଦିନ ସମୟ ମଧ୍ୟ କୋର୍ଟ ଦେଇଥିଲେ। ଏହି ରାୟ ଏତେ ପ୍ରଭାବଶାଳୀ ଥିଲା ଯେ ସେଥିରୁ ବର୍ତ୍ତିବା ପାଇଁ କେନ୍ଦ୍ର ସରକାରଙ୍କୁ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରିବାକୁ ହୋଇଥିଲା। ଏହାଛଡ଼ା ଶ୍ରୀମତୀ ଗାନ୍ଧୀ ନିର୍ବାଚନରେ ସୀମା ବହିର୍ଭୂତ ଅର୍ଥ ଖର୍ଚ୍ଚ କରିବା, କମ୍ବଳ, ମଦ ସମେତ ଅନ୍ୟାନ୍ୟ ସାମଗ୍ରୀ ତାଙ୍କ ପକ୍ଷରୁ ବଣ୍ଟନ କରାଯିବା, ମତଦାତାଙ୍କୁ ମାଗଣାରେ ମତଦାନ କେନ୍ଦ୍ରକୁ ଆଣିବା, ନିର୍ବାଚନ ପ୍ରଚାର ପାଇଁ ପ୍ରତିରକ୍ଷା ବାହିନୀର ହେଲିକପ୍ଟର ବ୍ୟବହାର କରିବା ଭଳି ଅନ୍ୟ ଅଭିଯୋଗଗୁଡ଼ିକୁ କିନ୍ତୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଥିଲେ।

ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ୧୯୭୩ରେ ବହୁଚର୍ଚ୍ଚିତ କେଶବାନନ୍ଦ ଭାରତୀ ମାମଲାର ରାୟ ଶୁଣାଇବାର କିଛିଦିନ ଭିତରେ ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ଜୟଶଙ୍କର ମଣିଲାଲ ସେଲଟ୍, ଏ.ଏନ୍. ଗ୍ରୋଭର ଓ କେ.ଏସ୍. ହେଗଡ଼େଙ୍କୁ ଉପେକ୍ଷା କରାଯାଇ ସେମାନଙ୍କଠାରୁ କନିଷ୍ଠ ଜଷ୍ଟିସ ଏ.ଏନ୍. ରାୟଙ୍କୁ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି କରାଯାଇଥିଲା। କେଶବାନନ୍ଦ ଭାରତୀ ମାମଲାରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଥିଲେ ଯେ ସମ୍ବିଧାନର ମୌଳିକ ଢାଞ୍ଚାକୁ କେହି ପରିବର୍ତ୍ତନ କରିପାରିବେ ନାହିଁ। ଏହି ଘଟଣା ସେତେବେଳେ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଇନ୍ଦିରା ଗାନ୍ଧୀଙ୍କ ତତ୍କାଳୀନ ପ୍ରଭୂତ କ୍ଷମତା, ଶାସନ ବ୍ୟବସ୍ଥାରେ ଏଭଳି ଅଖଣ୍ଡ ପ୍ରଭାବ ଓ ପ୍ରତିପତ୍ତି ସତ୍ତ୍ୱେ ଜଷ୍ଟିସ୍ ସିହ୍ନା ଶ୍ରୀମତୀ ଗାନ୍ଧୀଙ୍କ ଲୋକସଭା ସଦସ୍ୟ ପଦକୁ ରଦ୍ଦ କରିବାର ସାହସ କରି ଇତିହାସ ସୃଷ୍ଟି କରିଥିଲେ। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଏନ୍.ଭି. ରମନ୍ନା ଆହ୍ଲାବାଦ୍ ହାଇକୋର୍ଟଙ୍କ ଏହି ରାୟକୁ ପ୍ରଶଂସା କରିବା ସହିତ ବିଚାରପତି ଶ୍ରୀସିହ୍ନା ଯେଭଳି ନିଷ୍ଠା ଓ ନିର୍ଭୀକତାର ସହ ଏହି ମାମଲାର ବିଚାର କରି ରାୟ ଶୁଣାଇଛନ୍ତି ତାହା ବର୍ଷବର୍ଷ ପାଇଁ ବିଚାରପତିମାନଙ୍କୁ ପ୍ରେରିତ କରିବ ବୋଲି ଉଲ୍ଲେଖ କରିଥିଲେ। ଜଷ୍ଟିସ୍ ଭି.ଆର. କ୍ରିଷ୍ଣାଆୟାର, ଜଷ୍ଟିସ୍ ଭି.ଏମ୍. ତାରକୁଣ୍ଡେ, ଜଷ୍ଟିସ୍ ବନୱାରୀ ଲାଲ ହଂସାରିଆ, ଜଷ୍ଟିସ୍ ଜେ.ଏସ୍. ବର୍ମା, ଜଷ୍ଟିସ୍ କେ.ଏସ୍. ହେଗଡ଼େ, ଜଷ୍ଟିସ ହରିହର ମହାପାତ୍ରଙ୍କ ଭଳି ବହୁ ସ୍ୱନାମଧନ୍ୟ ବିଚାରପତି ଜଷ୍ଟିସ୍ ସିହ୍ନାଙ୍କୁ ବାରମ୍ବାର ପ୍ରଶଂସା କରିବାକୁ ଭୁଲି ନଥିଲେ।

ଆହ୍ଲାବାଦ୍ ହାଇକୋର୍ଟଙ୍କ ରାୟ ଉପରେ ପୂର୍ଣ୍ଣ ରହିତାଦେଶ ପାଇଁ ଶ୍ରୀମତୀ ଗାନ୍ଧୀ ସୁପ୍ରିମକୋର୍ଟରେ ମାମଲା ରୁଜୁ କଲେ। ସେତେବେଳକୁ ସୁପ୍ରିମକୋର୍ଟର ଗ୍ରୀଷ୍ମାବକାଶ ଛୁଟି ଚାଲିଥାଏ। ମାମଲାଟି ବିଚାରପତି ଭି.ଆର. କ୍ରିଷ୍ଣାଆୟାରଙ୍କ ଇଜିଲାସରେ ବିଚାର ପାଇଁ ଆସିଲା। ଜୁନ୍ ୨୪ ତାରିଖରେ ଜଷ୍ଟିସ କ୍ରିଷ୍ଣାଆୟାର ସର୍ତ୍ତମୂଳକ ରହିତାଦେଶ ଦେବା ସହିତ ପରବର୍ତ୍ତୀ ଶୁଣାଣି ପାଇଁ ୧୯୭୫ ଅଗଷ୍ଟ ୧୧ ତାରିଖକୁ ଦିନ ଧାର୍ଯ୍ୟ କରିଥିଲେ। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଇନ୍ଦିରା ଲୋକସଭା ସଦସ୍ୟ ଭାବେ ସଂସଦରେ ଉପସ୍ଥିତ ରହିପାରିବେ; କିନ୍ତୁ ସଂସଦର ବିତର୍କରେ ଓ ମତଦାନରେ ଭାଗ ନେଇପାରିବେ ନାହିଁ। ଏମିତିକି ସଂସଦର ସଦସ୍ୟ ଭାବରେ ମଧ୍ୟ ସେ ବେତନ ଓ ଭତ୍ତା ପାଇପାରିବେ ନାହିଁ ବୋଲି ଏଥିରେ ସ୍ପଷ୍ଟ କରିଦିଆଯାଇଥିଲା। ସର୍ତ୍ତମୂଳକ ରହିତାଦେଶ ବିରୋଧରେ ଆବେଦନକାରୀ ଦୁଇଜଣିଆ ଖଣ୍ଡପୀଠଙ୍କ ନିକଟରେ ଆବେଦନ କରିପାରିବେ ବୋଲି ମଧ୍ୟ ଏଥିରେ ସୂଚନା ଥିଲା।

ଜଷ୍ଟିସ୍ କ୍ରିଷ୍ଣାଆୟାରଙ୍କ ରହିତାଦେଶର ଚବିଶ ଘଣ୍ଟା ନ ପୂରୁଣୁ ଜୁନ୍ ୨୫ ମଧ୍ୟରାତ୍ରରେ ଇନ୍ଦିରା ଗାନ୍ଧୀ ସାରା ଦେଶରେ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କଲେ। ସମ୍ବାଦପତ୍ର ଓ ବାକ୍ ସ୍ୱାଧୀନତା ଭଳି ଜନତାଙ୍କ ମୌଳିକ ଅଧିକାର ଉପରେ କଟକଣା ଜାରି କରାଗଲା। ସେତେବେଳକୁ ସାରା ଦେଶରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣକ୍ରାନ୍ତି ଆନ୍ଦୋଳନ ଚାଲିଥାଏ। ଏଥିରେ ଅଟଳ ବିହାରୀ ବାଜପେୟୀ, ବିଜୁ ପଟ୍ଟନାୟକ, ମୋରାରଜି ଦେଶାଇ, ଚରଣ ସିଂ, ମା' ରମାଦେବୀ, ମାଳତୀ ଚୌଧୁରୀ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ପ୍ରମୁଖ ନେତାମାନେ ସାମିଲ ଥା'ନ୍ତି। ଆହ୍ଲାବାଦ୍ ହାଇକୋର୍ଟ ଇନ୍ଦିରାଙ୍କ ନିର୍ବାଚନ ଅସିଦ୍ଧ ଘୋଷଣା କରିବା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ତୁରନ୍ତ ହଟାଇବା ପାଇଁ ଦେଶର କୋଣ ଅନୁକୋଣରୁ ଦାବି ଉଠିଥିଲା। ଜରୁରୀ ପରିସ୍ଥିତି ଘୋଷଣା ସହିତ ଜୟପ୍ରକାଶ, ମୋରାରଜି ଦେଶାଇ, ବିଜୁ ପଟ୍ଟନାୟକ, ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀଙ୍କ ସମେତ ବହୁ ନେତା ଏବଂ ହଜାର ହଜାର ଯୁବକ ଓ ଛାତ୍ରଙ୍କୁ କାରାରୁଦ୍ଧ କରାଗଲା। ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ପ୍ରସନ୍ନ ଆଚାର୍ଯ୍ୟ, ଲକ୍ଷ୍ମୀ ମହାପାତ୍ର, ଅଶୋକ ଦାସ, ସୁରେନ୍ଦ୍ର ନାଥ ନାୟକ, ବିଶ୍ୱଭୂଷଣ ହରିଚନ୍ଦନ, ଭାଗବତ ବେହେରା, ଶିବାଜୀ ପଟ୍ଟନାୟକ, ଜୟକୃଷ୍ଣ ମହାନ୍ତି, ପଦ୍ମଚରଣ ସାମନ୍ତସିଂହାରଙ୍କ ଭଳି ଓଡ଼ିଶାର ଅନେକ ନେତା କାରାଗାରରେ ଅକଥନୀୟ ନିର୍ଯ୍ୟାତନାର ଶିକାର ହେଲେ। ଏମିତିକି କଂଗ୍ରେସର କ୍ରାନ୍ତିକାରୀ ନେତା ଚନ୍ଦ୍ରଶେଖର, ମୋହନ ଧାରିଆ, କୃଷ୍ଣକାନ୍ତ, ରାମଧନ, ପ୍ରଦ୍ୟୁମ୍ନ ବଳ ପ୍ରମୁଖ ବ୍ୟବସ୍ଥାର ବିରୋଧ କରି ଜେଲ୍ ଗଲେ। କିଏ କେଉଁଠି ଗିରଫ ହୋଇ ରହିଲେ ତାହାର ପତ୍ତା ପରିବାରକୁ ମିଳିଲା ନାହିଁ। କାରାରୁଦ୍ଧ ଅବସ୍ଥାରେ ଚିକିତ୍ସା ଅଭାବରୁ ଜୟପ୍ରକାଶ, ନବକୃଷ୍ଣ ଚୌଧୁରୀଙ୍କ ଭଳି ବହୁ ଅଗ୍ରଗଣ୍ୟ ନେତାଙ୍କ ସ୍ୱାସ୍ଥ୍ୟହାନି ଘଟିଲା।

ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବା ପୂର୍ବରୁ ଇନ୍ଦିରାଙ୍କ ପରାମର୍ଶକ୍ରମେ ସେତେବେଳର ରାଷ୍ଟ୍ରପତି ଫକୀର ଉଦ୍ଦିନ ଅଲ୍ଲୀ ଅହମ୍ମଦ ୧୯୭୫ ଅଗଷ୍ଟ ୧୦ ତାରିଖରେ ସମ୍ବିଧାନର ସଂଶୋଧନ ଘୋଷଣା କରିଥିଲେ, ଯେଉଁଥିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଉପରାଷ୍ଟ୍ରପତି ଓ ଲୋକସଭା ବାଚସ୍ପତି ଆଦିଙ୍କ ସଂପର୍କରେ ଆଇନ୍ ଅଦାଲତରେ ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ଉଲ୍ଲେଖ କରାଯାଇ ସମ୍ବିଧାନରେ ୩୨୯ (କ) ଧାରା ବ୍ୟବସ୍ଥା କରାଗଲା। ଏହା ବିରୋଧରେ ବି ରାଜନାରାୟଣ ଅନ୍ୟ ଏକ ମାମଲା ରୁଜୁ କରିଥିଲେ। ଉଭୟ ମାମଲାର ମିଳିତ ଶୁଣାଣି କରି ସୁପ୍ରିମକୋର୍ଟ ୧୯୭୫ ନଭେମ୍ବର ୭ ତାରିଖରେ ଦେଇଥିବା ଏକ ସୁଦୀର୍ଘ ରାୟରେ ୩୯ତମ ସଂଶୋଧନ ଆଇନ୍ ମୁତାବକ ବ୍ୟବସ୍ଥା କରାଯାଇଥିବା ୩୨୯ (କ) ଧାରାର କେତେକ ବ୍ୟବସ୍ଥାକୁ ଖାରଜ କରିଦେଇଥିଲେ। ଅବଶ୍ୟ ପରବର୍ତ୍ତୀ ସମୟରେ ଜନତା ପାର୍ଟି ସରକାର ଅମଳରେ ଏହି ସମ୍ବିଧାନ ସଂଶୋଧନ ବ୍ୟବସ୍ଥାକୁ ରଦ୍ଦ କରାଯାଇଥିଲା। ଜରୁରୀ ପରିସ୍ଥିତି ସମୟରେ ବି ୪୨ତମ ସମ୍ବିଧାନ ସଂଶୋଧନ ଅଣାଯାଇଥିଲା ଓ ୧୯୭୬ରେ ହେବାକୁ ଥିବା ଲୋକସଭା ନିର୍ବାଚନକୁ ଘୁଞ୍ଚାଇ ଦିଆଯାଇଥିଲା। ୧୯୭୫ ନଭେମ୍ବର ୭ ତାରିଖରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏ.ଏନ୍. ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ୫ଜଣିଆ ଖଣ୍ଡପୀଠ ଆହ୍ଲାବାଦ୍ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଥିଲେ।

ଏହି ମାମଲାରେ ଇନ୍ଦିରାଙ୍କ ଓକିଲ ଥିବା ଏନ୍. ପାଲଖିୱାଲା ଜରୁରୀ ପରିସ୍ଥିତି ଘୋଷଣାର ପ୍ରତିବାଦ କରି ମାମଲାରୁ ଓହରି ଯାଇଥିଲେ। ତାଙ୍କ ବିରୋଧରେ ଏହି ମାମଲା ଲଢୁଥିଲେ ଶାନ୍ତି ଭୂଷଣ ଯିଏ ପରେ ଦେଶର ଆଇନ୍ ମନ୍ତ୍ରୀ ହୋଇଥିଲେ। ଏକଦା ଅପରାଜେୟ ମନେ ହେଉଥିବା ଇନ୍ଦିରା ଗାନ୍ଧୀଙ୍କ ଶାସନର ଅବସାନ ଘଟାଇବା ପାଇଁ କାରାକକ୍ଷରେ ଜରୁରୀ ପରିସ୍ଥିତି ବେଳେ ଜନ୍ମ ନେଇଥିଲା ଜନତା ପାର୍ଟି। ଜୟପ୍ରକାଶଙ୍କ ତତ୍ତ୍ୱାବଧାନରେ ଗଠିତ ଏହି ନୂତନ ଜାତୀୟ ରାଜନୈତିକ ଦଳ ଗଢ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ମୋରାରଜି ଦେଶାଇ, ବିଜୁ ପଟ୍ଟନାୟକ, ଚରଣ ସିଂ, ମଧୁ ଦଣ୍ଡବତେ, ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀଙ୍କ ଭଳି ଜାତୀୟ ସ୍ତରର ତୁଙ୍ଗ ନେତାମାନେ। ଶେଷରେ ୧୯୭୭ର ସାଧାରଣ ନିର୍ବାଚନରେ କଂଗ୍ରେସକୁ ପରାଜିତ କରି ଜନତା ପାର୍ଟି କେନ୍ଦ୍ରରେ ସରକାର ଗଢ଼ିଲା। ତେବେ ଅଂଶୀଦାର ଦଳଗୁଡ଼ିକର ନେତାମାନଙ୍କ ଭିତରେ ମନାନ୍ତର ଓ ମତାନ୍ତର ଯୋଗୁଁ ସ୍ୱାଧୀନ ଭାରତର ପ୍ରଥମ ଅଣକଂଗ୍ରେସ ସରକାର ୩ବର୍ଷ ଭିତରେ ଭୁଶୁଡ଼ି ପଡ଼ିଲା ଏବଂ ପରେ ପୁଣି ଇନ୍ଦିରା ଗାନ୍ଧୀ ୧୯୮୦ ନିର୍ବାଚନରେ ତାଙ୍କ ଦଳକୁ ଜିଣାଇ ଶେଷଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ।

ଆଇନ ଅଦାଲତର ରାୟ କେତେ ପ୍ରଭାବଶାଳୀ ହୋଇପାରେ ଏବଂ ପରିଣାମକୁ ଖାତିର ନକରି ନିରପେକ୍ଷତା, ନିର୍ଭୀକତା ଓ ନିଷ୍ଠାର ସହିତ ଜଣେ ବିଚାରପତି କିଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇପାରନ୍ତି ତାହାର ପ୍ରତୀକ ହେଉଛନ୍ତି ଜଷ୍ଟିସ୍ ସିହ୍ନା। ପବିତ୍ର ସମ୍ବିଧାନର ସୁରକ୍ଷା ସହ ଆଇନର ଶାସନକୁ ବଜାୟ ରଖି ଗଣତନ୍ତ୍ରର ତିନୋଟିଯାକ ସ୍ତମ୍ଭ- କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ନିଜ ନିଜର ଲକ୍ଷ୍ମଣରେଖା ମଧ୍ୟରେ ଦାୟିତ୍ୱ ନିର୍ବାହ କରିବା ପାଇଁ ଏହି ରାୟର ନିଷ୍କର୍ଷ ୫୦ ବର୍ଷ ପରେ ବି ଡାକି ଡାକି କହୁଛି। ●

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

# ମୋହନ ଶାସନରେ ନବୀନଙ୍କ ଜୟଗାନ

**ମିହିର ରାୟ**

୨୦୨୪ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ବିଜୟ ହାସଲ କରିବା ପରେ ଜୁନ ୧୨ ତାରିଖରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିଥିଲା। ଇତିମଧ୍ୟରେ ମୋହନ ସରକାର କ୍ଷମତାକୁ ଆସିବାର ଏକ ବର୍ଷ ପୂରଣ ହୋଇଛି। ବିଗତ ଏକ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ଉପଲବ୍ଧିକୁ ତର୍ଜମା କରିବା ବେଳେ ଜାତୀୟସ୍ତରୀୟ ରିପୋର୍ଟରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ପ୍ରଶଂସାଯୋଗ୍ୟ ହୋଇଥିବା ନଜରକୁ ଆସୁଛି। କିନ୍ତୁ ଏହି ସମସ୍ତ ଉପଲବ୍ଧି ନବୀନ ସରକାରଙ୍କ ସମୟରେ କରାଯାଇଥିବା କାର୍ଯ୍ୟ ଯୋଗୁଁ ମିଳିପାରିଛି। ଯଦିଓ ଏହା ଓଡ଼ିଶା ପାଇଁ ଗୌରବର ବିଷୟ, ତଥାପି ଏହା ବିଜେପି ପାଇଁ ଆନନ୍ଦଦାୟକ ହୋଇ ପାରିନାହିଁ।

ଗତ ନିର୍ବାଚନରେ ଚବିଶ ବର୍ଷ ଧରି କ୍ଷମତାରେ ଥିବା ନବୀନ ପଟ୍ଟନାୟକଙ୍କ ସରକାର ବିରୋଧରେ ବିଜେପି ତରଫରୁ ବିଭିନ୍ନ ଅଭିଯୋଗ ଅଣା ଯାଇଥିଲା। ଏହାଭିତରୁ 'ଚବିଶ ବର୍ଷରେ ରାଜ୍ୟରେ କୌଣସି ବିକାଶ ହୋଇନାହିଁ' ଥିଲା ଏକ ପ୍ରମୁଖ ଅଭିଯୋଗ। ନିର୍ବାଚନରେ ବିଜେଡି ଅପ୍ରତ୍ୟାଶିତ ପରାଜୟର କାରଣ ଖୋଜିବା ବେଳେ ବିଜେପି ଦ୍ୱାରା ଅଣାଯାଇଥିବା ବିଭିନ୍ନ ମିଛ ଅଭିଯୋଗଗୁଡ଼ିକୁ ଖଣ୍ଡନ କରିବାରେ ବିଫଳ ହେବା ପରାଜୟର ପ୍ରମୁଖ କାରଣ ବୋଲି କୁହାଯାଇଥିଲା। ଗତ ଏକବର୍ଷରେ ଆସିଥିବା ବିଭିନ୍ନ ରିପୋର୍ଟରେ ଓଡ଼ିଶାର ଉପଲବ୍ଧି 'ନବୀନଙ୍କ ଚବିଶ ବର୍ଷର ଶାସନ କାଳରେ ଓଡ଼ିଶାର କୌଣସି ବିକାଶ ହୋଇନାହିଁ' ବୋଲି ବିଜେପିର ଅଭିଯୋଗ ମିଥ୍ୟା ଥିଲା ବୋଲି ପ୍ରମାଣିତ ହେଉଛି। ଏବେ ଆସନ୍ତୁ ନଜର ପକାଇବା, ଗତ ଏକ ବର୍ଷ ଭିତରେ ଓଡ଼ିଶା କେଉଁ କେଉଁ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି।

ମୋହନ ସରକାର ରାଜ୍ୟର ଶାସନ ଦାୟିତ୍ୱ ନେବା ପରେ ସାରା ଦେଶରେ ବିଭିନ୍ନ ରାଜ୍ୟରେ ପୁଞ୍ଜି ନିବେଶ କ୍ଷେତ୍ରରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଥିଲା। ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ଆକର୍ଷିତ କରିବା କ୍ଷେତ୍ରରେ ଶ୍ରେଷ୍ଠ ରାଜ୍ୟ ଭାବେ କେନ୍ଦ୍ର ସରକାର ଓଡ଼ିଶାକୁ ପୁରସ୍କୃତ କରିଥିଲେ। ନୂତନ ଭାବେ ରାଜ୍ୟର ଶିଳ୍ପମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା ସମ୍ପଦ ସ୍ୱାଇଁ ରାଜ୍ୟ ସରକାରଙ୍କ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ନବୀନଙ୍କ ଶାସନ କାଳରେ ପୁଞ୍ଜି ନିବେଶକାରୀଙ୍କୁ ଆକର୍ଷିତ କରିବାରେ ଗତ କିଛିବର୍ଷ ଧରି ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଥିଲା। ଏହି କ୍ରମରେ, ୨୦୨୧-୨୨, ୨୦୨୨-୨୩, ୨୦୨୩-୨୪ ଆର୍ଥିକ ବର୍ଷରେ ପୁଞ୍ଜି ନିବେଶ କ୍ଷେତ୍ରରେ ଓଡ଼ିଶା ଦେଶର ସମସ୍ତ ରାଜ୍ୟମାନଙ୍କ ଭିତରେ ଯଥାକ୍ରମେ ତୃତୀୟ, ଦ୍ୱିତୀୟ ଓ ପ୍ରଥମ ସ୍ଥାନ ହାସଲ କରିଥିଲା। ସେହିପରି ନିକଟରେ ପ୍ରକାଶିତ ହୋଇଥିବା ଆଇସିଆରଏ ରିପୋର୍ଟରେ ୨୦୧୫ ରୁ ୨୦୨୪ ଆର୍ଥିକ ବର୍ଷ ଭିତରେ ଓଡ଼ିଶାର ଶିଳ୍ପ ଜିଏସଭିଏ (ଗ୍ରସ ଷ୍ଟେଟ ଭ୍ୟାଲ୍ୟୁ ଆଡେଡ) ବାର୍ଷିକ ଚକ୍ରବୃଦ୍ଧି ବିକାଶ ହାର ୧୦% ରହିଥିଲା, ଯାହା ଦେଶର ସମସ୍ତ ରାଜ୍ୟମାନଙ୍କ ମଧ୍ୟରେ ସର୍ବାଧିକ ଥିଲା। ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଏହି ଅଭିବୃଦ୍ଧି ମୁଖ୍ୟତଃ ମାନୁଫାକଚରିଙ୍ଗ କ୍ଷେତ୍ରରେ ହୋଇଥିଲା। ଓଡ଼ିଶାର ଏହି ଉପଲବ୍ଧି ଜାତୀୟ ସ୍ତରରେ ଅନ୍ୟ ବିକଶିତ ରାଜ୍ୟମାନଙ୍କୁ ପଛରେ ପକାଇ ଓଡ଼ିଶା ଆଗକୁ ବଢୁଛି ବୋଲି ପ୍ରମାଣିତ କରିବା ସହିତ ନବୀନ ସରକାରଙ୍କ ସଫଳତାକୁ ମଧ୍ୟ ଦର୍ଶାଉଛି।

ଦେଶର ସମସ୍ତ ରାଜ୍ୟମାନଙ୍କ ଆର୍ଥିକ ସ୍ଥିତିକୁ ନେଇ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପ୍ରକାଶିତ ହୋଇଥିବା ସିଏଜି ରିପୋର୍ଟରେ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୧୯-୨୦ ଆର୍ଥିକ ବର୍ଷରୁ ୨୦୨୩-୨୪ ବର୍ଷ ଭିତରେ, ଓଡ଼ିଶାର ଜିଏସଡିପି ୧୨% ହାରରେ ଅଭିବୃଦ୍ଧି ହୋଇଥିଲା, ଯାହା ଦେଶର ଆଗ ଧାଡ଼ିର ରାଜ୍ୟମାନଙ୍କ ସହିତ ସମକକ୍ଷ ଥିଲା। ଏହାଛଡ଼ା, ଏହି ସମୟରେ ଓଡ଼ିଶାର ବଳକା ରାଜସ୍ୱ ପ୍ରାୟ ୫୮% ହାରରେ ବୃଦ୍ଧି ହୋଇଥିଲା। ଦୁର୍ବଳ ଆର୍ଥିକ ସ୍ଥିତି, ବିଶାଳ ଋଣ ବୋଝ, ବିକାଶ କାମ ପାଇଁ ଉତ୍କଟ ଆର୍ଥିକ ଅଭାବ ଭଳି ସମସ୍ୟା ସହିତ ନିୟମିତ ଭାବେ ଲଢ଼େଇ କରି ଆସୁଥିବା ଓଡ଼ିଶା ଭଳି ଏକ ପଛୁଆ ରାଜ୍ୟ ପାଇଁ ଏହି ଉପଲବ୍ଧି ଥିଲା ଅମୂଳ ମୂଳ।

ସେପ୍ଟେମ୍ବର ୨୦୨୪ ମସିହାରେ ପ୍ରଧାନମନ୍ତ୍ରୀ ପରାମର୍ଶଦାତା କମିଟିର ରିପୋର୍ଟରେ ଓଡ଼ିଶା ମୁଣ୍ଡପିଛା ଆୟ କ୍ଷେତ୍ରରେ ବିଗତ ଦୁଇ ଦଶନ୍ଧିରେ ଭାରତର ସମସ୍ତ ରାଜ୍ୟମାନଙ୍କ ଭିତରେ ସର୍ବାଧିକ ଅଭିବୃଦ୍ଧି ହାସଲ କରିଛି। ରାଜ୍ୟର ଆପେକ୍ଷିକ ମୁଣ୍ଡପିଛା ଆୟ, ଯାହା ୨୦୦୦ ମସିହା ବେଳକୁ ୫୫% ଥିଲା, ତାହା ୨୦୨୪ ବେଳକୁ ୮୮%କୁ ବୃଦ୍ଧି ପାଇଥିଲା। ଏହି ସମୟରେ ଦେଶର ଜିଡିପିକୁ ବଡ଼ ବଡ଼ ରାଜ୍ୟମାନଙ୍କ ଅବଦାନ କମିଥିବା ବେଳେ ଓଡ଼ିଶାର ଅବଦାନ ଲଗାତର ଭାବେ ବୃଦ୍ଧି ପାଇଥିଲା ବୋଲି ରିପୋର୍ଟରେ କୁହାଯାଇଛି। ୨୦୦୦-୦୧ ମସିହା ବେଳକୁ ଦେଶର ଜିଡିପିକୁ ଓଡ଼ିଶାର ଅବଦାନ ୨.୩% ଥିଲା, ଯାହା ୨୦୨୩-୨୪ ବେଳକୁ ୨.୮% କୁ ବୃଦ୍ଧି ପାଇଥିଲା। ନିତି ଆୟୋଗଙ୍କ ଆର୍ଥିକ ସୂଚକାଙ୍କ ରିପୋର୍ଟ ୨୦୨୫ରେ ବିତ୍ତୀୟ ଶୃଙ୍ଖଳା କ୍ଷେତ୍ରରେ ଦେଶର ସମସ୍ତ ରାଜ୍ୟମାନଙ୍କୁ ପଛରେ ପକାଇ ଓଡ଼ିଶା ଏକନମ୍ବର ସ୍ଥାନ ହାସଲ କରିଥିଲା। ଏହି ରିପୋର୍ଟରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଜାରି କରାଯାଇଥିବା ସୂଚୀରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରି 'ଆଚିଭର୍ସ' ବର୍ଗରେ ସ୍ଥାନ ପାଇଛି। ୨୦୧୪-୧୫ ରୁ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲଗାତର ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରି ଆସୁଛି ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଓଡ଼ିଶାର ରାଜସ୍ୱ ସଂଗ୍ରହ ବୃଦ୍ଧି ହାର ମଧ୍ୟ ଲଗାତର ଭାବେ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଋଣ ମଧ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି।

କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ତରଫରୁ ପ୍ରଦାନ କରାଯାଇଥିବା ଏକ ରିପୋର୍ଟରେ ସବୁଜ ଆବରଣ ବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଜଙ୍ଗଲ ଓ ବୃକ୍ଷ ଆବରଣ ବୃଦ୍ଧି କ୍ଷେତ୍ରରେ କେବଳ ଜଙ୍ଗଲ ଆବରଣ ବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଯଥାକ୍ରମେ ତୃତୀୟ ଓ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ସେହିପରି ଏଏସଇଆର(ଆନୁଆଲ୍ ଷ୍ଟାଟସ୍ ଅଫ୍ ଏଜୁକେଶନାଲ୍ ରିପୋର୍ଟ) ୨୦୨୪ରେ ଜାତୀୟସ୍ତରର ଏକ ସର୍ବେକ୍ଷଣରେ ଓଡ଼ିଶାର ସରକାରୀ ବିଦ୍ୟାଳୟଗୁଡ଼ିକରେ ନାମଲେଖା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିଲା। ଏକ୍ଷେତ୍ରରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ଆନେମିଆ ମୁକ୍ତ ଭାରତ ସୂଚକାଙ୍କରେ ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶା ଚତୁର୍ଥ ଶ୍ରେଷ୍ଠ ରାଜ୍ୟ ଭାବେ ସ୍ଥାନ ପାଇଥିଲା।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଦ୍ୱାରା ପୂର୍ବ ସରକାରଙ୍କ ବିଫଳତାକୁ ବାରମ୍ବାର ଉଲ୍ଲେଖ କରା ଯାଉଥିଲା ବେଳେ ଜାତୀୟ ସ୍ତରରେ ଗତ ଏକବର୍ଷ ଭିତରେ ଗୋଟିଏ ପରେ ଗୋଟିଏ ରିପୋର୍ଟ ପ୍ରକାଶିତ ହେଉଥିଲା, ଯେଉଁଥିରେ ନବୀନଙ୍କ ସମୟରେ ଓଡ଼ିଶାର ସଫଳତାକୁ ବର୍ଣ୍ଣନା କରୁଥିଲା। ନବୀନଙ୍କ ଶାସନ କାଳରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀମାଝୀ ତାଙ୍କର ବକ୍ତବ୍ୟରେ ନିଜ ସରକାରଙ୍କ ଉପଲବ୍ଧି ଅପେକ୍ଷା ପୂର୍ବ ସରକାରଙ୍କ ବିଫଳତା ବିଷୟରେ ଟିପଣୀ ଦେବାକୁ ଅଧିକ ପସନ୍ଦ କରିଥା'ନ୍ତି। କିନ୍ତୁ ମୁମ୍ବାଇରେ ଅନୁଷ୍ଠିତ ହେଉଥିବା ସ୍ୱଦେଶୀ କ୍ରୀଡ଼ା ଉପରେ ହେଉଥିବା ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ସ୍ୱଦେଶୀ କ୍ରୀଡ଼ା 'ଖୋକୋ'ର ବିକାଶ ପାଇଁ 'ହାଇ ପରଫରମ୍ୟାନ୍ସ ସେଣ୍ଟର' ସ୍ଥାପନରେ ଦେଶର ପ୍ରଥମ ରାଜ୍ୟ ବୋଲି ଗର୍ବର ସହିତ କହିଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀମାଝୀ ଉଲ୍ଲେଖ କରିଥିବା ଏହି ସେଣ୍ଟର ୨୦୨୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ରାଜ୍ୟ ସରକାର ଓ ଏଏନଏଏସ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷର ହେବା ପରେ ନିର୍ମାଣ ହୋଇଥିଲା। ଏଠାରେ କୁହାଯାଇ ପାରିବ ଯେ ସବୁସମୟରେ ପୂର୍ବ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରି ଆସୁଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନବୀନଙ୍କ ଶାସନ କାଳରେ ପ୍ରଶଂସାଯୋଗ୍ୟ କାର୍ଯ୍ୟକୁ ପରୋକ୍ଷରେ ସ୍ୱୀକାର କରିଥିଲେ।

ସେହିପରି 'ଉତ୍କର୍ଷ ଓଡ଼ିଶା' କାର୍ଯ୍ୟକ୍ରମରେ ଶିଳ୍ପ ଅନୁଷ୍ଠାନମାନଙ୍କୁ ଆକର୍ଷିତ କରିବା ପାଇଁ ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରା ଯାଇଥିବା ପୁସ୍ତିକାରେ ରାଜ୍ୟ ସରକାରଙ୍କ 'ଫାଇଭ ଟି' ପ୍ରଶାସନିକ ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରାଯାଇଛି। ଏହି 'ଫାଇଭ ଟି' ବ୍ୟବସ୍ଥା ମାଧ୍ୟମରେ ରାଜ୍ୟରେ ପ୍ରତିଷ୍ଠା କରୁଥିବା ଶିଳ୍ପାନୁଷ୍ଠାନଗୁଡ଼ିକ ବିନା ଦ୍ୱନ୍ଦ୍ୱରେ ଶିଳ୍ପ ପ୍ରତିଷ୍ଠା କରିବାରେ ସକ୍ଷମ ହେଉଛନ୍ତି ବୋଲି ଉଲ୍ଲେଖ କରା ଯାଇଛି। ସରକାର ଗଠନ ପୂର୍ବରୁ ବିଜେପି ତରଫରୁ 'ଫାଇଭ ଟି' କୁ ତୀବ୍ର ସମାଲୋଚନା କରା ଯାଉଥିବା ବେଳେ ସରକାରକୁ ଆସିବା ପରେ 'ଫାଇଭ ଟି' କୁ ପ୍ରଶଂସା କରିବା ସ୍ୱାଭାବିକ ଭାବେ ବିଭିନ୍ନ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି।

ମୋହନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଜେପି ତରଫରୁ ସାରା ରାଜ୍ୟକୁ ଉତ୍ସବ ମୁଖରିତ କରିବା ପାଇଁ ଆୟୋଜନ କରାଯାଉଛି। ଏହି ସମୟରେ ଗତ ଏକବର୍ଷ ଭିତରେ ବିଭିନ୍ନ କେନ୍ଦ୍ରୀୟ ରିପୋର୍ଟରେ ନବୀନଙ୍କ ଶାସନ କାଳରେ ଓଡ଼ିଶାର ଉପଲବ୍ଧି 'ମୋହନଙ୍କ ଶାସନରେ ନବୀନଙ୍କ ଜୟଗାନ' ସଦୃଶ୍ୟ ଉଭା ହୋଇଛି। ●



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ନାଲ୍କୋ ନୂଆ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଅଭୟ ବେହୁରିଆ



ଭୁବନେଶ୍ୱର,୧୧।୬(ଏଜେନ୍ସି): ଅଭୟ କୁମାର ବେହୁରିଆ ନ୍ୟାସ୍‌ନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ)ର ନୂଆ ନିର୍ଦ୍ଦେଶକ (ଅର୍ଥ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ(ଆରଏସ୍‌ପି)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଦକ୍ଷତା ଓ ନେତୃତ୍ୱ ବଳରେ କମ୍ପାନୀ ରେକର୍ଡ ଆର୍ଥିକ ସଫଳତା ହାସଲ କରିଥିଲା। ଆର୍ଥିକ ପରିଚାଳନା, ରଣନୈତିକ ଯୋଜନା ଓ ଡିଜିଟାଲ ରୂପାନ୍ତର କ୍ଷେତ୍ରରେ ତାଙ୍କର ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକରେ ଡିଗ୍ରୀ ହାସଲ କରିଛନ୍ତି। ସେ ମଧ୍ୟ ଭାରତୀୟ କଷ୍ଟ ଏକାଉଣ୍ଟସ ପ୍ରତିଷ୍ଠାନ (ଆଇସିଏଆଇ)ର ଜଣେ ଫେଲୋ ସଦସ୍ୟ ହେବା ସହ ଆଡଭାନ୍ସ ଷ୍ଟଡିଜ୍ ଆଣ୍ଡ ରିସର୍ଚ୍ଚ ବୋର୍ଡରୁ ବ୍ୟବସାୟିକ ମୂଲ୍ୟାଙ୍କନରେ ଏକଜୁକ୍ୟୁଟିଭ୍ ଡିପ୍ଲୋମା ହାସଲ କରିଛନ୍ତି। ସେ ଆରଏସ୍‌ପିରେ ଏକାଧିକ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ନେତୃତ୍ୱ ନେଇଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ନାଲକୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଅଭିଜ୍ଞତାରୁ ନାଲକୋ ଲାଭବାନ ହେବେ। ତାଙ୍କର ଯୋଗଦାନ ନାଲକୋ ବୋର୍ଡକୁ ଆହୁରି ଦୃଢିଭୂତ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

# ଚଳନ୍ତା ଟ୍ରେନରୁ ପଡ଼ି ଯାତ୍ରୀ ଗୁରୁତର

ବେତନଟୀ,୧୧।୬(ସମିସ): ବୁଧବାର ରାତି ବେତନଟୀ ରେଳ ଷ୍ଟେସନରେ ଚଳନ୍ତା ଟ୍ରେନରେ ଜଣେ ଯାତ୍ରୀ ଚଢିବାକୁ ଚେଷ୍ଟା କରୁଥିବାବେଳେ ଖସି ପଡିବାରୁ ତାଙ୍କ ଗୋଡ ଉପରେ ଟ୍ରେନ ମାଡିଯାଇଛି। ଫଳରେ ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ହେଲେ ଶୁଳିଆପଦା ଥାନା ଅଧୀନ ଅନ୍ଧାରିଶୋଳ ଗ୍ରାମର ହରିଶ୍ଚନ୍ଦ୍ର ଧଳ (୫୫)। ବୁଧବାର ରାତି ୮ଟାରେ ଶ୍ରୀ ଧଳ ବାଙ୍ଗିରିପୋଷିରୁ ରୁପ୍ସା ଅଭିମୁଖେ ଯାଉଥିବା ମେମୁ ଟ୍ରେନ ବେତନଟୀ ଷ୍ଟେସନରେ ପହଞ୍ଚିଥିଲା। ୮ଟା ୫ରେ ଟ୍ରେନ ରୁପ୍ସା ଅଭିମୁଖେ ଟ୍ରେନଟି ଛାଡୁଥିବାବେଳେ ଶ୍ରୀ ଧଳ ଚଢିବାକୁ ଉଦ୍ୟମ କରିଥିଲେ। ସେଠାରେ କାର୍ଯ୍ୟରତ ଥିବା ଆରପିଏଫ କର୍ମଚାରୀ ହରିଶ୍ଚନ୍ଦ୍ରଙ୍କୁ ବାରଣ କରିଥିଲେ ସୁଦ୍ଧା ସେ ଶୁଣିନଥିଲେ। ଫଳରେ ସେ ଭାରସାମ୍ୟ ହରାଇ ରେଲୱେ ଟ୍ରାକ ଭିତରକୁ ଟାଣିହୋଇ ଯାଇଥିଲେ। ତାଙ୍କ ଡାହାଣ ଗୋଡ଼ ଉପରେ ଟ୍ରେନ ମାଡି ଯାଇଥିବାବେଳେ ଅଣ୍ଟା ଏବଂ ଛାତିରେ ଆଘାତ ଲାଗିଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

■ ଭାଙ୍ଗୁଛି ମୌସୁମୀର ଅଭିମାନ

# ସ୍ନାନପୂର୍ଣ୍ଣିମାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା

ଭୁବନେଶ୍ୱର,୧୧।୬(ସମିସ): ମୌସୁମୀର ଅଭିମାନ ଭାଙ୍ଗୁଛି। କିଛି ଦିନର ବିରତି ପରେ ପୁଣି ଥରେ ସକ୍ରିୟ ହେବାକୁ ମୌସୁମୀ ପାଗ ଭିଡ଼ିଛି। ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ହୋଇଛି। ବୁଧବାର ସ୍ନାନପୂର୍ଣ୍ଣିମାରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଫଳରେ କିଛି ଦିନ ହେବ ଜାରି ରହିଥିବା ଗୁଲୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ୧୨ ତାରିଖରେ ମଧ୍ୟ ରାଜ୍ୟରେ ଏଭଳି ସ୍ଥିତି ଜାରି ରହିବା ସହ ୧୩ରୁ ବର୍ଷାର ପ୍ରଭାବ ବୃଦ୍ଧି ହେବା ସମ୍ଭାବନା ରହିଛି। ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ରହିବ ଓ ଏହା ମୌସୁମୀକୁ ପୁଣି ଥରେ ସକ୍ରିୟ କରାଇବା ସହ ଓଡ଼ିଶାର ଅନ୍ୟ ଜିଲ୍ଲାଗୁଡ଼ିକୁ ମୌସୁମୀ ଅଗ୍ରସର ହେବ। ତେଣୁ ରାଜ୍ୟରେ ୧୩ରୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ୧୫-୨୦ ତାରିଖ ମଧ୍ୟରେ ରାଜ୍ୟରେ ବିସ୍ତୃତ ବର୍ଷା ହେବାକୁ ଥିବା ବେଳେ ସମ୍ଭବତଃ ଏହି ସମୟରେ ସାରା ରାଜ୍ୟକୁ ମୌସୁମୀ ଅଗ୍ରସର ହୋଇଯିବ। ଅନ୍ୟପଟେ ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୨ ଦିନ ପାଇଁ ସାରା ରାଜ୍ୟକୁ ବର୍ଷା ଜନିତ ଆଲର୍ଟ ଜାରି ହୋଇଛି। ଏହି ସମରେ ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ସାଙ୍ଗକୁ କିଛି କିଛି ସ୍ଥାନରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ନବନିଯୁକ୍ତ ପିସିସି ଏସ୍‌ଟି ବିଭାଗ ଅଧ୍ୟକ୍ଷଙ୍କୁ ସ୍ୱାଗତ

ଭୁବନେଶ୍ୱର,୧୧।୬(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଅନୁସୂଚୀତ ଜନଜାତି ବିଭାଗର (ଏସ୍‌ଟି ଡିପାର୍ଟମେଣ୍ଟ) ଅଧ୍ୟକ୍ଷ ଜଶୋବନ୍ତ ସିଂ ଲାଗୁରିଙ୍କୁ କଂଗ୍ରେସ ଭବନଠାରେ ସ୍ୱାଗତ କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି ଅନୁସୂଚିତ ଜନଜାତି ବିଭାଗ ଅଧ୍ୟକ୍ଷ ଡଃ ଭିକ୍ରାନ୍ତ ଭୁରିଆଙ୍କୁ ଦିଲ୍ଲୀଠାରେ ଶ୍ରୀ ଲାଗୁରୀ ସାକ୍ଷାତ ଆଲୋଚନା କରି ଆଜି ଅପରାହ୍ନରେ କଂଗ୍ରେସ ଭବନରେ ପହଂଚିବା ପରେ ତାଙ୍କୁ କର୍ମୀମାନେ ସ୍ୱାଗତ କରିଥିଲେ। ଆଗାମୀ ଦିନରେ ଜନଜାତିମାନଙ୍କର ସମସ୍ୟା ସମାଧାନ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଜନଜାତି ବିଭାଗକୁ ସୁଦୃଢ଼ କରିବ ବୋଲି ଶ୍ରୀ ଲାଗୁରୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ସର୍ବଶ୍ରୀ ସୁଧାଂଶୁ ଦେଓ, ରଣଜିତ ପାତ୍ର, ଉଦିତ ପ୍ରଧାନ, ନିର୍ମଳ ନାୟକ, ମାନସ ମଲ୍ଲିକ, ପ୍ରକାଶ ମିଶ୍ର, ସୁଦୀପ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

■ ପୁଲିସ- ମାଓବାଦୀ ଗୁଳି ବିନିମୟ

# ଦୁଇ ମାଓବାଦୀ ନିହତ

ମାଲକାନଗିରି,୧୧।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲ୍ଲା କୁକାନାର ଥାନା ଅଞ୍ଚଳରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଦୁଇଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ଦୁଇ ଦିନ ପୂର୍ବେ ଏଏସ୍‌ପି ଆକାଶ ରାଓ ଗିରପୁଞ୍ଜେ ଆଇଡି ବିସ୍ଫୋରଣରେ ସହିଦ ହୋଇଥିବା ବେଳେ ଏହାର ଜବାବରେ ଡିଆରଜି ବାହିନୀ କୁକାନାର ଥାନା ଅଞ୍ଚଳରେ କମ୍ବିଂ ଅପରେସନ ଆରମ୍ଭ କରିଛନ୍ତି। ଏହି କମ୍ବିଂ ଅପରେସନ ସମୟରେ ମାଓବାଦୀ ମାନେ ଯବାନଙ୍କୁ ଦେଖି ଗୁଳି ଚଳାଣା କରିଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ଚଳାଇଥିଲେ। ଯବାନଙ୍କ ଆକ୍ରମଣର ସାମ୍ନା କରି ନ ପାରି ମାଓବାଦୀ ମାନେ ଛତ୍ରଭଙ୍ଗ ଦେଇଥିଲେ। ତେବେ ଏହି ଗୁଳି ବିନିମୟରେ ଦୁଇଜଣ ମାଓବାଦୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସ୍ନାନ ପୂର୍ଣ୍ଣିମାରେ...

ଜଗନ୍ନାଥଙ୍କ ପ୍ରେମୀଙ୍କ ନଜର ରହିଛି ଶ୍ରୀକ୍ଷେତ୍ର ଉପରେ। ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନେକ ନେତା, ମନ୍ତ୍ରୀ ପୁରୀ ଆସିଛନ୍ତି। ପଞ୍ଚସ୍ତରୀୟ ସୁରକ୍ଷା ବଳୟରେ ପୁରୀ ସହର ରହିଥିବାବେଳେ ଆଇନଶୃଙ୍ଖଳାର ଧଜିଆ ଉଡ଼ିଛି। ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେବାଭଳି ଘଟଣା ଘଟିଛି ଗୁଡ଼ିଆସାହିରେ। ସ୍ପଷ୍ଟ ଦିବାଲୋକରେ ମହାପ୍ରଭୁଙ୍କ ଜଣେ ବୟୋଜ୍ୟେଷ୍ଠ ସେବକଙ୍କୁ ଘରେ ହତ୍ୟା କରି ଆଣି ରାସ୍ତାରେ ଫିଙ୍ଗି ଦିଆଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଭକ୍ତଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। ସ୍ନାନ ପୂର୍ଣ୍ଣିମାରେ ବରିଷ୍ଠ ସେବାୟତଙ୍କୁ ହତ୍ୟା କରାଯିବା ଘଟଣା ପାଇଁ ଲଜ୍ଜିତ ହୋଇଛି ପୁରୀ। ଟାଉନ ଥାନା ପୁଲିସର ସୂଚନା ଅନୁଯାୟୀ, ଗୁଡ଼ିଆସାହି ରାବେଣୀ ଚୌରାରେ ଘଟିଛି ଏହି ଘଟଣା। ମୃତ ଜଗନ୍ନାଥଙ୍କ ଘର ମହାସୁଆର ସାହିରେ। ସେ କୌଣସି କାମରେ ବୁଧବାର ଅପରାହ୍ଣରେ ଗୁଡ଼ିଆସାହିର ନାରାୟଣ ପାଟଯୋଶୀଙ୍କ ଘରକୁ ଯାଇଥିଲେ। କୌଣସି ଏକ ପ୍ରସଙ୍ଗକୁ ନେଇ ଘର ଭିତରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ଘର ବାହାରେ ରକ୍ତାକ୍ତ ଅବସ୍ଥାରେ ଜଗନ୍ନାଥଙ୍କ ମୃତଦେହ ଠାବ ହୋଇଥିଲା। ଖବର ପାଇ ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ ଏବଂ ଅନ୍ୟ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହା ମଧ୍ୟରେ ସିସିଟିଭିରେ କଏଦ ଏକ ଦୃଶ୍ୟ ସାମ୍ନାକୁ ଆସିଛି। ଏଥିରେ ଜଗନ୍ନାଥଙ୍କ ମୃତଦେହ ଘର ବାହାରେ ଆଣି ପକାଇ ଦିଆଯାଉଥିବା ଦେଖିବାକୁ ମିଳିଛି। ଘଟଣା ପରଠାରୁ ଫେରାର୍ ଥିବା ନାରାୟଣଙ୍କୁ ତାଙ୍କ ଶଶୁର ଘରୁ ପୁଲିସ ଗିରଫ କରିଛି। ପୁଲିସ ସମ୍ପୂର୍ଣ୍ଣ ଘଟଣାକୁ ପରଖି ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ ଚଳାଇବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

## ହାତୀବେଶେ ଶ୍ରୀଜୀଉ...

ଓ ବଡ଼ଦାଣ୍ଡ। ଆରମ୍ଭରୁ ନୀତିକାନ୍ତି ସାମାନ୍ୟ ବିଳମ୍ବ ହୋଇଥିଲେ ହେଁ ହାତୀବେଶ ବେଳକୁ ପ୍ରାୟ ନିର୍ଘଣ୍ଟ ସମୟରେ ଚାଲିଥିଲା। ତେବେ ସୁରୁଖୁରୁରେ ଶେଷ ହୋଇଛି ରଥଯାତ୍ରାର ଏହି ଆଦ୍ୟ ପର୍ବ।

ଆରମ୍ଭରୁ ୧ ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ଭୋର୍ ୪ଟା ୩୦ରେ ମଙ୍ଗଳାର୍ପଣ ସମୟ ରହିଥିବାବେଳେ ସାଢ଼େ ୫ଟାରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ବିଜେ କାହାଳୀ ବାଜି ଭୋର୍ ୫ଟା ୪୫ରେ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ। ଧାଡ଼ି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ, ପରେ ବଡ଼ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପକୁ ବିଜେ କରିଥିଲେ। ସକାଳ ୭ଟା ସୁଦ୍ଧା ପହଣ୍ଡି ଶେଷ ହେବାକୁ ନୀତି ନିର୍ଘଣ୍ଟ ହୋଇଥିବାବେଳେ ଏଥିରେ ୧ ଘଣ୍ଟା ୪୦ ମିନିଟ୍ ବିଳମ୍ବ ଅର୍ଥାତ୍ ୮ଟା ୪୦ରେ ପହଣ୍ଡି ସରିଥିଲା। ୮ଟା ୫୫ରେ ରୁନ୍ଧା ବଢ଼ିବା ପରେ ମଦନମୋହନ ସକାଳ ୯ଟାରେ ବିଜେ କରିଥିଲେ। ମଦନମୋହନଙ୍କୁ ମହାଜନ ସେବକ ସ୍ନାନମଣ୍ଡପକୁ ବିଜେ କରାଇଥିଲେ। ସକାଳ ୯ଟା ୩୦ରେ ସ୍ନାନବେଦୀରେ ହୋଇଥିଲା ମଙ୍ଗଳ ଆଳତି। ମଇଲମ, ତଡ଼ପଲାଗି, ଅଧରପୋଛା ନୀତି ସରି ପୂର୍ବାହ୍ଣ ୧୦ଟା ୫୦ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ରୋଷହୋମ ବଢ଼ି ୧୧ଟା ୨୫ରେ ଠାକୁରଙ୍କ ବେଶ ସରିଥିଲା।

ପୂର୍ବରୁ ସୁନା ଗୋସାଇଁ ସୁନା କୂଅରୁ ୧୦୮ ଗଡୁ ଜଳ ଆଣି ଜଳ ଗୃହରେ ରଖିଥିଲେ। ସେଥିରେ ଚନ୍ଦନ, କର୍ପୂର, ଅଗୁର, ସୁଗନ୍ଧିତ ପୁଷ୍ପ ପକାଯାଇ ଅଧିବାସ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ୪୦ରେ ଗରାବଡୁ ସେବକମାନେ ବାଘମୁହାଁ ବାନ୍ଧି ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ସ୍ନାନ ଲାଗି ଅଧିବାସ ଜଳ ସ୍ନାନବେଦୀକୁ ବିଜେ କରାଇଥିଲେ। ୧୦୮ ଗଡୁ ଜଳ ସ୍ନାନ ମଣ୍ଡପରେ ବିଜେ କରିବା ପରେ ଜଳଲାଗି ପୂଜା ବଢ଼ିଥିଲା। ଏହାପରେ ପ୍ରତୀକ୍ଷାର ଅନ୍ତ ଘଟି ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ସ୍ନାନ। ପୂଜାପଣ୍ଡା ସାମନ୍ତ ରୂପା ପିଙ୍ଗଣରେ ପୂଜା ହୋଇଥିବା ସୁବାସିତ ଜଳରେ ଠାକୁରଙ୍କୁ ସ୍ନାନ କରାଇଥିଲେ। ପ୍ରତ୍ୟହ ବିମ୍ବ (ଦର୍ପଣ) ସ୍ନାନ କରୁଥିବା ଦାରୁବିଗ୍ରହ ସ୍ନାନବେଦୀରେ କରିଥିଲେ ପ୍ରତ୍ୟକ୍ଷ ସ୍ନାନ। ଶ୍ରୀବଳଭଦ୍ର ୩୩ ଗଡୁ, ଦେବୀ ସୁଭଦ୍ରା ୨୨ ଗଡୁ, ଶ୍ରୀଜଗନ୍ନାଥ ୩୫ ଗଡୁ ଏବଂ ଶ୍ରୀସୁଦର୍ଶନ ୧୮ ଗଡୁ ଜଳରେ ସ୍ନାନ କରିଥିଲେ। ନୂଆ ଲୁଗା ଲାଗି ବେଶ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା ନୀତି ନିମନ୍ତେ ସ୍ନାନମଣ୍ଡପକୁ ବିଜେ କରିଥିଲେ। ଅପରାହ୍ଣ ସାଢ଼େ ୩ଟା ସୁଦ୍ଧା ଛେରାପହଁରା ସରିବାକୁ ସ୍ଥିର ହୋଇଥିବାବେଳେ ଅପରାହ୍ଣ ୪ଟା ୪୦ରେ ଛେରାପହଁରା ନୀତି ସରିଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା କରିଥିଲେ। ଏହାପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ହାତୀବେଶ (ଗଜାନନ ବେଶ)ରେ ସଜ୍ଜିତ କରିଥିଲେ। ଅପରାହ୍ଣ ସାଢ଼େ ୪ଟାରେ ହାତୀବେଶ ଲାଗି ନୀତି ନିର୍ଘଣ୍ଟ ହୋଇଥିବାବେଳେ ୪ଟା ୫୫ରେ ବେଶ ଆରମ୍ଭ ହୋଇଥିଲା। ପ୍ରାୟ ୫୦ ମିନିଟ୍ ଧରି ଏହି ବେଶ ଚାଲି ୫ଟା ୪୫ରେ ସମ୍ପୂର୍ଣ୍ଣ ହୋଇଥିଲା। ଏହି ବେଶ ଥାଇ ଘଣ୍ଟଛତା ସକାଳଧୂପ ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ପାଖରେ ଏହି ଗୋଟିଏଥର ହିଁ ଭୋଗ ହୋଇଥାଏ।

ସନ୍ଧ୍ୟା ସାଢ଼େ ୭ଟା ପରେ ଆରମ୍ଭ ହୋଇଥିଲା ସାହାଣମେଲା ଦର୍ଶନ। ଏହା ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ସାହାଣମେଲାରେ ଶ୍ରଦ୍ଧାଳୁମାନେ ସ୍ନାନବେଦୀରେ ଠାକୁରଙ୍କ ଗଜାନନ ବେଶ ଦର୍ଶନ କରିଥିଲେ। ରାତି ୧୧ଟା ପରେ ହାତୀବେଶ ଓଲାଗି ପରେ ଗୋଟିପହଣ୍ଡିରେ ଠାକୁର ବାହୁଡ଼ି ଅଣସର ପିଣ୍ଡିକୁ ବିଜେ କରିଥିଲେ। ଏହାପରେ ସୁନାଚିତା ଓ ରାହୁରେଖା ଓଲାଗି ହୋଇଥିଲା।

### ■ ଆଜିଠୁ ଦର୍ଶନ ଦେବେ ପଟି ଦିଅଁ

ପୁରୀ,୧୧।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବା ପରେ ଜ୍ୱରରେ ପଡ଼ି ଅଣସର ଘରକୁ ବିଜେ କରିଛନ୍ତି ମହାପ୍ରଭୁ। ଗୁରୁବାରଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଅଣସର ବିଧି। ଉପଶମ ପାଇଁ ଆରମ୍ଭ ହେବ ଉପଚାର। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଆରମ୍ଭ କରିବେ ଗୁପ୍ତସେବା। ଏହି ସମୟରେ ରତ୍ନସିଂହାସନରେ ଦାରୁବିଗ୍ରହଙ୍କ ଦର୍ଶନ ମିଳିବନି। ଅଣସର ଟାଟିରେ ରହି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ପଟିଦିଅଁ। ବୁଧବାର ସ୍ନାନବେଦୀରେ ସ୍ନାନ ନୀତି ସମ୍ପନ୍ନ ପରେ ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବାହୁଡ଼ା ବିଜେ କରିଥିଲେ ଠାକୁର। ଏହାପରେ କୋଠସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ଟାଟି ବାନ୍ଧିବେ। ଟାଟିରେ ପଟିଦିଅଁଙ୍କୁ ରୁନ୍ଧା ଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଅନନ୍ତ ନାରାୟଣ ରୂପରେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ରୂପେ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ ଭାବେ ମହାଅଣସର ପଟିରେ ସ୍ଥାନିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ, ଭୁବନେଶ୍ୱରୀ, ଦୋଳଗୋବିନ୍ଦ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମ, କୃଷ୍ଣ ଓ ନୃସିଂହ ଅଣସର ଟାଟି ସମ୍ମୁଖରେ ରହି ପୂଜା ପାଇବେ।

## ଯାଜପୁରରେ ବେକାବୁ...

ମଲ୍ଲିକଙ୍କ ପୁଅ ଦିଲ୍ଲୀପ ମଲ୍ଲିକ(୨୬)ଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଫଳରେ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି। ସୁଦର୍ଶନଙ୍କ ମୃତ୍ୟୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପ-ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା ବେଳେ ବସନ୍ତଙ୍କ ମୃତ୍ୟୁ କଟକ ବଡ଼ ଡାକ୍ତରଖାନାରେ ହୋଇଛି। ସେହିଭଳି ଜାନକୀଙ୍କ ମୃତ୍ୟୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଏହି ମୃତ୍ୟୁ ସଂଖ୍ୟାକୁ ନେଇ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଜିଲ୍ଲାରେ ଏଭଳି ପରିସ୍ଥିତିକୁ ଦେଖି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀ ଟିମ୍ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି।

ଅନ୍ୟପକ୍ଷରେ ଡାଇରିଆର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣାପଡି ନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ମାଇକ୍ରୋବାୟୋଲୋଜି ଟିମ୍ ଜିଲ୍ଲାରେ ପହଞ୍ଚି କାରଣ ଖୋଜୁଥିବା ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ସ୍ଥାନରେ ହୋଇଥିବା ଭୋଜିରେ ଖାଦ୍ୟ ସହିତ ମାଛି ବସୁଥିବା ଦୂଷିତ ଖାଦ୍ୟ ବ୍ୟବହାର ଯୋଗୁଁ ଏଭଳି ଡାଇରିଆ ହୋଇଥିବା ସନ୍ଦେହ କରାଯାଉଛି। ଆଜି ଅପରାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭି. ପରମେଶ୍ୱରଣମ୍ ଜିଲ୍ଲାପାଳଙ୍କ ସହିତ ଝାଡ଼ାବାନ୍ତି ଆକ୍ରାନ୍ତଙ୍କୁ ଭେଟିଛନ୍ତି। ଏହାର ମୁକାବିଲା ନେଇ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଉଥିବା ସେ କହିଛନ୍ତି।

ଝାଡ଼ାବାନ୍ତି ପ୍ରଭାବିତ ଧର୍ମଶାଳା, ବ୍ୟାସନଗର ପୌରାଞ୍ଚଳ, ଦାନଗଦି, ରସୁଲପୁର ଓ କୋରେଇ ବ୍ଲକ ସମେତ ଆଖପାଖ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ଟିମ୍ ମୁତୟନ କରାଯାଇଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ ସମେତ ରାଜ୍ୟସ୍ତରରୁ ସ୍ୱତନ୍ତ୍ର ଭାବେ ୨ଟି ରାପିଡ ଆକ୍ସନ ଟିମ୍ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଜିଲ୍ଲା ଟିମ୍ ସହିତ ମିଳିତ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ, ଓ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରୁ ବିଶେଷଜ୍ଞ ଡାକ୍ତରମାନଙ୍କୁ ପ୍ରଭାବିତ ଅଞ୍ଚଳରେ ବିଶେଷଜ୍ଞ ସେବା ନିମନ୍ତେ ନିୟୋଜନ କରାଯାଇଛି। ସଂକ୍ରମିତ ରୋଗୀମାନଙ୍କୁ ଧର୍ମଶାଳା, ଯାଜପୁର ରୋଡ, ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଗ୍ରାମୀଣ ପାଇପ୍ ଜଳ ଯୋଗାଣ ଟିମ୍ କ୍ଷେତ୍ରସ୍ତରରେ ସମସ୍ତ ପାନୀୟ ଜଳ ସ୍ରୋତ ଓ ଜଳ ଉତ୍ସକୁ ବିଶୋଧିତ କରୁଛନ୍ତି। ତୃଣମୂଳସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଆଶାକର୍ମୀ, ଅଙ୍ଗୱାଡ଼ି କର୍ମୀ, ବହୁମୁଖି ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଯଥେଷ୍ଟ ପରିମାଣର ହାଲୋଜେନ୍ ବଟିକା, ଓଆରଏସ୍ ପ୍ୟାକେଟ, ଔଷଧ ଓ ସଚେତନତା ବାର୍ତ୍ତା ସମନ୍ୱିତ ସୂଚନାପତ୍ର ଆଦି ଲୋକମାନଙ୍କ ମଧ୍ୟରେ ବଣ୍ଟନ ପାଇଁ ଯୋଗାଇ ଦିଆଯାଇଛି ବୋଲି ବିଭାଗ କହିଛି।

## ସରକାରଙ୍କ ଉପରେ...

ଦିବ୍ୟାଙ୍ଗକୁ ୩୫୦୦ ଟଙ୍କା ପ୍ରଦାନ କରି ଅନ୍ୟମାନଙ୍କ ସହ ସରକାର ପ୍ରତାରିତ କରିଛନ୍ତି ବୋଲି ହିତାଧିକାରୀ ଅଭିଯୋଗ କରୁଛନ୍ତି। ଧାନର ଇନପୁଟ ସହାୟତା ବାବଦରେ ୮୦୦ ଟଙ୍କା ଦେଉଥିଲେ ହେଁ ଅତ୍ୟଧିକ କଟନୀ ଛଟନୀ ଏବଂ ମିଲରଙ୍କ ମାମଲାତି ଯୋଗୁଁ ଚାଷୀକୁଳ ଏକ ପ୍ରକାର ଅସହାୟ। ପୁନଶ୍ଚ ନିର୍ବାଚନ ପୂର୍ବରୁ ୩୦୦ ୟୁନିଟ ମାଗଣା ବିଜୁଳି ପ୍ରତିଶ୍ରୁତି ଫମ୍ପା ଘୋଷଣାରେ ପରିଣତ ହୋଇଛି। ଯାହାକୁ ନେଇ ସରକାର ବ୍ୟାକଫୁଟ୍‌ରେ ରହିଛନ୍ତି।

ତେବେ ରାଜ୍ୟରେ ବର୍ତ୍ତମାନ ସବୁଠାରୁ ବଡ଼ ପ୍ରସଙ୍ଗ ପାଲଟିଛି ପ୍ରଶାସନିକ ସ୍ଥାଣୁତା। ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ ଏକ ନୋଟସିଟରେ ଏହାକୁ ସ୍ୱୀକାର କରିଛନ୍ତି। ତୃଣମୂଳସ୍ତରରୁ ଶୀର୍ଷ ପ୍ରଶାସନ ଯାଏଁ, ପ୍ରଶାସନ ଉପରେ ସରକାରଙ୍କ ନିୟନ୍ତ୍ରଣ ଏକପ୍ରକାର ହୁଗୁଳା ହୋଇପଡ଼ିଛି ବୋଲି କୁହାଯାଇପାରେ। ଫଳସ୍ୱରୂପ ତୃଣମୂଳ ସ୍ତରରେ ବିକାଶ କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍ ହୋଇପଡ଼ିଛି। ସେହିପରି ସରକାର ନିଜ ପ୍ରଥମ ବର୍ଷରୁ ହିଁ ରାଜ୍ୟ ଅର୍ଥନୀତି ପରିଚାଳନାରେ ଋଣ ଉପରେ ଅଧିକ ନିର୍ଭରଶୀଳ ହୋଇ ପଡ଼ିଥିବା ବେଳେ ଏହା ରାଜ୍ୟର ଅର୍ଥନୈତିକ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ବୋଲି ଅର୍ଥନୈତିକ ମହଲରେ ମତ ପ୍ରକାଶ ପାଇଛି। ପୁନଶ୍ଚ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ନାରୀ ବିରୋଧୀ ହିଂସା, ପୋଲାଭରମ ଏବଂ ମହାନଦୀ ବିବାଦ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିରବତା ମଧ୍ୟ ସାଧାରଣରେ ସରକାରଙ୍କ ଛବିକୁ ମଳିନ କରିଛି। ପୁନଶ୍ଚ ନିର୍ବାଚନ ସମୟରେ ସରକାର ଦେଇଥିବା ଢେର ପ୍ରତିଶ୍ରୁତିକୁ ପୂରଣ କରିବା ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ପ୍ରମୁଖ ଆହ୍ୱାନ ସାଜିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ବିଶେଷକରି ପ୍ରତି ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବାକୁ ୧୭ ଜିଲ୍ଲାର ଜନସାଧାରଣଙ୍କ ମଧ୍ୟରେ ଦାବି ତେଜିବାରେ ଲାଗିଛି। ସେହିପରି ଶିଳ୍ପାୟନକୁ ନେଇ ରାଜ୍ୟ ସରକାର ନିୟମିତ ଦମ୍ଭୋକ୍ତି ପ୍ରକାଶ କରୁଥିବା ବେଳେ ସେଗୁଡ଼ିକୁ ସଠିକ୍ ଭାବେ କାର୍ଯ୍ୟନ୍ୱୟନ କରିବା ସରକାରଙ୍କ ପାଇଁ ପ୍ରମୁଖ ଆହ୍ୱାନ ହୋଇଛି। କଟକରେ ଜେଏସଡବ୍ଲ୍ୟୁର ଇଭି କାରଖାନା ଏବଂ କେନ୍ଦ୍ରାପଡାରେ ନିପ୍ପନ ଷ୍ଟିଲର ପ୍ରକଳ୍ପ ଏଯାଏଁ ଅନ୍ଧାର ମଧ୍ୟରେ ଥିବା ବେଳେ ଏହାକୁ ଆସନ୍ତା ବର୍ଷରେ କାର୍ଯ୍ୟନ୍ୱୟନ କରିବା ସରକାରଙ୍କ ସମ୍ମାନର ପ୍ରଶ୍ନ ହୋଇଛି। ଏହି ପରିପ୍ରେକ୍ଷୀରେ ସରକାରଙ୍କୁ ଅତ୍ୟନ୍ତ ସତର୍କତାର ସହ ପଦକ୍ଷେପ ନେବାକୁ ପଡ଼ିବ। ଏଥିପାଇଁ ଶାସନକଳକୁ ଅପେକ୍ଷାକୃତ ଶୃଙ୍ଖଳିତ ଏବଂ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ବିଶେଷକରି ନିର୍ବାଚନ ପ୍ରତିଶ୍ରୁତିକୁ ପୂରଣ କରିବା ଏବଂ ସମାନ ସମୟରେ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ସରକାରଙ୍କ ସାମ୍ନାରେ ଆହ୍ୱାନ ସୃଷ୍ଟି କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।


**GOVERNMENT OF ODISHA, DEPARTMENT OF WATER RESOURCES**

Office of the Addl. Chief Engineer, Mechanical Circle, Bhubaneswar

Email Address: semechcircle104@gmail.com

A-282

e-Procurement Notice – Bid Identification No.: ACEM/MDL-21/2025-26

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDL-21/2025-26 |
| 5. | Estimated Cost | : Rs. 18,70,407/- |
| 6. | Period of Completion | : 01 (One) calendar months. |
| 7. | Date & time of availability of bid documents in the Portal | : From dt.12.06.2025(10.00 AM) to dt.20.06.2025(5.30 PM) |
| 8. | Last date/ time for receipt of bid In the Portal | : dt.20.06.2025 (up to 5.30 PM) |
| 9. | Date and Place of opening of Bid | : dt.21.06.2025(12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar

OIPR-32405/11/0074/2526

**AFFIDAVIT**

By virtue of an affidavit before the Executive Magistrate, Phulbani on 05.06.2025. I, Rajib Kanhar, residing at At-Upper Tamtangia, PO-Sripalli, PS-Phiringia, Dist.: Kandhamal, Odisha, Pin-762011 do hereby declare that I have changed my minor daughter's name from Subhasmita Kanhar to Katharina Kanhar. Henceforth she will be known as Katharina Kanhar for all purposes.

Sd/- Rajib Kanhar

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**ହଜିଯାଇଛି**

ମୁଁ ଅନୁରାଜ ଜେନା, ବାପା- ଅଞ୍ଜନ ଜେନା, ଠିକଣା- ଯାଜପୁର ଟାଉନ ତାରବଣିଆ, ମୋର ବିଟେକ୍ ଡିଗ୍ରୀ ପରୀକ୍ଷା ପ୍ରମାଣପତ୍ର ଓ ସମସ୍ତ ସେମିଷ୍ଟାର ମାର୍କସିଟ୍, ବିପଟ ରେଜିଷ୍ଟ୍ରେସନ୍ ନମ୍ବର ୦୯୦୧୩୩୫୧୨୨ ଯାହାକି ବିଜୁ ପଟ୍ଟନାୟକ ବିଶ୍ୱବିଦ୍ୟାଳୟ ଦ୍ୱାରା ୨୦୧୩ ମସିହାରେ ପ୍ରଦତ୍ତ। ତା.୦୧/୦୫/୨୦୨୫ରିଖ ଦିନ ସନ୍ଧ୍ୟା ସମୟରେ ଗଣ୍ଡି ଛକ, ଚୌଦ୍ୱାର ଠାରୁ ମୋ ଘର ଠିକଣା ମଧ୍ୟରେ ଯାଉଥିବା ସମୟରେ ଡକ୍ୟୁମେଣ୍ଟଗୁଡ଼ିକ ହଜିଯାଇଛି। ମୁଁ ମଧ୍ୟ ଏହାର ନକଲ କାଗଜପତ୍ର ଆବେଦନ କରିଛି। ଯଦି ଏହା କାହାକୁ ମିଳେ, ଦୟାକରି ମୋତେ ୯୩୩୭୩୦୮୦୧୧ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

**AFFIDAVIT**

BY VIRTUE OF an affidavit sworn before the Executive Magistrate, Machhkund, dated 15.04.2025, I, Smt. Raila Ayal resident of Vill.- Badapada, Po.- Sagar, Ps.- Machhkund, Dist.- Koraput, Pin-764081 declare that, in my Aadhaar Card my name has been mentioned as **Raila Tayal**. In my Voter Identity card my name has been correctly mentioned as **Raila Ayal, W/o- Sanya Ayal**. Henceforth I will be known as **Raila Ayal, W/o- Sanya Ayal** for all purposes.

**AFFIDAVIT**

By virtue of an affidavit before the Executive Magistrate, Phulbani on 06.06.2025. I, Tamburudhar Kanhar, S/o Sunapa Kanhar, resident of At-Dudupanga, PO-Pahiraju, PS-Gochhapada, Dist-Kandhamal, Odisha, Pin-762002, do hereby declare that I have changed my minor daughter's name from Sumati Kanhar to Suchitra Kanhar. Henceforth she will be known as Suchitra Kanhar for all purposes.

Sd/- Tamburudhar Kanhar

**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Bhadrak, Dtd. 11.06.2025, I Masterkaushik Behera, Address, At: Randia, P.O-Randiahat, Dist: Bhadrak, declare that I have changed my name from Masterkaushik to Masterkaushik Behera Henceforth, I shall be know as Masterkaushik Behera. for all purpose.

Masterkaushik Behera

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2602 dated 25.05.2025, I, **SRI RAGHUNATH PADAL**, S/o- Sri. ADIA PADAL resident of Vill.- Upapada, PO- Guniepada, Ps.- Machhkund, Dist.- Koraput declare that, I have changed my daughter's name from **SHASHMITA PADAL** to **SUSHMITA PADAL**. Henceforth she will be known as **SUSHMITA PADAL** for all purposes.

**AFFIDAVIT**

I Surendra Marandi of village Rangamatia, Po- Baripal, Ps-Ghasipura, Dist.: Keonjhar, Pin 758025, by virtue of an affidavit sworn before the Executive Magistrate, Hatadihi, bearing sl no 06, date 09.06.2025, i have changed the name of my minor daughter from Salama Marndi to Hemalata Marndi. Henceforth, she shall be known as HEMALATA MARNDI for all purpose.

Hemalata Marndi

**AFFIDAVIT**

I, Dillip Kumar Agarwalla, aged about 54 years, S/o- Late Bajaranglal Agrawalla, resident of Sardar Patel Marg, PO- Jatni, PS- Jatni, Dist- Khordha, Odisha declared by this affidavit No. 141, dtd- 09/06/2025 that now onwards I shall be known as **DILIP KUMAR AGARWALLA** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2634 dated 20.06.2025, I, Sri Dhanapati Khara, S/o- Sri Laikana Khara resident of Vill.- Kodri, Po.- Dabuguda, Ps.- Machhkund, Dist.- Koraput declare that, I have changed my daughter's name from **NIKITA KHARA** to **USHARANI KHARA**. Henceforth she will be known as **USHARANI KHARA** for all purposes.

**AFFIDAVIT**

BY VIRTUE OF an affidavit sworn before the Executive Magistrate, Machhkund dated 10.04.2025, I, **Sri. Sania Ayal**, S/o- Late Mangala Ayal, resident of Vill.- Badapada, Po.- Sagar, Ps.- Machhkund, Dist.- Koraput, Pin-764081 declare that, in my Aadhaar Card my name has been mentioned as **Sania Tayal, S/o- Mangala Tayal**. In my voter Identity Card my name has been correctly mentioned as **Sania Ayal, S/o- Mangala Ayal**. Henceforth I will be known as **Sania Ayal, S/o- Mangala Ayal** for all purposes.

**AFFIDAVIT**

By virtue of an affidavit sworn before The Notary Public, Swampatna on dated-10/06/2025. I **Judhisthira Sethy,** S/o- Muralidhar Sethy, resident of At/Po- Mushakhori, Via- Swampatna, Ps- Patana, Pin-758030 declare that I have changed my minor daughter's name from **Swatapadma Sethy** (old name) to **Kritika Sethy** (New name). Henceforth, she shall be known as **Kritika Sethy** for all future purposes.

S/d Judhisthira Sethy

**AFFIDAVIT**

By virtue of an affidavit No.6315, Dtd.20.05.2025 sworn before the Executive Magistrate, Balasore I, Gitashree Nayak, W/o. Manas Ranjan Nayak, At/Po. Attapur, PS. Soro, Dist. Balasore, Odisha, declare that in my Adhar card vide no. 356106211083 my name has been mentioned as Gitashree Sahu as prior to my marriage I was named as Gitashree Sahu, D/o. Gangadhar Sahu as per my educational qualification certificate. Hence, I hereby declare that the name of GITASHREE NAYAK and GITASHREE SAHU is the name of one and same person.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No. 2635 dated 10.06.2025, I, Sri. SANJITH SWABI, S/o- Sri Bhadra Swabi, resident of Vill.- Chalanput, Po.- Godihanjar, Ps.- Machhkund, Dist.- Koraput, declare that, I have changed my name from **SANJITH SWABI** to **SANJEET SWABI**. Henceforth I will be known as **SANJEET SWABI** for all purposes.

**AFFIDAVIT**

I, Nitu Agarwalla, aged about 46 years, W/o- Dilip Kumar Agrawalla, resident of Sardar Patel Marg, PO- Jatni, PS- Jatni, Dist- Khordha, Odisha declared by this affidavit No. 142, dtd- 09/06/2025 that now onwards I shall be known as **NITU AGRAWALLA** for all future purposes.

**ପୂର୍ବ ତଟ ରେଳପଥ**

ଫାଇଲ ନଂ.DRM/Engg/KUR/25-26/E-Tender/25,ତା.09.06.2025ରିଖ

ଟେଣ୍ଡର ସଂ.e-tender-EASTKUR-55-2025,ତା.28.05.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ରେଳବାଇ ଧାତୁ/GFN ଲାଇନରେ ପ୍ରଭାବିତ ଏଣ୍ଡ ଇନ୍ଦିଙ୍କ ଏବଂ ଗ୍ରାଉଣ୍ଡିଙ୍ଗ ତଥା ଠିକାଦାରଙ୍କ ସମ୍ପୂର୍ଣ୍ଣ ଉପକରଣ ଏବଂ କାରଖାନା (Plants), ଶ୍ରମିକ, ଉପଯୋଗ ସାମଗ୍ରୀ ଇତ୍ୟାଦି ସହିତ ସେଗୁଡ଼ିକୁ କଣ୍ଟେଣ୍ଟ୍ରିକ ଠାରେ ଉପଲବ୍ଧ କରାଇବା।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 57.72 ଲକ୍ଷ, EMD (ଟଙ୍କାରେ): 1,15,500/-, ସମ୍ପୂର୍ଣ୍ଣ ହେବା ଅବଧି : 06 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.06.2025 ରିଖ 1500 ଘଡିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କେବଳ ବାଣିଜ୍ୟିକ ... ଇତ୍ୟାଦି ...

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-221/Q/25-26

**AFFIDAVIT**

By virtue of an affidavit No. 933, dtd. 10.06.2025 in the court of the Executive Magistrate, Boudh, I, Satyaban Mahakhud, have changed my minor daughter's name from Srutirani Mahakhud to Smutirani Mahakhud. Henceforth she will be known as Smutirani Mahakhud for all purposes.

Sd/- Satyaban Mahakhud

**AFFIDAVIT**

I, Rajani Kanta Mohanty, S/o.: Ramesh Chandra Mohanty, Resident of Vill: Nausira, PO./P.S.: Tirtol, Dist.: Jagatsinghpur, PIN-754137 Odisha, declare by this affidavit No.: 445, dated-29/01/2025, that now onwards I shall be known as RAJANIKANT MOHANTY for all future purposes.

**AFFIDAVIT**

I, Pravati Mohanty, aged about 55 years, W/o- Amiya Kumar Mohanty, resident of At- Balisahi, Madhupatana, Cuttack Sadar, Madhupatana, Dist- Cuttack, PIN-753010, Odisha declared by this affidavit No. 189, dtd- 10/05/2025 that now onwards I shall be known as **PRAVABATI MOHANTY** for all future purposes.

● ଜଳେଶ୍ୱରରେ ବିଜୁଳି ସମସ୍ୟା

# ଟିପିଏନ୍‌ଓଡିଏଲ୍ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲା ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ



ଜଳେଶ୍ୱର ବ୍ଲକ, ୧୧।୬ (ସମିସ) : ଝାଡେଶ୍ୱରପୁରସ୍ଥିତ ଟିପିଏନଓଡିଏଲ କାର୍ଯ୍ୟାଳୟରେ ବିଦ୍ୟୁତ ଉପଭୋକ୍ତା ମଞ୍ଚ ଜଳେଶ୍ୱରର କର୍ମକର୍ତ୍ତା ଜଳେଶ୍ୱର ବିଦ୍ୟୁତ ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ରତିରଞ୍ଜନ ରାଉତଙ୍କ ସହିତ ଆଲୋଚନା କରିଥିଲେ। ଅଘୋଷିତ ବିଜୁଳି କାଟ ଏବଂ ମରାମତି ନାଁରେ ବିଭିନ୍ନ ସମୟରେ ବିଜୁଳି କାଟ ସମ୍ପର୍କରେ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ତତ୍ ସହିତ ବର୍ଷାଦିନ ପୂର୍ବରୁ ସହର ଏବଂ ଗ୍ରାମାଞ୍ଚଳରେ ବିଦ୍ୟୁତ ତାରକୁ ଛୁଇଁଥିବା ଗଛ ଡ଼ାଳ ପତ୍ରକୁ ସଫା କରାଇ ନିରବିଚ୍ଛିନ୍ନ ବିଜୁଳି ଯୋଗାଣ ପାଇଁ ବ୍ୟବସ୍ଥା କରିବା ପାଇଁ ନିବେଦନ କରାଯାଇଥିଲା। ଏହି ଆଲୋଚନାରେ ଉପଭୋକ୍ତା ମଞ୍ଚର ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସମ୍ପାଦକ ଶ୍ରୀମନ୍ତ ଘୋଷ, ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ, ଦିଲ୍ଲୀପ ଗିରି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଉପଭୋକ୍ତା ମଞ୍ଚର କର୍ମକର୍ତ୍ତା ମାନଙ୍କ ସହିତ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ହାତୀଗଡ, ଜଳେଶ୍ୱର, ନାମ୍ପୋର ସେକ୍ସନ ଅଫିସରମାନଙ୍କ ଏକ ବୈଠକ ଅନୁଷ୍ଠିତ କରାଇ ଜଳେଶ୍ୱର ଅଞ୍ଚଳର ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ କରାଇବା ପାଇଁ ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା, ୧୧।୬(ସମିସ): ବୁଧବାର ସକାଳେ ଷ୍ଟେସନ ବଜାର ହାଟର ଏକ ଦୋକାନ ଚାଳିଆରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଉଛନ୍ତି ବାରିପଦା ଟାଉନ ଥାନା ଅର୍ନ୍ତଗତ ଷ୍ଟେସନ ବଜାର ଅଞ୍ଚଳର କେଦାର ମାରାଣ୍ଡି। ତାଙ୍କର ସାମାନ୍ୟ ମସ୍ତିଷ୍କ ବିକୃତି ଥିବା କାରଣରୁ ଆତ୍ମହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି।

# ପୁଣି ମହିଳାଙ୍କଠାରୁ ହାର ଛିନତାଇ; ୨ ଅଟକ

ବାରିପଦା, ୧୧।୬(ସମିସ): କିଛି ଦିନର ବ୍ୟବଧାନ ପରେ ବାରିପଦା ସହରରେ ପୁଣି ଛିନତାଇ ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ଦିନ ଦ୍ୱିପ୍ରହରରେ ଜଣେ ମହିଳାଙ୍କଠାରୁ ସୁନାହାର ଛିନତାଇ ହୋଇଛି। ଏନେଇ ଭୁଗୁଡାକଟା ଅଞ୍ଚଳର ରୀନାରାଣୀ ଦାଶ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ବଜାରରୁ ଘରକୁ ଯାଉଥିବା ବେଳେ ବେଳଗଡ଼ିଆ ପ୍ୟାଲେସ ନିକଟରେ ୪ଜଣ ଦୁର୍ବୃତ୍ତ ୨ଟି ବାଇକରେ ଆସି ତାଙ୍କୁ ଅଟକାଇଥିଲେ। ପରେ ତାଙ୍କ ବେକରୁ ହାରକୁ ଲୁଟି ନେଇ ପଳାଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୯୦ହଜାର ଟଙ୍କା ହେବ। ତେବେ ଏନେଇ ସେ ଅଭିଯୋଗ କରିବା ପରେ ପୁଲିସ ସିସି ଟିଭି ସହାୟତାରେ ଯାଞ୍ଚ କରିଛି। ପୁଲିସ ୨ଜଣଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କ ଅଟକ ରଖାଯାଇ ପଚରାଉଚୁରା କରୁଛି ପୁଲିସ।

# ହସ୍ପିଟାଲ ପରିସରରୁ ବାଇକ୍ ଚୋରି

ବାରିପଦା, ୧୧।୬(ସମିସ): ବାରିପଦା ପିଆରଏମ ହସ୍ପିଟାଲ ପରିସରରୁ ଏକ ବାଇକ ଚୋରି ହୋଇଥିବା ନେଇ ଖୁଣ୍ଟା ଥାନା ଅନ୍ତର୍ଗତ ବଡ଼ଫେଣି ଅଞ୍ଚଳର ଜୟକୃଷ୍ଣ ମହାନ୍ତ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଚିକିତ୍ସା ନିମନ୍ତେ ହସ୍ପିଟାଲକୁ ଆସିଥିଲେ। ସେ ପାର୍କିଂ ସ୍ଥଳରେ ବାଇକ ରଖି ହସ୍ପିଟାଲ ଭିତରେ ଥିଲେ। ତେବେ ସେ ଫେରି ଦେଖିବା ବେଳକୁ ବାଇକଟି ନ ଥିଲା। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ନପାଇ ଥାନାରେ ଅଭିଯୋଗ କରିଛନ୍ତି।

# ବିଦ୍ୟୁତ୍ ବିଲ୍ ଅପଡେଟ୍ ବାହାନାରେ ୧.୪୮ ଲକ୍ଷ ଟଙ୍କା ଠକେଇ

ବାରିପଦା, ୧୧।୬(ସମିସ): ବିଦ୍ୟୁତ ବିଲ ଅପଡେଟ କରିବା ବାହାନାରେ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ ହୋଇଥିବା ନେଇ ଶ୍ରୀପଦଗଞ୍ଜ ଅଞ୍ଚଳର ଭରତଚନ୍ଦ୍ର ମହାନ୍ତ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ସେ ବାଲେଶ୍ୱର ବିଦ୍ୟୁତ କାର୍ଯ୍ୟାଳୟର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ବିଦ୍ୟୁତ ବିଲ ଅପଡେଟ କରିବା ପାଇଁ ୟୁପିଆଇ ଜରିଆରେ ୫ ଟଙ୍କା ଦେବାକୁ କରିବାକୁ କହିଥିଲେ। ପରେ ସେ ୫ଟଙ୍କା ଦେଇଥିଲେ। କିଛି ସମୟ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫୦ ହଜାର ଟଙ୍କା ଉଠାଣ ହୋଇଥିବା ନେଇ ମେସେଜ ଆସିଥିଲା। ଏହାପରେ ବ୍ୟାଙ୍କ ଏଟିଏମରୁ ଟଙ୍କା ଉଠାଇବା ବେଳକୁ ଦୁଇ ଥର ୪୯ ହଜାର ଉଠାଯାଇଥିବା ନେଇ ଜାଣିବାକୁ ପାଇଥିଲେ। ତେବେ ପର୍ଯ୍ୟାୟକ୍ରମରେ ସମୁଦାୟ ୧,୪୮ ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟରୁ ସାଇବର ଠକମାନେ ଲୁଟି ନେଇଛନ୍ତି। ଏନେଇ ବାରିପଦା ଟାଉନ ଥାନାରେ ଅଭିଯୋଗକ୍ରମେ ପୁଲିସ ତଦନ୍ତ ଜାରି ରଖିଛି।

# ମିଳିଲା ପ୍ରତିଶ୍ରୁତି, ଖୁବ୍ ଶୀଘ୍ର ହେବ ଜଳଯୋଗାଣ

ବାଲେଶ୍ୱର,୧୧।୬(ସମିସ)





ଜିଲ୍ଲା ପରିଷଦ ମାସିକ ବୈଠକ

ବାଲେଶ୍ୱର ସଦର ବ୍ଲକ ଅଧୀନ ରସଲପୁର ପଂଚାୟତର ୯ ଓ ୧୦ ନମ୍ବର ୱାର୍ଡର ବସୁଧା ଯୋଜନାରେ ପାଇପ ଜଳ ଯୋଗାଣ ପାଇଁ ଯୋଜନା ରହିଛି। ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଉକ୍ତ ସ୍ଥାନ ଚୟନ ପରେ ରିଗ ମେସିନ ଓ ପାଇପ ଆଦି ରଖା ଯାଇଥିଲା। ତେବେ ସଦର ବିଧାୟକ ନିଜ ଦଳୀୟ ସମର୍ଥକ ମାନଙ୍କ ଅନୁରୋଧକୁ ରକ୍ଷା କରିବାକୁ ଯାଇ ସେହି ୱାର୍ଡର ଅନ୍ୟ ସ୍ଥାନରେ ଖନନ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନ ନିରୂପଣକୁ ନେଇ ୱାର୍ଡର ଦୁଇଟି ଗୋଷ୍ଠୀ ମୁହାଁମୁହିଁ ହେବା ଫଳରେ ବିଭଗୀୟ ଯନ୍ତ୍ରୀ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଖନନ କାମ ସ୍ଥଗିତ ରଖିଛନ୍ତି। ତେବେ ଇତି ମଧ୍ୟରେ ପାଞ୍ଚ ମାସ ବିତି ଯାଇଥିଲେ ମଧ କାମ ଆରମ୍ଭ ହୋଇ ପାରିନାହିଁ। ତେବେ ପୂର୍ବରୁ ଦଶ ଡେସିମିଲ ସରକାରୀ ଜମିରେ ପ୍ରକଳ୍ପ କାମ କରା ନଯାଇ ଅନ୍ୟତ୍ର ସ୍ଥାନରେ ଥିବା ଚାରି ଡେସିମିଲ ଜମିରେ ପ୍ରକଳ୍ପ କାମ ଆରମ୍ଭ କରିବାକୁ ଗୋଟିଏ ଗୋଷ୍ଠୀ ରାଜି ହୋଇ ଲିଖିତ ଭାବେ ବିଭାଗୀୟ ନିର୍ବାହୀ ଯନ୍ତ୍ରିଙ୍କୁ ଅବଗତ କରାଇଛନ୍ତି। ଫଳରେ ଆଜି ଜିଲ୍ଲା ପରିଷଦର ସମୀକ୍ଷା ବୈଠକରେ ରସଲପୁର ପଞ୍ଚାୟତର ଏହି ଦୁଇଟି ୱାର୍ଡରେ ପ୍ରକଳ୍ପର କଚ୍ଛପ ଗତି ଉପରେ ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟ ପ୍ରଶ୍ନ ଉଠାଇଥିଲେ। ବୈଠକରେ ଉପସ୍ଥିତ ବିଭାଗୀୟ ଯନ୍ତ୍ରୀ ବିଧାୟକଙ୍କ ସୁପାରିଶ ମୁତାବକ ପ୍ରକଳ୍ପ କାମ ଏକ ସପ୍ତାହ ମଧ୍ୟରେ ଆରମ୍ଭ କରାଯିବ ଓ କାମ ଆରମ୍ଭ ପୂର୍ବରୁ ଯନ୍ତ୍ରୀ ଉକ୍ତ ସ୍ଥାନ ପରିଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ଗ୍ରାମବାସୀ ଆଗାମୀ ତିରିଶ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେବାକୁ ଥିବା ଧାରଣାକୁ ପ୍ରତ୍ୟାହାର କରିନେଇ ଥିବା କହିଛନ୍ତି।

# ରାଜ୍ୟ ନିର୍ବାଚନ କମିଶନଙ୍କୁ ସିପିଏମ୍‌ର ଦାବିପତ୍ର



ନୀଳଗିରି,୧୧।୬(ସମିସ): ନୀଳଗିରି ଏନଏସିରେ ଗତ ସେପ୍ଟେମ୍ବର ୨୦୨୪ ରେ ଚେୟାରମ୍ୟାନ ଆସ୍ଥା ଭୋଟରେ ହାରିବା ପରେ ବର୍ତ୍ତମାନ ଏନଏସିରେ ଚେୟାରମ୍ୟାନ ପଦ ଫାଙ୍କା ପଡିଛି। ଫଳରେ ଏନଏସି ର କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇ ପାରୁ ନାହିଁ । ନିର୍ବାଚନ ଆଇନ୍ ଅନୁସାରେ ଯେଉଁ ଠାରେ ଲୋକ ପ୍ରତିନିଧି ଆସ୍ଥା ଭୋଟ ରେ ହାରିବା କିମ୍ବା ମୃତ୍ୟୁବରଣରେ ପଦ ଫାଙ୍କା ହେବ, ସେଠାରେ ୬ ମାସ ଭିତରେ ନିର୍ବାଚନ ହେବା ପାଇଁ ନିର୍ବାଚନ କମିଶନର ପଦକ୍ଷେପ ନେବା କଥା। କିନ୍ତୁ ନୀଳଗିରି ଏନଏସି କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେଇଛି। ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ନିର୍ବାଚନ ନ କରି ନୀଳଗିରି ଲୋକଙ୍କୁ ଭୁତେଇ ବାକୁ ଚାହୁଁଛି। ଏହାକୁ ପ୍ରତିବାଦ କରି ନୀଳଗିରି ଏନଏସିରେ ଯଥା ଶୀଘ୍ର ନିର୍ବାଚନ କରିବା ପାଇଁ ସିପିଆଇ (ଏମ) ନୀଳଗିରି ଆଞ୍ଚଳିକ କମିଟି ତରଫରୁ ଦଳର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଦାବିପତ୍ର ଦିଆଯାଇଛି। ଏହାର ଏକ କିତା ନକଲ ଉପଜିଲ୍ଲାପାଳ ନୀଳଗିରିଙ୍କୁ ଦିଆଯାଇଛି। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ ରଂଜନ ସେନାପତିଙ୍କୁ ଦାବିପତ୍ର ଦିଆଯାଇଛି। ଏହି ସମୟରେ ଜ୍ୟୋତିର୍ମୟ ରାଉତ, ଗଙ୍ଗାଧର ମହାନ୍ତି, ହେମେନ୍ଦ୍ର ସେଠୀ, ଶୁଭ୍ର ଶାନ୍ତନୁ ନାୟକ ପ୍ରମୁଖ ସାଥୀ ଉପସ୍ଥିତ ଥିଲେ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ଜଳେଶ୍ୱର ବ୍ଲକ, ୧୧।୬ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଓଏଲଏମ ଓ ମିଶନ ଶକ୍ତି ପକ୍ଷରୁ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ପରିଚାଳନା ଏବଂ ବ୍ଲକ ଜୀବିକା ମିଶନ ପ୍ରକଳ୍ପ ମ୍ୟାନେଜର ନିରଞ୍ଜନ ନାୟକ ଓ ମିଶନ ଶକ୍ତି ବ୍ଲକ ସଂଯୋଜକ ସନ୍ତୋଷ କୁମାର ପାତ୍ରଙ୍କ ମିଳିତ ତତ୍ୱାବଧାନରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ପ୍ରତିଯୋଗିତାରେ ଆରୁହା ଗ୍ରାମ ପଞ୍ଚାୟତସ୍ଥିତ ଆରୁହା ଗ୍ରାମର ମା ପାର୍ବତୀ ଏସଏଚଜି, ନିମପୁର ଗ୍ରାମର ମା ମନସା ଏସଏଚଜି, ବାବା ଚନ୍ଦନେଶ୍ୱର ଏସଏଚଜି, ଶୁଭଶ୍ରୀ ଏସଏଚଜି, ଚକବାବନ ଗ୍ରାମରର ଭାଗବତ ଏସଏଚଜି, ରାଜପୁର ଗ୍ରାମ ପଞ୍ଚାୟତର ମା' ଅମ୍ବିକା ଏସଏଚଜି, ଲକ୍ଷ୍ମୀ ପ୍ରତିମା ଏସଏଚଜି, ନାମ୍ପୋ ପଞ୍ଚାୟତର ମା ଦୁର୍ଗା ଏସଏଚଜି, ଡିପିପୁର ପଞ୍ଚାୟତର ଶିବଶକ୍ତି ଏସଏଚଜି ଓ ଜଳେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳର ୱାଡର୍ ନମ୍ବର ୮ ପଞ୍ଚୁଘଣ୍ଟା ଗ୍ରାମର ମା ଲକ୍ଷ୍ମୀ ଏସଏଚଜି, ୱାଡର୍ ନମ୍ବର ୧୦ ଶାନ୍ତିଆ ଗ୍ରାମର ମା ଚଣ୍ଡିମାତା ଏସଏଚଜି ଆଦି ୧୧ ଟି ଏସଏଚଜି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ବିଡିଓ ଗୌରାଙ୍ଗ ଚରଣ ଘୋଷ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଗୋଷ୍ଠୀ ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ପତି, ଭାରପ୍ରାପ୍ତ ସିଡିପିଓ ପାର୍ବତୀ ହେମ୍ବ୍ରମ, ଜଳେଶ୍ୱର ଡିଗ୍ରୀ ମହିଳା ମହାବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ସୁସ୍ମିତା ବେହେରା, ବ୍ଲକ ସେକ୍ସନ ଅଫିସର ମନ୍ଦାକିନୀ ସିଂ ରହି ଏସଏଚଜି ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଖାଦ୍ୟର ମାନ ପରୀକ୍ଷା କରି ସେଥିରୁ ପ୍ରଥମ ଓ ଦ୍ୱିତୀୟ ଚୟନ କରିଥିଲେ। ଏସଏଚଜି ମାନେ ପାରମ୍ପରିକ ପିଠା ଓ ମିଠା ମଧ୍ୟରେ ପୋଡ଼ା ପିଠା, ଏଣ୍ଡୁରି ପିଠା, ମଣ୍ଡା ପିଠା, ରସାବଳି, ଛେନା ଝିଲି, ଛେନା ପୋଡ଼ ସହିତ ପାରମ୍ପରିକ ଜଳଖିଆ ମଧ୍ୟରେ ବରା, ଚାଟ, ଠୁଙ୍କାପୁରୀ, ଚୂଡ଼ାଘସା, ଦହିବରା ଆଳୁଦମ ଓ ଉପମା ଆଦି ସୁଆଦିଆ ଖାଦ୍ୟ ତିଆରି କରି ପରିବେଷଣ କରିଥିଲେ। ଉକ୍ତ ଏସଏଚଜି ମଧ୍ୟରୁ ୮ ନମ୍ବର ୱାଡର୍ ପଞ୍ଚୁଘଣ୍ଟାର ମା ଲକ୍ଷ୍ମୀ ଏସଏଚଜି ପ୍ରଥମ ସ୍ଥାନ ଅଧିକାର ଗ୍ରହଣ କରି ୫ ହଜାର ଟଙ୍କା ଅର୍ଥ ଆକାରରେ ପାଇବା ପାଇଁ ଯୋଗ୍ୟ ହୋଇଥିବା ବେଳେ ଆରୁହା ଗ୍ରାମ ପଞ୍ଚାୟତର ନିମପୁର ଗ୍ରାମର ଶୁଭଶ୍ରୀ ଏସଏଚଜି ଦ୍ୱିତୀୟ ସ୍ଥାନ ଅଧିକାର କରି ୪ ହଜାର ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି।ସମସ୍ତ ପ୍ରତିଯୋଗୀଙ୍କୁ ଅତିଥି ମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ଯୁବକଙ୍କ ମୃତଦେହ ଉଦ୍ଧାର

କପ୍ତିପଦା,୧୧।୬(ସମିସ): ଉପିସାହି ସାପ୍ତାହିକ ହାଟ ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଘଟଣାରୁ ପ୍ରକାଶଯେ, ଢୋଲଗଣ୍ଡି ଗ୍ରାମର ମାଣିକ ସିଂ ଗତକାଲି ଉପିସାହି ସାପ୍ତାହିକ ହାଟକୁ ଯାଇଥିଲେ। ହେଲେ ରାତିରେ ଘରକୁ ଫେରି ନ ଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ହାଟ ନିକଟରେ ମୃତଦେହ ପଡ଼ିଥିବା ଦେଖି ତାଙ୍କ ପରିବାରଙ୍କୁ ଖବର ଦେଇଥିଲେ। ପରେ ପରିବାର ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ହେଲେ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ ପଛ ପାଖରୁ ହାଣି ହତ୍ୟା କରିଥିବା ଜଣାପଡିଛି। ତେବେ କିଏ ଏବଂ କଣ ପାଇଁ ତାଙ୍କୁ ହତ୍ୟା କଲା ତାହା ଜଣାପଡିନାହିଁ। ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ କୌଣସି ପୂର୍ବ ଶତ୍ରୁତା ନ ଥିବା କହିଛନ୍ତି ମୃତକଙ୍କ ଝିଅ। ପୁଲିସ ଘଟଣାର ଖୋଳତାଡ କରୁଛି।

# ୧୮ ରେ ସବୁ ବ୍ଲକ୍ ଓ ପୌରାଞ୍ଚଳରେ ଟେବୁଲ ଟପ୍ ଏକ୍ସରସାଇଜ୍

ବାରିପଦା, ୧୧।୬(ସମିସ): ବୁଧବାର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ଏହି ବୈଠକରେ ଡିପିଓ ଜଗବନ୍ଧୁ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଜରୁରୀ କାଳୀନ ପରିଚାଳନା ଅଧିକାରୀ ଶ୍ରଦ୍ଧା ସୁମନ ଆସନ୍ତା ୧୮ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକ, ବିଜ୍ଞାପିତ ଅଞ୍ଚଳ ଓ ପୌରପରିଷଦରେ ହେବାକୁ ଥିବା ଟେବୁଲ ଟପ୍ ଏକ୍ସରସାଇଜ ଓ ୧୯ ତାରିଖରେ ଜିଲ୍ଲାରେ ଥିବା ୧୦ଟି ବହୁମୁଖି ବନ୍ୟା ଆଶ୍ରୟସ୍ଥଳୀରେ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ଏଥିସହିତ ବ୍ଲକ, ଗ୍ରାମପଞ୍ଚାୟତ, ସ୍ୱେଚ୍ଛାସେବୀ ସଂଗଠନ ଓ ଲୋକ ପ୍ରତିନିଧିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ୧୮ ତାରିଖ ପୂର୍ବରୁ ଅଗ୍ନିଶମ ବିଭାଗ ବନ୍ୟା ଆଶ୍ରୟସ୍ଥଳୀରେ ଥିବା ଉପକରଣର ଉପଯୁକ୍ତ ପରୀକ୍ଷା କରି ତା'ର ରିପୋର୍ଟ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ଏତଦବ୍ୟତୀତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ସରକାରଙ୍କ ଏସଓପି ଅନୁସାରେ କରିବାକୁ କହିଥିଲେ। ସାମାଜିକ କର୍ମୀ ବିବେକାନନ୍ଦ ପଟ୍ଟନାୟକ ବନ୍ୟା ଆଶ୍ରୟସ୍ଥଳୀଗୁଡିକୁ ସମୟପୋଯୋଗୀ କରାଯିବା ସହିତ ସୁରକ୍ଷା ଓ ନିୟମିତ ଯାଞ୍ଚ ସହିତ ସୌରଶକ୍ତି ସୁବିଧା ଉପଲବ୍ଧ କରିବାକୁ ଅନୁରୋଧ କରିଥିଲେ। ଏଥିସହିତ ବିପର୍ଯ୍ୟୟ ପରିଚାଳନା କିଭଳି ଭଲ ଭାବରେ ହୋଇପାରିବ ସେ ନେଇ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ ଏହା କିଭଳି ସୁସଂଗଠିତ, ଗୁଣାତ୍ମକ ହୋଇପାରିବ ଏବଂ କିଭଳି ବ୍ୟାପକ ସଚେତନତା ସୃଷ୍ଟି କରାଯାଇପାରିବ ତାହା ଅବଗତ କରାଇଥିଲେ।



# ମାଛ ଯାଆଁଳ ଉତ୍ପାଦନରେ ମୟୂରଭଞ୍ଜ ରାଜ୍ୟରେ ପ୍ରଥମ

ବାରିପଦା, ୧୧।୬(ସମିସ): ମାଛ ଯାଆଁଳ ଉତ୍ପାଦନରେ ମୟୂରଭଞ୍ଜ ଜିଲ୍ଲା ରାଜ୍ୟରେ ସବୁଠୁ ଆଗରେ ରହିଛି। ତେବେ ଏହି ଜିଲ୍ଲାରେ ସମୁଦ୍ର ନ ଥିବାରୁ ମଧୁର ଜଳ ମାଛର ଅଧିକ ଚାହିଦା ରହିଛି। ଜିଲ୍ଲା ମତ୍ସ୍ୟବିଭାଗ ଆନୁକୂଲ୍ୟରେ ଗୋଟିଏ ସରକାରୀ ଓ ୧୨ଟି ଘରୋଇ ମାଛ ଯାଆଁଳ କେନ୍ଦ୍ରରୁ ବର୍ଷକୁ ୨୪.୨୫୫ ଲକ୍ଷ ଅଣ୍ଡା ଉତ୍ପାଦନ କରାଯାଇ ନୂତନ କୀର୍ତ୍ତିମାନ ସ୍ଥାପନ ହୋଇଛି। ସମଗ୍ର ରାଜ୍ୟରେ ୨୭୮.୭୩ କୋଟି ଯାଆଁଳ ଉତ୍ପାଦନ ହେଉଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ଉତ୍ପାଦନ ଯାଆଁଳ ୩୦ଜିଲ୍ଲା ମଧ୍ୟରୁ ସର୍ବାଧିକ ରହିଛି। ଏହି ଉନ୍ନତ କିସମର ଯାଆଁଳ ଜିଲ୍ଲାର ଆବଶ୍ୟକତାକୁ ପୂରଣ କରିବା ସହିତ ପଡୋଶୀ ଜିଲ୍ଲା ତଥା ପଶ୍ଚିମବଙ୍ଗ ଓ ଝାଡଖଣ୍ଡକୁ ରପ୍ତାନୀ ହେଉଛି। ମତ୍ସ୍ୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ମୁଖ୍ୟତଃ ବଡସାହି, ବେତନଟୀ, ଉଦଳା, କପ୍ତିପଦା, ଖୁଣ୍ଟା, ଗୋପବନ୍ଧୁନଗର, ସାରସକଣା ଓ ରାସଗୋବିନ୍ଦପୁର ବ୍ଲକରେ ସଫଳତାର ସିଡି ଚଢିଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୪୩୫୩୦ ମେଟ୍ରିକ ଟନର ମତ୍ସ୍ୟ ଉତ୍ପାଦନ ହୋଇଛି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ ୨୭.୪୦ ହେକ୍ଟର ନୂତନ ପୋଖରୀ ଖୋଳାଯାଇ ୭୭ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ସେହିପରି ୯୭.୫୯୬ ହେକ୍ଟର ଜଳଆୟତନ ପୋଖରୀରେ ୨୦୦ ଜଣ ମତ୍ସ୍ୟଚାଷୀ, ୪୪୯.୭୪ ହେକ୍ଟର ପଞ୍ଚାୟତ ପୋଖରୀରେ ମାଛଚାଷ ନିମନ୍ତେ ୬୧୩ଟି ମହିଳା ସଙ୍ଗ ସହାୟକ ଗୋଷ୍ଠୀ, ୨୬୪.୯୮ ଏକର ଜଳଆୟତନ ପାଇଁ ୧୩୩ ଜଣ ଯାଆଁଳ ଉତ୍ପାଦନକାରୀ, ୨୨.୩୪ ହେକ୍ଟର ଜଳଆୟତନ ପାଇଁ ୫୪୦ ଜଣ କ୍ଷେତ ପୋଖରୀ ମତ୍ସ୍ୟଚାଷୀ ଇନପୁଟ ସହାୟତା ପାଇଛନ୍ତି। ପୁଣି ୪୩୨ଟି ଜୈବପୁଞ୍ଜ କୁଣ୍ଡ ନିର୍ମାଣ କରି ୭୮ ଜଣ ମତ୍ସ୍ୟଚାଷୀ ସ୍ୱାବଲମ୍ବୀ ହୋଇଛନ୍ତି। ଏଥିସହିତ ୧୦୨ ଜଣ ମତ୍ସ୍ୟଚାଷୀ ମତ୍ସ୍ୟ ଯନ୍ତ୍ରପାତି କିଣି ୧୪୯ଟି ମହିଳା ସଙ୍ଗ ସହାୟକ ଗୋଷ୍ଠୀ ଅବର୍ତ୍ତି ପୁଞ୍ଜି ପାଇଛନ୍ତି ଏବଂ ୪୦ ଜଣ ମେଧାବୀ ପିଲା ଛାତ୍ରବୃତ୍ତି ପାଇ ଲାଭବାନ ହୋଇଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ଅନ୍ତର୍ଗତ ୫.୨୫ ହେକ୍ଟର ନୂତନ ପୋଖରୀ ଖୋଳି, ଗୋଟିଏ ମଧ୍ୟମ ଜୈବପୁଞ୍ଜ ମତ୍ସ୍ୟ କୁଣ୍ଡ ନିର୍ମାଣ କରି, ଗୋଟିଏ ହ୍ୟାଚେରୀ ନିର୍ମାଣ କରି ଏବଂ ଗୋଟିଏ ମାଛ ରୋଗ ଚିହ୍ନଟ ପରୀକ୍ଷଣ କେନ୍ଦ୍ର ନିର୍ମାଣ କରି ସର୍ବମୋଟ ୧୬ ଜଣ ହିତାଧିକାରୀ ଲାଭବାନ ହୋଇଛନ୍ତି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ଓଆଇଆଇପିସିଆରଏ ଯୋଜନାରେ ୩୯.୧୦ ହେକ୍ଟର କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ମାଛଚାଷ, ୧୩ ହେକ୍ଟର ଜଳାୟତନରେ ମିଶ୍ରିତ ମାଛଚାଷ, ୧.୨୦ ହେକ୍ଟର ଜଳାୟତନରେ ମଧୁର ଜଳ ଚିଙ୍ଗୁଡି ଯାଆଁଳ ଉତ୍ପାଦନ, ୧୦୦ଟି ଜୈବପୁଞ୍ଜ କୁଣ୍ଡ ନିର୍ମାଣ, ୧୬ଟି କ୍ଷୁଦ୍ର ମାଛ ଖାଦ୍ୟ ମିଶ୍ରଣ କାରଖାନା ନିର୍ମାଣ, ୨୦ଟି ମାଛଟଣା ଜାଲ ନିମନ୍ତେ, ୧୩୦ଟି ଜଳ ପରୀକ୍ଷଣ କିଟ ନିମନ୍ତେ, ୮ଟି ମାଛ ବ୍ୟାବସାୟିକ ଯାନ ନିମନ୍ତେ, ଗୋଟିଏ ମହୁରାଳି ହ୍ୟାଚେରୀ ସମ୍ପ୍ରସାରଣ ନିମନ୍ତେ ତଥା ଏକ ହେକ୍ଟର ଧାନ ଚାଷ ଜମିରେ ମିଶ୍ରିତ ମାଛ ଚାଷ ନିମନ୍ତେ ସର୍ବମୋଟ ୨୯୦ ଜଣ ହିତାଧିକାରୀ ଲାଭବାନ ହୋଇଛନ୍ତି। ଆଗାମୀ ଦିନରେ ଲୋକଙ୍କୁ ମତ୍ସ୍ୟ ଚାଷ ପ୍ରତି ଆଗ୍ରହ ବଢାଇବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ଜିଲ୍ଲାପାଳ ହେମକାନ୍ତ ସଏ ସୂଚନା ଦେଇଛନ୍ତି।

ଦୁର୍ଘଟଣାରେ ଗୁରୁତର ପୁଅ ଶଯ୍ୟାଶାୟୀ

# ଚିକିତ୍ସା ସହାୟତା ପାଇଁ ବାରଦୁଆର ମା'

ବାଲେଶ୍ୱର,୧୧।୬ (ସମିସ)



ବାଲେଶ୍ୱର ସହରର ଗୋପାଳ ଗାଁର ସ୍ୱର୍ଣ୍ଣରେଖାଙ୍କ ପରିବାରରେ ପଡ଼ିଛି ଦୁଃଖର ପାହାଡ଼। ପୁଅକୁ ଭଲ କରିବା ପାଇଁ ବାରଦୁଆର ହେଉଛି ମା'। ୨୦୨୩ ମସିହାରେ ସ୍ୱର୍ଣ୍ଣରେଖା କ୍ୟାନସର ପୀଡିତ ସ୍ୱାମୀଙ୍କୁ ହରାଇଥିବା ବେଳେ ୨୦୨୪ମସିହା ଜୁଲାଇ ୧୮ ତାରିଖରେ ତାଙ୍କର ଏକମାତ୍ର ପୁଅ ଦୁର୍ଘଟଣାର ଶିକାର ହୋଇ ବର୍ତ୍ତମାନ ଶଯ୍ୟାଶାୟୀ। ଗୋଟିଏ ପଟେ ପୁଅକୁ ଭଲ କରିବାର ଚିନ୍ତା ରହିଥିବା ବେଳେ ଅନ୍ୟପଟେ ଅର୍ଥର ଅଭାବ। ସ୍ୱାମୀଙ୍କୁ ଯେତେବେଳେ କ୍ୟାସନର ରୋଗ ହୋଇଥିଲା ସେତେବେଳେ ତାଙ୍କର ଚିକିତ୍ସା ପାଇଁ ପ୍ରାୟ ୩୦ଲକ୍ଷ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇ ସଂସାର ସଜାଡୁ ଥିଲେ ସ୍ୱର୍ଣ୍ଣରେଖା। କିନ୍ତୁ ବିଧିର ବିଧାନ ଥିଲା ଅଲଗା ସ୍ୱାମୀଙ୍କୁ ହରାଇବାର ବର୍ଷକ ପରେ ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ପାଠ ପଢୁଥିବା ପୁତ୍ର ହିମାଂଶୁ ଟିଉସନରୁ ଫେରୁଥିବା ବେଳେ ସ୍ଥାନୀୟ ବାଲେଶ୍ୱର ଆଇନ ମହା ବିଦ୍ୟାଳୟ ନିକଟରେ ସ୍କୁଟିକୁ ଧକ୍କା ଦେଇଥିଲା ପିକଅପ ଗାଡି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଥମେ ଚିକିତ୍ସିତ ହୋଇ କଟକର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତର ହୋଇଥିଲେ ହିମାଂଶୁ। ପ୍ରାୟ୧୦ଲକ୍ଷ ଟଙ୍କା ଖର୍ଚ୍ଚରେ ଦୀର୍ଘ ଦିନର ଚିକିତ୍ସା ପରେ ଘରକୁ ଫେରିଥିଲେ ମାତ୍ର ଏବେ ବି ସେ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ତାଙ୍କର ଏବେ ବି ଚିକିତ୍ସା ଚାଲିଛି। ସମ୍ପର୍ଣ୍ଣ ସୁସ୍ଥ ହେବାକୁ ଆହୁରି ଅନେକ ଦିନ ଲାଗିବ। ଏବେ ବାପଘର ଲୋକ ହିଁ ଏକମାତ୍ର ସାହା ଭରସା ହୋଇଛନ୍ତି ବୋଲି କହିଛନ୍ତି। ଅନ୍ୟପଟେ ନିଜେ ସ୍ୱର୍ଣ୍ଣରେଖା ସ୍ଥାନୀୟ ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାମ କରିବା ସହ କିଛି ପିଲାଙ୍କୁ ଟିଉସନ ମଧ୍ୟ କରୁଛନ୍ତି। ସରକାରୀ ସହାୟତା ନାମରେ ବିଧବା ଭତ୍ତା ବାବଦକୁ ପାଉଛନ୍ତି ହଜାରେ ଟଙ୍କା। ହେଲେ ଏହି ଘଟଣାକୁ ଏକ ବର୍ଷ ହୋଇଯାଇଥିଲେ ସୁଦ୍ଧା ଶଯ୍ୟାଶାୟୀ ହୋଇପଡି ଥିବା ପୁଅର ଜୀବନ ବଂଚାଇବା ପାଇଁ ସ୍ୱର୍ଣ୍ଣରେଖା ଧାର ଉଧାର ସହ ଖର୍ଚ୍ଚ କରି ଚାଲିଛନ୍ତି ମାସକୁ ୪୦ରୁ ୫୦ହଜାର ଟଙ୍କା। ଏମିତି ସେ କେତେ ଦିନ ପୁଅର ଚିକିତ୍ସା କରିବେ ତାହା ତାଙ୍କ ପାଇଁ ଏବେ ବିରାଟ ପ୍ରଶ୍ନ ହୋଇ ଠିଆ ହୋଇଛି। ଅନ୍ୟପଟେ ପୁଅର ହୋସ ସତ କିନ୍ତୁ ଶରୀର ଡାହାଣ ପଟ ଅଂଶଟି ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡିଛି। ହାତ ଗୋଡ ସରୁ ହେବାକୁ ଲାଗିଥିବା ସେ ନିଜେ ମଧ୍ୟ ଉଠି ପାରୁ ନାହାନ୍ତି। ନାକରେ ଲାଗିଛି ଖାଦ୍ୟ ନଳୀ। ସେଥିରୁ ସେ ଯାହା ତରଳ ପଦାର୍ଥ ଖାଉଛନ୍ତି। ଅନ୍ୟପଟେ ଡାକ୍ତର ତାଙ୍କୁ ଶହେ ପ୍ରତିଶତ ଭଲ ହୋଇଯିବ ବୋଲି ଭରସା ଦେଇଥିବା ବେଳେ କିନ୍ତୁ ତାହା ଦୀର୍ଘ ଦିନ ଲାଗିବ। ତେବେ ପୁଅକୁ ଭଲ କରିବା ପାଇଁ ଯେତେ ଦିନ ଲାଗିଲେ ମଧ ସେ ଯେମିତି ବି ହଉ ଅର୍ଥ ଯୋଗାଡ କରି କରିବାକୁ ପ୍ରସ୍ତୁତ ରହିଛନ୍ତି ବୋଲି କହିଛନ୍ତି। ତାଙ୍କୁ କୌଣସି ସରକାରୀ ସହାୟତା ମିଳିନଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିବା ବେଳେ କୌଣସି ସହୃଦୟ ବ୍ୟକ୍ତି ଚାହିଁଲେ ତାଙ୍କୁ ସାହାଯ୍ୟ କରିପାରିବେ ବୋଲି ମଧ କହିଛନ୍ତି।

ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ମାମଲା ରୁଜୁକରି ହାତ ବାନ୍ଧି ବସିଛି ପୁଲିସ୍

ଆନନ୍ଦପୁର, ୧୧।୬ (ସମିସ): ବଞ୍ଚା ଚୋରି ଘଟଣାକୁ ୧୫ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଲୁଟେରାଙ୍କୁ ଠାବ କରି ପାରି ନାହିଁ। ପୁଣି ଗତ ମଙ୍ଗଳବାର ରାତିରେ ଚୋରାଗୁଡ଼ିଆଗ୍ରାମର ଶିକ୍ଷକ ଦାମୋଦର ବେହେରାଙ୍କ ଘରେ ପଶି ଦୁର୍ବୃତ୍ତମାନେ ସର୍ବସ୍ୱ ଲୁଟିନେଇଛନ୍ତି। ଲଗାତାର ଚୋରି ପୁଲିସ ପାଇଁ ଚାଲେଞ୍ଜ ହୋଇଥିବା ବେଳେ ପୁଲିସ ଉପରୁ ଆସ୍ଥା ତୁଟି ଯାଇଛି। ସମଗ୍ର ଆନନ୍ଦପୁର ଉପଖଣ୍ଡରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେବଳ ମାମଲା ରୁଜୁକରି ଚୁପ୍ ବସୁଥିବାବେଳେ ସେମାନଙ୍କୁ ଧରିବାକୁ ସାମାନ୍ୟତମ ଉଦ୍ୟମ ମଧ୍ୟ କରୁନଥିବା ଅଭିଯୋଗ ହୋଇଛି। ଗତ ୨୭ତାରିଖ ରାତିରେ ରାମଚନ୍ଦ୍ରପୁର ଥାନା ଅଳତି ଗ୍ରାମରେ ସିରିଜ୍ ଚୋରି ହୋଇଥିଲା। ଘରେ ପଶି ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଓ ଟଙ୍କା ନେଇ ପଳାଇଥିଲେ। ସେହି ରାତିରେ ଚୋରମାନେ ହାଟଡିହି ବ୍ଲକ ନନ୍ଦିପଦା ଥାନା ନାହାଳିଆ ଗ୍ରାମର ବିଶ୍ୱନାଥ ନାୟକଙ୍କ ଘରର ଗ୍ରୀଲ ଭାଙ୍ଗି ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଓ ଟଙ୍କା ଲୁଟି ନେଇଥିଲେ। ୨୯ତାରିଖ ମଧ୍ୟାହ୍ନରେ ଶାଳନିଆଁ ବଜାରରେ ଭଦ୍ରକ ଶାନ୍ତି ଫାର୍ମାସ୍ୟୁଟିକାଲର କର୍ମଚାରୀ ସୁବାସ ବେହୁରିଆଙ୍କ ବାଇକ୍ ଡିକି ଭାଙ୍ଗି ଲୁଟେରାମାନେ ୪୦ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ଥାନାରେ କେବଳ ମାମଲା ରୁଜୁ ହୋଇଛି। ରାମଚନ୍ଦ୍ରପୁର ଥାନା ଜନାର୍ଦ୍ଦନପୁର ପାଟଣା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ୧୭ଟି ଛେଳିକୁ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଆନନ୍ଦପୁର ଥାନା ବଞ୍ଚା ଗ୍ରାମର ମାର୍କେଣ୍ଡ ଓଝାଙ୍କ ଘରେ ଚୋରମାନେ ପଶି ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି ହୋଇଛି। ସେହିପରି କିଛିଦିନ ତଳେ ଛେଳମାପଡ଼ାରେ ଅଧ୍ୟାପିକାଙ୍କ ଘରୁ ଲୁଟ୍, କୁଣ୍ଡିସାହି ଗ୍ରାମରୁ ଲୁଟ୍, ଛେଳମାପଡ଼ା ଛକରେ ବିପିନ୍ ସାଙ୍କଘରୁ ଲୁଟ୍, ହାଟଡିହିର ଯତୀନ୍ଦ୍ରଙ୍କଘରୁ ଲୁଟ୍ ଘଟଣାରେ ପୁଲିସ୍ କେବଳ ମାମଲା ରୁଜୁ କରିଛି। ଗତ ମାର୍ଚ୍ଚ ୪ତାରିଖ ରାତି ଗୋଟାଏବେଳେ ଶାଳପଦା ଆନନ୍ଦପୁର ଆରଏମସି କାର୍ଯ୍ୟାଳୟ ପରିସରରେ ଥିବା ଅନନ୍ତଗୋପାଳ ଡିଷ୍ଟ୍ରିବ୍ୟୁଟର ଗୋଦାମରୁ ୧୦ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ମଧ୍ୟ ପୁଲିସ୍ କୌଣସି ତଦନ୍ତ ପ୍ରକାଶ ନଥିବା ଅଭିଯୋଗ ହୋଇଛି। ଚୋରିର ଦୃଶ୍ୟ ସିସିଟିଭିରେ କଏଦ୍ ରହିଥିଲେ ମଧ୍ୟ ପୁଲିସ୍ କେବଳ ମାମଲା ରୁଜୁକରି ଆଉକୁ ଆଗେଇ ପାରିନାହିଁ। ଆନନ୍ଦପୁର ଉପଖଣ୍ଡରେ ପୁଲିସ ପ୍ରଶାସନ ଦିନକୁଦିନ ଦୁର୍ବଳ ହୋଇପଡୁଥିବାରୁ ସାଧାରଣ ଲୋକମାନଙ୍କ ଧନଜୀବନ ବିପନ୍ନ ହୋଇପଡିଛି।

## ଜିଲ୍ଲାସ୍ତରୀୟ ସଂଘ ଶିକ୍ଷାବର୍ଗ ଉଦ୍‌ଯାପିତ



ଚମ୍ପୁଆ, ୧୧।୬(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲାସ୍ତରୀୟ ପ୍ରାଥମିକ ଶିକ୍ଷା ବର୍ଗ ଉଦଯାପିତ ହୋଇଯାଇଛି। ଶିବିରରେ କେନ୍ଦୁଝର ଜିଲ୍ଲାରୁ ୧୧୨ ଜଣ ଶିକ୍ଷାର୍ଥୀ, ୨୦ ଜଣ ଶିକ୍ଷକ, ୧୫ ଜଣ ପ୍ରବନ୍ଧକ ଉପସ୍ଥିତ ଥିଲେ। ଶାରୀରିକ ଶିକ୍ଷା, ବୌଦ୍ଧିକ ଶିକ୍ଷା, ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ, ଗଙ୍ଗ ଚର୍ଚ୍ଚା ଆଦି ବିଷୟରେ ଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲ୍ଲା ସଂଘ ଚାଳକ ଭାଗୀରଥି ପୃଷ୍ଟି, ଜିଲ୍ଲା କାର୍ଯ୍ୟବାହ ବିନୋଦ କୁମାର ମହାନ୍ତ, ଜିଲ୍ଲା ବୌଦ୍ଧିକ ପ୍ରମୁଖ ଅକ୍ଷୟ କୁମାର ଜେନା, ବିଭାଗ ସଂଘ ଚାଳକ ରତିକାନ୍ତ ବୈଦ୍ୟ, ବିଭାଗ ବୌଦ୍ଧିକ ପ୍ରମୁଖ ଖଗେଶ୍ୱର ମହାନ୍ତ, ଚମ୍ପୁଆ ଖଣ୍ଡ ଚାଳକ ଚତୁର୍ଭୁଜ ପ୍ରଧାନ, ମୁଖ୍ୟଶିକ୍ଷକ କାଳୀଚରଣ ମୁଣ୍ଡା, ସହ ଜିଲ୍ଲା କାର୍ଯ୍ୟବାହ ପ୍ରଦୀପ୍ତ ସାହୁ, ଜିଲ୍ଲା ପ୍ରଚାରକ ବୁଦ୍ଧିରାମ ସାହୁ, ସର୍ବ ବ୍ୟବସ୍ଥା ପ୍ରମୁଖ ଦୁଷ୍ମନ୍ତ କୁମାର ମହାନ୍ତ, ସହ ବ୍ୟବସ୍ଥା ପ୍ରମୁଖ ଧରଣୀଧର ଦାସ ତଥା ବିଭିନ୍ନ ବିଭାଗର ପ୍ରମୁଖ ଘନଶ୍ୟାମ ମହାନ୍ତ, ସନ୍ତୋଷ କୁମାର ସାହୁ, ପ୍ରଦୀପ ରାଜ, ରବୀନ୍ଦ୍ର କୁମାର ବେହେରା, ବରୁଣ ରାମ ତଥା ନଗର ସମସ୍ତ ସ୍ୱୟଂ ସେବକ ଉପସ୍ଥିତ ଥିଲେ।

## ପୁସ୍ତକ 'ପୀୟୁଷ ପୟୋଧି' ଉନ୍ମୋଚିତ

ଆନନ୍ଦପୁର, ୧୧।୬ (ସମିସ): ସାହିତ୍ୟିକ ତଥା ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ପୁସ୍ତକ ପୀୟୁଷ ପୟୋଧି ଉନ୍ମୋଚିତ ହୋଇଯାଇଛି। ପ୍ରତିଭା ପ୍ରଣାମ ମଞ୍ଚ ଆନନ୍ଦପୁର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ସହଯୋଗରେ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସାରସ୍ୱତ ଉତ୍ସବ ବୃଦ୍ଧ



ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ରାମଚନ୍ଦ୍ରପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କବି ଓ ପ୍ରାବନ୍ଧିକଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନାପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଗୋସ୍ୱାମୀ ଗୋଲାମ ଦେବତା, ମୁଖ୍ୟଅତିଥି କୁଳପତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଡ଼ ପ୍ରସନ୍ନ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଫେସର ଓଡିଆ ଭାଷା ଓ ସାହିତ୍ୟ ବିଭାଗ, ବାରିପଦା ଡ଼ କବିତା ବାରିକ, ରତ୍ନାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆସୁଛି ରଜ; ଫିକା ପଡ଼ିବ ମଉଜ !

# ୨ ବ୍ଲକ୍‌ରେ ୧୪ ହଜାର ଶ୍ରମିକ ପାଇନାହାନ୍ତି ମନରେଗା ପାଉଣା

ତୁରୁମୁଙ୍ଗା, ୧୧।୬(ସମିସ): ଗଣପର୍ବ ରଜ ଚଳିତ ବର୍ଷ ଶ୍ରମିକମାନେ କିପରିପାଳନ କରିବେ ସେନେଇ ସାହାରପଡ଼ା ଓ ପାଟଣା ବ୍ଲକ ଅଞ୍ଚଳରେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ମନରେଗା ଯୋଜନାରେ କାର୍ଯ୍ୟ କରିଥିବା ୧୪ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଚିନ୍ତାରେ ପଡ଼ିଛନ୍ତି। ଉଭୟ ବ୍ଲକ୍‌ରେ ଅଢେଇ ମାସ ଧରି କାର୍ଯ୍ୟ କରିଥିଲେ ମଧ୍ୟ ସେମାନେ ପାରିଶ୍ରମିକ ପାଇନାହାନ୍ତି। ମନେରଗା ଯୋଜନାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ କାର୍ଯ୍ୟ କରିବାର ୧୫ ଦିନ



ମଧ୍ୟରେ ଡିବିଟି ମାଧ୍ୟମରେ ଟଙ୍କା ପାଇବାର ବ୍ୟବସ୍ଥା ଥିବା ବେଳେ ଅଢେଇ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଶ୍ରମିକମାନେ ଟଙ୍କା ନପାଇ ରଜ ସରଞ୍ଜାମ କିଭଳି ଯୋଗାଡ଼ କରିବେ ଆଉ ଖରିଫ ଋତୁ ପାଇଁ ବିଲକୁ ଖତ କିଭଳି ବୋହିବେ ସେ ଚିନ୍ତା ଗ୍ରାସିଛି। ଆଉ ନୂଆ ଧାନ ବିହନ କିଭଳି କିଣି କିଭଳି ତଳି ପକାଇବେ ଶ୍ରମିକମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏନେଇ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ କହିଛନ୍ତି, ଆଲଟମେଣ୍ଟ ଆସି ନଥିବାରୁ ଏଭଳି ସ୍ଥିତି ଉପୁଜିଛି। ସିଡିଓ ଏବଂ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିବା ନେଇ କହିଥିବା ବେଳେ ଶ୍ରମିକମାନେ କିଭଳି ରଜ ପର୍ବ ପାଳନ କରିବେ ସେନେଇ ପ୍ରଶାସନ ଉଚିତ ଓ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ରୁଙ୍ଗଟା ପାଇଲା ଝୁମକା ପଥରିପୋଷି ଲୌହଖଣି

ଯୋଡ଼ା,୧୧।୬(ସମିସ): କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ଆଠଟି ଖଣିର ନିଲାମ ପ୍ରକ୍ରିୟା ଚାଲୁ ରହିଥିବା ବେଳେ ମଙ୍ଗଳବାର କେନ୍ଦୁଝର ଜିଲ୍ଲା ସୀମାନ୍ତ ସୁନ୍ଦରଗଡ଼ ଜିଲ୍ଲାର ଝୁମକା ପଥରିପୋଷି ୱେଷ୍ଟ ଲୌହଖଣିର ନିଲାମ ପ୍ରକ୍ରିୟା ସରିଯାଇଛି। ଏଥିରେ ପ୍ରଥମ ଡାକ ୧୦୧.୧ ପ୍ରତିଶତରୁ ଆରମ୍ଭ ହୋଇ ସର୍ବାଧିକ ୧୦୭.୧୦ରେ ଏହାକୁ ରୁଙ୍ଗଟା ସନ୍‌ସ ପ୍ରାଇଭେଟ ଲିମିଟେଡ଼ ପାଇବାରେ ସକ୍ଷମ ହୋଇଛି। ଏହି ନିଲାମ ପ୍ରକ୍ରିୟାରେ ୧୨ଟି ବୃହତ ଖଣି ସଂସ୍ଥା ଅଂଶଗ୍ରହଣ କରିଥିବା ବେଳେ ସମସ୍ତଙ୍କୁ ପଛରେ ପକାଇ ରୁଙ୍ଗଟା ଏହାକୁ ହାତେଇ ନେଇଛି। ଏହି ଖଣିଟି ୨୦୯.୧୬୬ ହେକ୍ଟର ପରିମିତ ଥିବାବେଳେ ଏଥିରେ ହାରାହାରି ୫୮.୮୬ ପ୍ରତିଶତ ଲୌହ ଅଂଶ ଥିବା ବେଳେ ପଥର ୯୨.୧୮ ନିୟୁତ ଟନ ପରିମାଣର ଥିବା ଜଣାପଡ଼ିଛି।

## ପତ୍ନୀ ଫେରାର୍; ସ୍ୱାମୀ ଥାନାର ଦ୍ୱାରସ୍ଥ

ରାମଚନ୍ଦ୍ରପୁର,୧୧।୬(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଳତି ପଞ୍ଚାୟତ ଅନ୍ତର୍ଗତ ପଦନପୁର ଗ୍ରାମରେ ନିଜ ସ୍ୱାମୀ ଏବଂ ଦୁଇ ଶିଶୁ କନ୍ୟାକୁ ଛାଡ଼ି ପତ୍ନୀ ସସ୍ମିତା ନାୟକ ଫେରାର୍ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସ୍ୱାମୀ ବଳଭଦ୍ର ନାୟକ (୪୨) ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବଳଭଦ୍ର ସୁଦୂର ଚେନ୍ନାଇରେ ରହୁଥିଲେ। ଦୁଇ ଦିନ ତଳେ ପତ୍ନୀ ସସ୍ମିତା କେଉଁଆଡେ ଚାଲି ଯାଇଛନ୍ତି। ବହୁ ଖୋଜାଖୋଜି ପରେ ବି ପତ୍ତା ନମିଳିବାରୁ ନିରାଶ ହୋଇ ରାମଚନ୍ଦ୍ରପୁର ଥାନାରେ ଏକ ମାମଲା ରୁଜୁ କରିଛନ୍ତି ସ୍ୱାମୀ ବଳଭଦ୍ର। ସ୍ଥାନିୟ ଖଲଣା ଗ୍ରାମରର ଦୁଇ ଜଣ ଯୁବକଙ୍କ ନାଁ ଉଲ୍ଲେଖ କରି ସେମାନଙ୍କ ସହ ପତ୍ନୀ ସସ୍ମିତା ସବୁବେଳେ ଫୋନରେ ବାର୍ତ୍ତାଳାପ କରୁଥିବା ମଧ୍ୟ ଉଲ୍ଲେଖ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



## ଶିଶୁଯତ୍ନ ସମ୍ବନ୍ଧୀୟ ତାଲିମ୍

ହାଟଡ଼ିହୀ,୧୧।୬(ସମିସ): ହାଟଡ଼ିହୀ ବ୍ଲକ ପରିସରରେ ସମନ୍ୱିତ ଶିଶୁବିକାଶ ବିଭାଗ ପକ୍ଷରୁ ଆଜି ପୂର୍ବାହ୍ନରେ ଆମ କୁନି ପିଲାଙ୍କ ଯତ୍ନ କିପରି ନିଆଯିବା ଆବଶ୍ୟକ ସେଥିଲାଗି ଦିନିକିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡ଼ିପିଓ ଉମାମଣୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ସୁପରଭାଇଜର ଜ୍ୟୋତ୍ସ୍ନାମୟୀ ଜେନା, ଶକୁନ୍ତଳା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ଜନ୍ମରୁ ୨ବର୍ଷ ଯାଏଁ ଶିଶୁଙ୍କ ଲାଳନ ପାଳନ କିପରି କରାଯିବ ଏବଂ ସେମାନଙ୍କୁ କେଉଁ କେଉଁ ପୋଷାକ ଖାଦ୍ୟ ଦେଇ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଧ୍ୟାନ ଦିଆଯିବ ସେନେଇ ବିସ୍ତୃତ ଆଲୋଚନା କରାଯିବା ସହ ଉପଯୁକ୍ତ ତାଲିମ୍ ଦିଆଯାଇଥିଲା।

# ଆନନ୍ଦପୁର ଡାକ୍ତରଖାନାରେ ବଢୁଛନ୍ତି ଝାଡ଼ାବାନ୍ତି ରୋଗୀ

ଆନନ୍ଦପୁର, ୧୧।୬ ସମିସ): ଆନନ୍ଦପୁର ଡାକ୍ତରଖାନାରେ ଗତ ଦୁଇଦିନ ମଧ୍ୟରେ ତରଳ ଝାଡ଼ା ଓ ବାନ୍ତି ରୋଗରେ ଜଣଙ୍କ ମୃତ୍ୟୁକୁ ନେଇ ଉଦବେଗ ପ୍ରକାଶ ପାଇଛି। ମୃତକ ହେଲେ ସୁଦର୍ଶନ ପାତ୍ର। ଯାଜପୁର ଜିଲ୍ଲା ତରାଇଲୋ ଗ୍ରାମରେ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇ ଜଣକର ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଏହି ସଂଖ୍ୟା ବଢୁଥିବା ମଧ୍ୟ ଜଣାପଡ଼ିଛି। ସନ୍ଧ୍ୟା ସୁଦ୍ଧା ୫୦ରୁ ଅଧିକ ରୋଗୀ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି। ତେବେ, ରୋଗୀ ସଂଖ୍ୟା ଡାକ୍ତରଖାନାରେ



### ୧୧ କଟକ ସ୍ଥାନାନ୍ତର

ବଢୁଥିବା ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ସ୍ଥିତି ଅଣାୟତ୍ତ ରହିଥିବା ଅନୁମାନ କରାଯାଉଛି। କାହ୍ନୁ ପାତ୍ର (୨୫), ବାବୁ ପାତ୍ର, ସସ୍ମିତା ପାତ୍ର, ଝରଣା ରାଉତ, ଲୋପାମୁଦ୍ରା ଜେିନ, ସୁମିତ୍ରା ସମାଲ, ସସ୍ମିତା ବେହେରା, ଅନ୍ନପୂର୍ଣ୍ଣା ରାଉତ ପ୍ରମୁଖ ରୋଗୀଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଗ୍ରାମରେ ଏକ ଲଗ୍ନଧରା ଭୋଜି ଖାଇ ଏପରି ଝାଡ଼ାବାନ୍ତି ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଆହୁରି ଝାଡ଼ାବାନ୍ତି ରୋଗୀ ଆସୁଥିବା ଦେଖିବାକୁ ମିଳିଛି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକରୀ ଧନେଶ୍ୱର ସେଠୀ ଓ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୋନା ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

## ସ୍ନାନ ମଣ୍ଡପରେ ତିନି ଠାକୁର



କରଞ୍ଜିଆ, ୧୧।୬(ସମିସ): ବୁଧବାର କରଞ୍ଜିଆରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ନାନ ମଣ୍ଡପରେ ଦର୍ଶନ ଦେଲେ ତିନି ଠାକୁର। ସନ୍ଧ୍ୟାରେ ଠାକୁରଙ୍କ ଗଜାନନ ବେଶ ଦେଖିବାକୁ ପ୍ରବଳ ଭିଡ ହୋଇଥିଲା। ସେବାୟତମାନେ ନୀତି ସମ୍ପାଦନ କରିଥିଲେ। ସକାଳେ ଶ୍ରୀଜୀଉଙ୍କୁ ସ୍ନାନମଣ୍ଡପରେ ବିଜେ କରି ନୀତିକାନ୍ତି ମଧ୍ୟରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ପଣ୍ଡିତ ସନ୍ତୋଷ ମିଶ୍ର, ସନ୍ଦୀପନି ମିଶ୍ର, ଗିରିଶ ତ୍ରିପାଠୀ, ବୁନୁ ତ୍ରିପାଠୀ, ରମେଶ ତ୍ରିପାଠୀ ଓ ସେବାୟତ ସୁରେଶ ବେହେରା ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। ନୀତିକାନ୍ତି ସରିବା ପରେ ଶ୍ରୀ ବିଗ୍ରହଙ୍କୁ ଅଣସର ଗୃହକୁ ପ୍ରବେଶ କରିବେ ବୋଲି ମନ୍ଦିରର ମୁଖ୍ୟ ପୂଜକ ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଥିଲେ।

## ମନ୍ଦିର ପ୍ରତିଷ୍ଠାରେ ଶିଳ୍ପୀଙ୍କ କଳା ପ୍ରଦର୍ଶନ

ଖୁଣ୍ଟି, ୧୧।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକୃଳି ଜଗନ୍ନାଥ ମନ୍ଦିର ପରିସରରେ ମହାଲକ୍ଷ୍ମୀଙ୍କ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଗତ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଶୁକୃଳିର ଶତାଧିକ ମହିଳା ଭକ୍ତମାନେ ନିକଟସ୍ଥ କଣ୍ଟାଖଇର ନଦୀରୁ ବିଶାଳ ଶୋଭାଯାତ୍ରାରେ ଘଟ ଉତ୍ତୋଳନ କରିଥିଲେ। ଘଟ ସଂସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଉପଲକ୍ଷେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଫଳରେ ଏକ ଭକ୍ତି ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ଦୁଇଦିନ ଧରି ଆନନ୍ଦ ବଜାରରେ ପ୍ରସାଦର ଅନ୍ନଛତ୍ର ପରସା ଯାଇଥିଲା। ସନ୍ଧ୍ୟା ଧୂପ ଲାଗି ହେବା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଶୁକୃଳି "କଳା ନିକେତନ'ର ନୃତ୍ୟ ଶିଳ୍ପୀ ଅନନ୍ୟା ନାୟକ, ଲରିସ୍ମିତା ମହାନ୍ତ, ନିହାରିକା ନାଏକ, ଉର୍ମିଳା ବାରିକ ପ୍ରମୁଖ ଓଡ଼ିଶୀ ଛାନ୍ଦ ଚମ୍ପୁ ତଥା ଶିବ



ତାଣ୍ଡବ, ଦୁର୍ଗା ତାଣ୍ଡବ, ଜଗନ୍ନାଥଙ୍କ ଭଜନ ଜଣାଣ ଛନ୍ଦେ ଛନ୍ଦେ ନୁପୂରର ଛମ୍ ଛମ୍ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ କୁମାର ଘଣା ଓ ସଭାପତି ଡ଼ଃ ଜୀବନ କୁମାର ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦେଶୀ ମଦ ଜବତ; ଜଣେ ମହିଳା ସମେତ ୫ ଗିରଫ

କରଞ୍ଜିଆ, ୧୧।୬(ସମିସ): କରଞ୍ଜିଆ ଅବକାରୀ ବିଭାଗ ତରଫରୁ ବୁଧବାର ବିଭିନ୍ନ ଅଞ୍ଚଳରେ ଚଢଉ କରାଯାଇ ବିପୁଳ ପରିମାଣର ଦେଶୀ ମହୁଲି ମଦ ଜବତ ହୋଇଛି। କରଞ୍ଜିଆରୁ ୧୫କିମି ଦୂର ଗିଦିବାସ ଗ୍ରାମରେ ଜଗମୋହନ ମୁଣ୍ଡାଙ୍କଠାରୁ ମଦ କାରବାର କରୁଥିବା ସମୟରେ ୨୦ଲିଟର, କୁଞ୍ଜିଆ ଗ୍ରାମର ସତୀଶ ନାୟକଠାରୁ ୧୮ ଲିଟର, ସାହାରପଡା ନିକଟ ଖଣ୍ଡେଇପଡ଼ା ଗ୍ରାମର ମୋହନ ସୋରେନଠାରୁ ୨୦ ଲିଟର, କରଞ୍ଜିଆ ନିଉଟି ସାହିର ପ୍ରତିମା ବେହେରାଠାରୁ ୨୦ ଲିଟର ମଦ ଜବତ ହୋଇଛି। ସେହିପରି ବାଟପଳସା ଗ୍ରାମର ବନ୍ଧ ଦେହୁରୀ ମଦ କାରବାର ଅଭିଯୋଗରେ ଗିରଫ ହୋଇଛି। ତା ନିକଟରୁ ୧୫ଲିଟର ଦେଶୀ ମଦ ଜବତ ହୋଇଛି। ସମସ୍ତ ଅଭିଯୁକ୍ତକୁ ଗିରଫ କରାଯାଇଛି।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ



ବଡସାହି,୧୧।୬(ସମିସ): କୃଷି ଓ କୃଷକଙ୍କ ମାନଦଣ୍ଡକୁ ସୁଦୃଢ କରିବା ପାଇଁ ଆରମ୍ଭ ହୋଇଛି ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ। ଏହି ଅଭିଯାନ ମାଧ୍ୟମରେ ରାଜ୍ୟର ଚାଷୀଙ୍କୁ ଉନ୍ନତ ମାନର ବୈଷୟିକ ଜ୍ଞାନକୌଶଳ ବିକାଶ ପାଇଁ ଗତ ୨୯ରୁ ଜୁନ୍ ୧୨ ଜୁନ ପର୍ଯ୍ୟନ୍ତ ଚାଲିବ କାର୍ଯ୍ୟକ୍ରମ। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକର ପ୍ରତାପପୁର, ପାଉଁଶିଆ ଓ ଗୁଡିଆଲବନ୍ଧ ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ରଙ୍ଗନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ଜଗନ୍ନାଥ ପାତ୍ର, ଡକ୍ଟର ଲମ୍ବୋଦର ବେହେରା, ରୂପକ ଜେନା, ଗୋବିନ୍ଦ ଧଳ, ପ୍ରତାପପୁର ସରପଞ୍ଚ ହରିଶଙ୍କର ବେହେରା, ପାଉଁଶିଆ ସରପଞ୍ଚ ସନାତନ ସିଂ, ସମିତି ସଭ୍ୟ ଶକୁନ୍ତଳା ସିଂ, ଗୁଡିଆଲବନ୍ଧ ସରପଞ୍ଚ ରୀନା ନାଏକ ପ୍ରମୁଖ ଯୋଗଦେଇ ଉନ୍ନତ ମାନର କୃଷି ଉତ୍ପାଦନ ବୃଦ୍ଧି ପାଇଁ ବୈଷୟିକ, ନୂତନ ପଦ୍ଧତିରେ ଋଷ ପ୍ରଣାଳୀ ନେଇ ପରାମର୍ଶ ଦେଇଥିଲେ। ସମସ୍ତ ବୈଜ୍ଞାନିକ ଓ ଅଧିକାରୀ କୃଷି ତଥା ଆନୁଷଙ୍ଗିକ ବିଷୟର ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭିନ୍ନ ଫସଲ ସମ୍ବର୍ଦ୍ଧିତ ରୋଗ ପୋକ ପରିଚାଳନା, ଅଦିନିଆ ପନିପରିବା ଚାଷ, ଉନ୍ନତ କିସମର ସୁରକ୍ଷିତ ଚାଷ, ଜୈବିକ ଚାଷ ମାସ ଓ ପଶୁପାଳନ ଇତ୍ୟାଦି ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।

## ଅମୁନି ହାତୀ ଉପଦ୍ରବ; ଭାଙ୍ଗିଲେ ଏକାଧିକ ଘର



ବେତନଟୀ,୧୧।୬(ସମିସ): ଦିନକୁଦିନ ବେତନଟୀ ରେଞ୍ଜରେ ହାତୀପଲଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ବେତନଟୀ ରେଞ୍ଜ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଗୋଟିକିଆ ହାତୀପଲ ବିଚରଣ କରୁଛନ୍ତି। ବେତନଟୀ ରେଞ୍ଜ ତଥା ଥାନା ଅଧୀନ ଭାଲିଆଡିହା ପଞ୍ଚାୟତର ଝିଲିବିଣି ଗ୍ରାମରେ ହାତୀ ପ୍ରବେଶ କରି ଚାଳଘର ଭାଙ୍ଗି ପକାଇଛନ୍ତି। ଅମଳକରି ଘରେ ଗଚ୍ଛିତକରି ରଖାଯାଇଥିବା ଧାନଚାଉଳ ଖାଇ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ବେଳେ ଘରର ଆସବାବପତ୍ର ମଧ୍ୟ ନଷ୍ଟ କରିଦେଇଛନ୍ତି। ସେହିପରି ହରିଣାଶୋଳ ଗ୍ରାମର ସୀତା ମୁର୍ମୁଙ୍କ ଘରକୁ ମଧ୍ୟ ହାତୀପଲ ଆକ୍ରମଣ କରି ଭାଙ୍ଗି ପକାଇଛନ୍ତି।

## ଗ୍ରୀଷ୍ମକାଳୀନ ଶିଶୁ ପ୍ରତିଭା ଶିବିର

ବାରିପଦା, ୧୧।୬(ସମିସ): ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ଶାଖା ଓ ଆଧାର ବାରିପଦାର ମିଳିତ ସହଯୋଗରେ ବାରିପଦାରେ ଆୟୋଜିତ ପଞ୍ଚଦିବସୀୟ ଗ୍ରୀଷ୍ମକାଳୀନ ଶିଶୁ ପ୍ରତିଭା ଶିବିରର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋମବାର ଚିତ୍ରାଙ୍କନ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏକତା ସଭାରେ ମୁଖ୍ୟଅତିଥି ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର



ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ ସ୍ୱେଚ୍ଛାସେବୀ ଓ ଅଭିଭାବକଙ୍କ ଶିଶୁର ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ରୋନାଲି ଦୁର୍ଗା, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଅଶୋକ ପୃଷ୍ଟି, ଆଧାରର ସମ୍ପାଦିକା ପ୍ରଣତି ଦାସ ଯୋଗଦେଇଥିଲେ। ଅଭିଷେକ ପାତ୍ର ସ୍ୱାଗତ ଭାଷଣ ଓ ହରିଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁରେଇଡିହରେ ଗୋଠଛଡା ଦନ୍ତାର ଉତ୍ପାତ

ବେତନଟୀ, ୧୧।୬(ସମିସ): ବେତନଟୀ ଥାନା ସୁରେଇଡ଼ିହି ଗ୍ରାମରେ ଏକ ଗୋଠଛଡା ପଶି ଦନ୍ତାହାତୀ ବ୍ୟାପକ କ୍ଷୟକ୍ଷତି କରିଛି। ଦନ୍ତାଟି ଜାମଶୂଳି ଜଙ୍ଗଲରୁ ବାହାରି ବୁଧବାର ସୁରେଇଡ଼ିହି ଗ୍ରାମର ଦୀପକ ମହାନ୍ତଙ୍କ ବାଡ଼ିରେ ପଶି ପାଚିଲା ପଣସ, ଆମ୍ବ ସମେତ ସପୁରୀ ଆଦି ଖାଇ ନଷ୍ଟ କରିଦେଇଛି। ସେହିପରି ଗ୍ରାମର ପ୍ରଦୀପ ମହାନ୍ତ, ବଳରାମ ମହାନ୍ତଙ୍କ ମଧ୍ୟ ବାଡିରେ ପଶି ବ୍ୟାପକ କ୍ଷତି ଘଟାଇଛି। ଗ୍ରାମବାସୀ ହୋହଲ୍ଲା କରିଥିଲେ ମଧ୍ୟ ସଫଳ ହୋଇନଥିଲେ। ଶେଷରେ ଗଜସାଥୀ ଏବଂ ଗ୍ରାମବାସୀ ଉଦ୍ୟମ କରିବାରୁ ହାତୀଟି ଜଙ୍ଗଲକୁ ପଳାଇଥିଲା।



## ଠାକୁରମୁଣ୍ଡା ସରପଞ୍ଚ ଉପନିର୍ବାଚନରେ ୬୯% ମତଦାନ

ମହୁଲଡିହା,୧୧।୬(ସମିସ): ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ପଦବୀ ପାଇଁ ହୋଇଥିବା ଉପନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ମତଦାନ ହାର ୬୯.୧୫% ହୋଇଥିବା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ଠାକୁରମୁଣ୍ଡା ଗ୍ରାମପଞ୍ଚାୟତରେ ସମୁଦାୟ ୨୦ଟି ୱାର୍ଡ ରହିଛି। ଭୋଟର ସଂଖ୍ୟା ୬୫୦୭ (ପୁରୁଷ ୩୨୨୪) ଓ (ମହିଳା ୩୨୮୩)ଙ୍କ ମଧ୍ୟରୁ ୪୫୦୦ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି। ପୁରୁଷ ୨୨୫୬ ଭୋଟ ଦେଇଥିବାବେଳେ ମହିଳା ୨୨୪୪ ଭୋଟ ଦାନ ହୋଇଥିବା ସୂଚନା ମିଳିଛି। ଏବେ ବାକ୍ସରେ ଏବେ ୩ ପ୍ରାର୍ଥୀଙ୍କ ଭାଗ୍ୟ ସିଲ ହୋଇଛି। ଆଜି ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ଦୁର୍ନୀତି ତଦନ୍ତ ଦାବିକଲା ମାସା ଆର୍ମୀ

ବାରିପଦା, ୧୧।୬(ସମିସ):

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗରେ କାମ କରାନଯାଇ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଦୁର୍ନୀତି ସାମ୍ନାକୁ ଆସିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ବୁଧବାର ପୁଣି ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଦୁର୍ନୀତିର ଦାବି କରିଛନ୍ତି। ଏଥିରେ ସଂପୃକ୍ତ ଅଧିକାରୀଙ୍କୁ ୨୪ ଘଣ୍ଟା ଭିତରେ ଚାକିରିରୁ ବହିଷ୍କାର ସହିତ ଗିରଫ କରାଯିବା ନିମନ୍ତେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଆର୍ଥିକ ବର୍ଷ ୨୦୨୨-୨୩ରୁ ୨୦୨୪-୨୫ ରେ ଗ୍ରାମ୍ୟ ନିର୍ମାଣ ବିଭାଗରେ ବ୍ୟାପକ ସରକାରୀ ଅର୍ଥ ହେରଫେର ସହିତ ବ୍ୟାପକ ଦୁର୍ନୀତି




ହୋଇଛି। କିଛି ଠିକା ସଂସ୍ଥାଠାରୁ ମୋଟା ଅଙ୍କର ପିସି ନେଇ ବିନା କାମରେ ବିଲ୍ ପ୍ରଦାନ କରାଯାଇଛି। ତେଣୁ ଏହି ଘଟଣାର ଭିଜିଲାନ୍ସ ତଦନ୍ତ କିମ୍ବା ସ୍ୱତନ୍ତ୍ର ଅଡିଟ କରାଯିବାକୁ ମାସାଆର୍ମୀ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ତେଣୁ ବିନା କାର୍ଯ୍ୟରେ ସରକାରୀ ଟଙ୍କା ଉଠାଇଥିବା ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯିବା ସହିତ ବେନିୟମ ଭାବେ ସରକାରୀ ଟଙ୍କା ହଡପରେ ସହଯୋଗ କରିଥିବା ଅଧିକାରୀଙ୍କ ଉପରେ ୨୪ ଘଣ୍ଟା ଭିତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ୨୦ ତାରିଖରେ ବାରିପଦା ବନ୍ଦ ଆନ୍ଦୋଳନ କରାଯିବା ସହି ଜୁଲାଇ ୧୧ ତାରିଖରେ ବିଧାନସଭା ଘେରଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆଜିର ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ମୋରଡା ବ୍ଲକ ସଭାପତି ଜିତେନ୍ଦ୍ର ମାରାଣ୍ଡି, ଛାତ୍ର ନେତା ସନେଲ ମୁର୍ମୁ, ଅବିନାଶ ମାରାଣ୍ଡି, ପଦ୍ମ ସିଂ, ପପୁ ମୁର୍ମୁ, ଅଶ୍ୱିନୀ ମାରାଣ୍ଡି, ଶଙ୍କର ବାସ୍କେ ପ୍ରମୁଖ ସାମିଲ ଥିଲେ।

## ଉନ୍ନୟନ ମୂଳକ ପ୍ରକଳ୍ପର ସମୀକ୍ଷା ବୈଠକ

ଉଦଳା,୧୧।୬(ସମିସ): ଉଦଳା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହେଉଥିବା ଏବଂ ହେବାକୁ ଥିବା ବିଭିନ୍ନ ବିଭାଗୀୟ ପ୍ରକଳ୍ପର ଏକ ସମୀକ୍ଷା ବୈଠକ ଉଦଳା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉଦଳା ବିଧାୟକ ଭାସ୍କର ମଢ଼େଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ପ୍ରକଳ୍ପ ପ୍ରଶାସକ, ଆଇ.ଟି.ଡ଼ି.ଏ., ନରେନ୍ଦ୍ର ଖମାରୀ ଏବଂ ଉପଖଣ୍ଡ ଡାକ୍ତର ଖାନା ଅଧକ୍ଷକ ଡଃ ଲକ୍ଷ୍ମୀକାନ୍ତ ପତି ପ୍ରମୁଖ ମଞ୍ଚାସୀନ ଥିବାବେଳେ ଜିଲ୍ଲାପରିଷଦ, ମୟୂରଭଞ୍ଜ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଉପନିବନ୍ଧନ, ଉଠା ଜଳସେଚନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଟି.ପି.ଏନ୍.ଓ.ଡ଼ି.ଏଲ, ଜଳସେଚନ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, କ୍ରୀଡ଼ା, ପର୍ଯ୍ୟଟନ, ପୂର୍ତ୍ତ ଓ ଗୃହ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ଓ ପରିମଳ, ପଞ୍ଚାୟତ ରାଜ, ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ଜଳସେଚନ, ମତ୍ସ୍ୟ ଓ ପଶୁ ସଂପଦ, ଜଙ୍ଗଲ, ସାମାଜିକ ସୁରକ୍ଷା, ପରିବହନ, ସମାଜ ମଙ୍ଗଳ, ଉଦ୍ୟାନ, କୃଷି, ଶିକ୍ଷା, ହସ୍ତତନ୍ତ ତଥା ବୟନ ଓ ହସ୍ତଶିଳ୍ପ ଆଦି ବିଭାଗୀ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପର ବିବରଣୀ ଦେଇଥିଲେ।

# ସୁପରହିରୋ ଭୂମିକାରେ ଅମିର୍



ଦୀର୍ଘଦିନର ବ୍ରେକ୍ ପରେ ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍ 'ସିତାରେ ଜମିନ ପର' ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି । ଏହି ଫିଲ୍ମକୁ ହିଟ୍ କରାଇବା ପାଇଁ ଅମିର୍ ଜୋରସୋରରେ ପ୍ରଚାର ମଧ୍ୟ କରୁଛନ୍ତି । ଜୁନ୍ ୨୦ରେ ଏହା ରିଲିଜ୍ ହେବ । ଅମିର୍‌ଙ୍କ ଗୋଟିଏ ଫିଲ୍ମ ଏବେ ରିଲିଜ୍ ହେବାକୁ ବସିଥିବାବେଳେ ଇତିମଧ୍ୟରେ ତାଙ୍କର ଆଉ ଏକ ଫିଲ୍ମ ମଧ୍ୟ ଘୋଷଣା ହୋଇ ସାରିଛି । ଭାରତୀୟ ସିନେମାର ଜନକ ଦାଦା ସାହେବ ଫାଲ୍‌କେଙ୍କ ଉପରେ ଏକ ଫିଲ୍ମ ନିର୍ମାଣ କରାଯାଉଛି । ଏଥିରେ ଅମିର୍ ଦାଦା ସାହେବ ଫାଲ୍‌କେଙ୍କ ଭୂମିକାରେ ନଜର ଆସିବେ । ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ରାଜ୍ କୁମାର ହିରାନୀ ଅଛନ୍ତି । ଅମିର୍ ସାଉଥ୍‌ର ଲୋକପ୍ରିୟ ନିର୍ଦ୍ଦେଶକ ଲୋକେଶ କନଗରାଜଙ୍କ ସହ ମଧ୍ୟ ଏକ ସୁପରହିରୋଙ୍କ ଫିଲ୍ମରେ କାମ କରିବା ପାଇଁ ପ୍ରୟାସ ଚଳାଇଛନ୍ତି । ନିକଟରେ ଏକ ସାକ୍ଷାତକାରରେ ଅମିର୍ କହିଛନ୍ତି ଯେ, 'ଲୋକେଶ ଓ ମୁଁ ଗୋଟିଏ ଫିଲ୍ମରେ କାମ କରୁଛୁ । ଏହା ସୁପରହିରୋ ଉପରେ ଆଧାରିତ ହେବ । ୨୦୨୬ ମଝି ଆଡ଼କୁ ଏହା ମୁକ୍ତିଲାଭ କରିବ ।' ଏହାବାଦ୍ ସେ 'ମହାଭାରତ' ଉପରେ ଏକ ଫିଲ୍ମ ନିର୍ମାଣ କରିବେ ବୋଲି କହିଥିଲେ ।

# କ୍ୟାଣ୍ଟିନ୍ ମ୍ୟାନେଜର ହେବା ପାଇଁ ପିଏଚ୍‌ଡି ଡିଗ୍ରୀ

ଚୀନ୍‌ର ଏକ ବିଶ୍ୱବିଦ୍ୟାଳୟ କ୍ୟାଣ୍ଟିନ୍ ମ୍ୟାନେଜର ପଦବୀ ଲାଗି ପିଏଚ୍‌ଡି ଡିଗ୍ରୀ ଅନିବାର୍ଯ୍ୟ କରି ଏବେ ସମାଲୋଚନାର ଶିକାର ହୋଇଛି । ନାନ୍‌ଜିଙ୍ଗ ସହର ସ୍ଥିତ ସାଉଥ୍‌ଇଷ୍ଟ ବିଶ୍ୱବିଦ୍ୟାଳୟରେ କ୍ୟାଣ୍ଟିନ ମ୍ୟାନେଜର ପଦବୀ ଖାଲି ଅଛି । ଏହି ପଦବୀ ଲାଗି ବିଜ୍ଞାପନ ପ୍ରକାଶ ପାଇଛି । ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପଦବୀ ଲାଗି ପ୍ରାର୍ଥୀଙ୍କୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିବା ଦରକାର । କେବଳ ସେତିକି ନୁହେଁ, ଆବେଦନକାରୀଙ୍କର ଇଂରାଜୀରେ ଭଲ ଦକ୍ଷତା ଥିବା ସହ ଅଫିସ୍ ସଫ୍ଟୱେର ଜାଣିଥିବା ଆବଶ୍ୟକ । ଏହାସହ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ହୋଇଥିଲେ ପ୍ରାଥମିକତା ପ୍ରଦାନ କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି । ତେବେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ମେ ୨୨ରେ ଏହାର ୱେବ୍‌ସାଇଟ୍‌ରେ ଏହି ବିଜ୍ଞାପନ ଜାରି କରାଯାଇଥିଲା । ସେହିପରି ଏହି ପଦବୀ ଲାଗି ଖାଦ୍ୟ ପ୍ରସ୍ତୁତି



ନେଇ ତଦାରଖ, କ୍ୟାଣ୍ଟିନ ଠିକାଦାରମାନଙ୍କ କାର୍ଯ୍ୟକୁ ତଦାରଖ କରିବା, ସୁରକ୍ଷିତ ଖାଦ୍ୟ ସୁନିଶ୍ଚିତ କରିବା ତଥା ପ୍ରଶାସନିକ କାର୍ଯ୍ୟର ତଦାରଖ କରିବାକୁ ପଡ଼ିବ ବୋଲି କୁହାଯାଇଛି । ଏହାବାଦ୍ ଖାଦ୍ୟ ସମ୍ବନ୍ଧିତ କ୍ଷେତ୍ରରେ ଅଭିଜ୍ଞତା କିମ୍ବା ରୋଷେଇ ପ୍ରମାଣପତ୍ର ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କୁହାଯାଇଛି । ସେହିପରି ଏହି ପଦ ଲାଗି ବର୍ଷକୁ ଦରମା ୨୦ ଲକ୍ଷ ଅଛି । ହେଲେ ଏ ପଦବୀ ଲାଗି ଶିକ୍ଷାଗତ ଯୋଗ୍ୟତା ଅଧିକ ଥିବା ଦେଖି ବିବାଦ ସୃଷ୍ଟି ହୋଇଛି । ସାମାଜିକ ଗଣମାଧ୍ୟମରେ ଏକଥା ସାମ୍ନାକୁ ଆସିବାରୁ କିଛି ଲୋକ ବିଶ୍ୱବିଦ୍ୟାଳୟର ଏଭଳି ନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି ।

# ୬୧୦ କେଜିରୁ ୬୩ କେଜି

ଆଜିକାଲି ମେଦବୃଦ୍ଧି ଏକ ବିରାଟ ସମସ୍ୟା ଭାବେ ଉଭା ହୋଇଛି । ଅନିୟନ୍ତ୍ରିତ ଜୀବନଚର୍ଯ୍ୟା ଓ ଅସନ୍ତୁଳିତ ଖାଦ୍ୟ ଗ୍ରହଣ ଯୋଗୁଁ ଅଧିକାଂଶ ଲୋକେ ମେଦବୃଦ୍ଧିରେ ଆକ୍ରାନ୍ତ ହେଉଥିବାର ଦେଖାଯାଉଛି । ଥରେ ଓଜନ ବୃଦ୍ଧି ହେଲେ ଏହାକୁ ହ୍ରାସ କରିବା ମଧ୍ୟ ଏକ କଷ୍ଟକର ବ୍ୟାପାର । କିଛି ଲୋକ ଶୀଘ୍ର ଓଜନ ହ୍ରାସ ପାଇଁ ଔଷଧ ଏବଂ ଇଞ୍ଜେକ୍ସନର ସାହାରା ନେଇ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବାର ମଧ୍ୟ ନଜିର ରହିଛି । ସେହିଭଳି କିଛି ଲୋକ ସର୍ଜରୀ ମାଧ୍ୟମରେ ୧୦୦, ୧୫୦ କିଲୋ ହ୍ରାସ କରି ମଧ୍ୟ ଚର୍ଚ୍ଚାକୁ ଆସିଛନ୍ତି । ହେଲେ ୫୪୭ କିଲୋ ଓଜନ କମ୍ କରିବାର ଯାତ୍ରା ଆଦୌ ସହଜ ନୁହେଁ । ଅବଶ୍ୟ ଏ ଲାଗି କେବଳ ଜୀବନଶୈଳୀରେ ପରିବର୍ତ୍ତନ ନୁହେଁ, ବରଂ ଆହୁରି ଅନେକ କିଛି କରିବାକୁ ପଡ଼ିଥିବ, ଯାହା ଅନେକେ ଜାଣି ନ ଥିବେ । ଏକଦା ବିଶ୍ୱର ସବୁଠୁ ଓଜନିଆ ବା ମୋଟା ବ୍ୟକ୍ତି ଭାବେ ପରିଚିତ ଥିଲେ ସାଉଦି ଆରବର ଖାଲିଦ୍ ବିନ୍ ମୋହସେନ । ୨୦୧୩ ମସିହାରେ ତାଙ୍କ ଓଜନ ଥିଲା ୬୧୦ କେଜି । ସେତେବେଳେ ସେ କୌଣସି କାର୍ଯ୍ୟ କରିପାରୁ ନ ଥିଲେ । ଏପରିକି ଛୋଟ ଛୋଟ କାର୍ଯ୍ୟ ପାଇଁ ତାଙ୍କୁ ପରିବାର ଲୋକଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ସେତେବେଳେ ସାଉଦି ଆରବର ପୂର୍ବତନ ରାଜା ଅବଦୁଲ୍ଲା, ଖାଲିଦ୍ ଅତ୍ୟଧିକ ମେଦବୃଦ୍ଧିରେ ଆକ୍ରାନ୍ତ ହୋଇ ବିଛଣାରେ ଜୀବନ କାଟୁଥିବା କଥା ଜାଣିବାକୁ ପାଇଥିଲେ । ରାଜା ଖାଲିଦ୍‌ଙ୍କୁ ସ୍ୱାଭାବିକ ଜୀବନ ଦେବାକୁ ନିଷ୍ପତ୍ତି ନେଲେ । ଖାଲିଦ୍‌ଙ୍କ ପାଇଁ ଡାକ୍ତରଙ୍କ ସମେତ ୩୦ ଜଣ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନିଯୁକ୍ତି ପ୍ରଦାନ କରାଗଲା । ଏହି ଟିମ୍‌ରେ ସର୍ଜନ, ପୋଷଣ ବିଶେଷଜ୍ଞ ଏବଂ ଫିଟନେସ୍ ଟ୍ରେନର ସାମିଲ ଥିଲେ । ଖାଲିଦ୍ ଏତେ ବେଶି ମୋଟା ଥିଲେ ଯେ, ଚଲାବୁଲା କରିପାରୁ ନ ଥିଲେ । କେବଳ



ଖଟରେ ହିଁ ଶୋଇ ରହୁଥିଲେ । ଏପରିକି ତାଙ୍କୁ ନେବା ଲାଗି ୫ ଜଣ ଲୋକ ଦରକାର ପଡ଼ନ୍ତି । ବହୁ କଷ୍ଟରେ ଖାଲିଦ୍‌ଙ୍କୁ ତାଙ୍କ ଘର ରିଆଦରୁ କିଙ୍ଗ୍ ଫହଦ ମେଡିକାଲ ସିଟି ନିଆଯାଇଥିଲା । ସେଠାରେ ତାଙ୍କ ପାଇଁ ଓଜନ ହ୍ରାସ ପାଇଁ ଡାକ୍ତରୀ ଟିମ୍ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କଲେ । ବିଶେଷକରି ଗ୍ୟାଷ୍ଟ୍ରିକ୍ ବାଇପାସ୍ ସର୍ଜରି ସମେତ ତାଙ୍କର ସ୍ୱତନ୍ତ୍ର ଡାଏଟ୍ ଚାର୍ଟ୍ ପ୍ରସ୍ତୁତ କରାଗଲା । ପ୍ରତ୍ୟେକ ଦିନ ସେ ବ୍ୟାୟାମ କଲେ । ୨୦୧୬ ମସିହାରେ ସେ ଆଶାବାଡ଼ି ଧରି ଚାଲିବା ଆରମ୍ଭ କଲେ । ୨୦୧୮ ମସିହାରେ ତାଙ୍କର ଅନେକ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା । ୨୦୨୩ ମସିହା ଶେଷ ଆଡ଼କୁ ତାଙ୍କ ଓଜନ ୬୩.୫ କେଜିରେ ପହଞ୍ଚିଗଲା । ଏକଦା ଦିନେ ସାଙ୍ଗ ଓ ପରିବାର ଉପରେ ନିର୍ଭରଶୀଳ ଥିବା ଖାଲିଦ୍ ଏବେ ଆତ୍ମନିର୍ଭର ହୋଇପାରିଛନ୍ତି । ତା'ସହ ତାଙ୍କୁ 'ଦ ସ୍ମାଇଲିଂ ମ୍ୟାନ୍'ର ପରିଚୟ ମିଳିଛି । ଏହି ଟ୍ୟାଗ୍ ତାଙ୍କୁ ଚିକିତ୍ସା କରିଥିବା ମେଡିକାଲ କର୍ମଚାରୀମାନେ ଦେଇଥିଲେ, ଯେଉଁମାନେ ତାଙ୍କ ଓଜନ ୬୧୦ କେଜିରୁ ୬୩ କେଜି ହେବା ଯାତ୍ରା ଦେଖିଥିଲେ ।

# ଏହି ଦ୍ୱୀପକୁ ମହିଳାଙ୍କ ପ୍ରବେଶ ନିଷେଧ




ବିଶ୍ୱରେ ଏପରି ଅନେକ ସ୍ଥାନ ରହିଛି, ଯାହା ଭିନ୍ନ କାରଣ ପାଇଁ ପ୍ରସିଦ୍ଧି ଲାଭ କରିଥାଏ । ଏହି କ୍ରମରେ ଜାପାନରେ ଥିବା ଓକିନୋସୀମା ଦ୍ୱୀପକୁ ମହିଳାଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି । ଏଠାରେ ପୁରୁଷଙ୍କ ପ୍ରବେଶ ପାଇଁ ମଧ୍ୟ କଡ଼ା ନିୟମ ଲାଗୁ କରାଯାଇଛି । ଏହି ଦ୍ୱୀପକୁ ୟୁନେସ୍କୋଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳ ଭାବରେ ଘୋଷଣା କରାଯାଇଛି । ଏହା ୭୦୦ ବର୍ଗ ଫୁଟ ଅଞ୍ଚଳରେ ପରିବ୍ୟାପ୍ତ ହୋଇଛି । ସେହିପରି ଏହି ଦ୍ୱୀପକୁ ଧାର୍ମିକ ଦୃଷ୍ଟିକୋଣରୁ ଖୁବ୍ ପବିତ୍ର ବୋଲି ବିବେଚନା କରାଯାଏ । ପ୍ରାଚୀନ ସମୟରୁ ଥିବା ଧାର୍ମିକ କଟକଣାକୁ ଲୋକେ ଏବେ ବି ପାଳନ କରିଆସୁଛନ୍ତି । ଏଠାରେ ମହିଳାଙ୍କ ପ୍ରବେଶକୁ ନିଷେଧ କରାଯାଇଛି । ସେହିପରି ଦ୍ୱୀପକୁ ଯିବାପାଇଁ ପୁରୁଷଙ୍କୁ ମଧ୍ୟ କଡ଼ା ନିୟମ ପାଳନ କରିବାକୁ ପଡ଼ିଥାଏ । ଏହି ଦ୍ୱୀପକୁ ଯିବା ପାଇଁ ପୁରୁଷଙ୍କୁ ପ୍ରଥମେ ନିବସ୍ତ୍ର ହୋଇ ସ୍ନାନ କରିବାକୁ ପଡ଼ିଥାଏ । ବର୍ଷରେ ମାତ୍ର ୨୦୦ ପୁରୁଷଙ୍କୁ ଏଠାକୁ ଯିବାକୁ ଅନୁମତି ମିଳିଥାଏ । ସେହିପରି ଏଠାକୁ ଯାଉଥିବା ଲୋକେ ସାଥିରେ ଯେମିତି କିଛି ଜିନିଷ ନ ଆଣନ୍ତି ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ । ସେହିପରି ଏହି ଯାତ୍ରା ବିଷୟରେ କାହାକୁ ନ ଜଣାଇବା ପାଇଁ ମଧ୍ୟ କୁହାଯାଇଥାଏ । ଯାତ୍ରାରୁ ଫେରିଲା ପରେ ବି ଏଠାରୁ ଲୋକେ ଯେମିତି ଘାସଟିଏ ମଧ୍ୟ ନେଇ ନ ପାରିବେ ସେଥିପ୍ରତି ଦୃଷ୍ଟି ଦିଆଯାଏ । ଏହି ଦ୍ୱୀପରେ ମୁନାକାତା ତାଇଶା ଓକିସୁ ମନ୍ଦିର ରହିଛି । ଏହି ମନ୍ଦିରରେ ସମୁଦ୍ର ଦେବୀଙ୍କର ପୂଜାର୍ଚ୍ଚନା କରାଯାଇଥାଏ । ୧୭୦୦ ଶତାବ୍ଦୀରୁ ଏହି ମନ୍ଦିରରେ ଜାହାଜ ସୁରକ୍ଷା ପାଇଁ ପୂଜାର୍ଚ୍ଚନା ହୋଇଆସୁଛି ।

# ଭାସମାନ ଗାଁ



ପଶ୍ଚିମ ଆଫ୍ରିକାରେ ଥିବା ବେନିନ ଦେଶରେ ଏକ ନିଆରା ଗାଁ ଅଛି । ଏହାର ନାଁ ଗାନଭି । ଗାଁଟି ନୋକୋଇ ହ୍ରଦ ଭିତରେ ଅବସ୍ଥିତ । ତେଣୁ ପାଣି ଭିତରେ ପୂରା ଗାଁ ରହିଛି । ସେହିପରି ଏହି ଗାଁକୁ 'ଆଫ୍ରିକାର ଭେନିସ୍' ବୋଲି ମଧ୍ୟ କୁହାଯାଏ । ପ୍ରାୟ ୩୦ ହଜାର ଲୋକ ଉକ୍ତ ଗାଁରେ ରହିଥାନ୍ତି । ଅଧିକାଂଶ ଲୋକଙ୍କ ଘର ହ୍ରଦର ଠିକ୍ ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ । ସମସ୍ତ ଘର କାଠ ଓ ବାଉଁଶରେ ତିଆରି । ତେବେ ଏ ଘରଗୁଡ଼ିକ ଖମ୍ବ ସାହାରାରେ ପାଣି ଭିତରେ ଦଣ୍ଡାୟମାନ ହୋଇ ରହିଛି । ଗାଁଟି ପାଣି ଭିତରେ ଥିବାରୁ ଏଠାରେ ରାସ୍ତା ନାହିଁ । ତେଣୁ ଲୋକେ ନୌକାରେ ଆତଯାତ କରନ୍ତି । ସେହିପରି ନିତିଦିନର କାମ ବି ପାଣି ଭିତରେ ରହିକି ହିଁ ଲୋକେ କରିଥାନ୍ତି । ତେବେ ଏହାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଭିଡିଓଟିରେ ଦେଖାଯାଇଛି ଯେ, 'ଗାଁଟି ସମ୍ପୂର୍ଣ୍ଣ ଭାବେ ପାଣି ଭିତରେ ଅବସ୍ଥିତ । ପାଣି ଭିତରେ କିଛି ପିଲା ଖେଳୁଛନ୍ତି ଏବଂ ପାଣି ଭିତରେ ବଜାର ମଧ୍ୟ ଅଛି । ଡଙ୍ଗାରେ ହିଁ ଲୋକେ ଜିନିଷ ବିକ୍ରି କରନ୍ତି ଓ ଲୋକେ ସେସବୁକୁ କିଣିଥାନ୍ତି । ଏହି ବଜାରରେ ହାତ ତିଆରି ଜିନିଷ, ପନିପରିବା, ମାଛ ଏବଂ ନିତ୍ୟ ବ୍ୟବହାର ଜିନିଷ ମିଳିଥାଏ ।' ତେବେ ଏହି ଗାଁର ଲୋକେ ମାଛ ଧରି ଜୀବିକା ନିର୍ବାହ କରନ୍ତି । ତା'ସହ ଆଉ କିଛି ଲୋକ ପାଖରେ ଥିବା ଗାଁଗୁଡ଼ିକରୁ ଜମି ଲିଜ୍‌ରେ ନେଇ ପଶୁପକ୍ଷୀ ପାଳନ କରନ୍ତି । ଏହାବାଦ୍ ଏଠାରେ ପାଣି ଭିତରେ ରେସ୍ତୋରାଁ ଅଛି । ଏହି ସ୍ଥାନକୁ ଲୋକେ ଡଙ୍ଗାରେ ଆସି ଖାଦ୍ୟର ମଜା ନିଅନ୍ତି । ଅନ୍ୟପଟେ ଗାଁଟି ପାଣି ଭିତରେ ଥିଲେ ବି ସ୍କୁଲ, ମେଡିକାଲ, ଡାକଘର, ବ୍ୟାଙ୍କ, ଚର୍ଚ୍ଚ ଏବଂ ମସଜିଦ୍ ଆଦି ରହିଛି ।

# ଲେମ୍ବୁ ସବୁଠୁ ସ୍ୱାସ୍ଥ୍ୟକର ଫଳ



ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସୁସ୍ଥ ରହିବା ପାଇଁ ସବୁଜ ପନିପରିବା ଓ ଫଳ ଖାଇବା ପାଇଁ ପରାମର୍ଶ ଦେଇଥାନ୍ତି । ସବୁଠୁ ସ୍ୱାସ୍ଥ୍ୟକର ଫଳ କଥା କୁହାଗଲେ, ଲୋକଙ୍କ ମନରେ ପ୍ରଥମେ ସେଓ, କଦଳୀ, ଡାଳିମ୍ବ ଇତ୍ୟାଦିର ନାମ ଆସିଥାଏ । ହେଲେ ବାସ୍ତବରେ ସବୁଠାରୁ ସ୍ୱାସ୍ଥ୍ୟକର ଫଳ ହେଉଛି ଲେମ୍ବୁ । ଆମେରିକାର ୱିଲିୟମ୍ ପ୍ୟାଟରସନ୍ ବିଶ୍ୱବିଦ୍ୟାଳୟର ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଲେମ୍ବୁକୁ ବିଶ୍ୱର ସବୁଠୁ ସ୍ୱାସ୍ଥ୍ୟକର ଫଳ ବୋଲି କୁହାଯାଇଛି । ୪୧ ପ୍ରକାରର ଫଳ ଉପରେ ଏହି ଗବେଷଣା କରାଯାଇଥିଲା । ଏଥିରେ ଲେମ୍ବୁରେ ସବୁଠୁ ଅଧିକ ପୋଷଣ ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ଜଣାପଡ଼ିଛି । ଲେମ୍ବୁରେ ଭରପୁର ମାତ୍ରାର ଭିଟାମିନ୍ ସି, ଫାଇବର ଏବଂ ଫ୍ଲେବୋନଏଡ୍ ଥାଏ । ଏହି ତତ୍ତ୍ୱ କେବଳ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ ତାହା ନୁହେଁ ବରଂ ଏହା ଅନେକ ଗମ୍ଭୀର ରୋଗରୁ ସୁରକ୍ଷା ପ୍ରଦାନ କରେ । ଖାସ୍ କଥା ହେଉଛି, ଲେମ୍ବୁର କମ୍ କ୍ୟାଲୋରୀ ସମ୍ପୂର୍ଣ୍ଣ ଶରୀରକୁ ପୂରା ପୋଷଣ ଦେବାରେ ସାହାଯ୍ୟ କରେ । ଗବେଷଣାରେ ଏହା ସ୍ପଷ୍ଟ କରାଯାଇଛି ଯେ, ମାତ୍ର ୧୦୦ କ୍ୟାଲୋରୀ ବିଶିଷ୍ଟ ଏକ ଲେମ୍ବୁ ଶରୀରର ୧୦୦% ପୋଷଣ ସମ୍ପର୍କୀୟ ଆବଶ୍ୟକତାକୁ ପୂରଣ କରିପାରେ । ଲେମ୍ବୁ ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିବା ସହ ଥଣ୍ଡା-କାଶକୁ ମଧ୍ୟ ଦୂରେଇ ଦେଇଥାଏ । ରକ୍ତହୀନତା ଦୂର କରିବାରେ ଏହା ପ୍ରମୁଖ ଭୂମିକା ନିଭାଇଥାଏ । ଏହାବାଦ୍ ନିୟମିତ ଏହାକୁ ସେବନ କରିବା ଦ୍ୱାରା ପାଚନତନ୍ତ୍ର ସୁସ୍ଥ ଓ ନିରୋଗ ରହିଥାଏ । ବୈଜ୍ଞାନିକଙ୍କ କହିବାନୁସାରେ, ଲେମ୍ବୁ ଖଟାଫଳ ବା ଅମ୍ଳଯୁକ୍ତ ହୋଇଥିଲେ ହେଁ, ଏହା ଶରୀର ପାଇଁ ଲାଭଦାୟକ ହୋଇଥାଏ । ଏହାଦ୍ୱାରା ଶରୀରର ପିଏଚ୍ ସ୍ତର ସନ୍ତୁଳିତ ରହିଥାଏ । ଲେମ୍ବୁରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ପୋଷକତତ୍ତ୍ୱ କେବଳ ଶରୀରରୁ ରୋଗ ଦୂର କରେ ତାହା ନୁହେଁ, ତ୍ୱଚାରେ ଚମକ ଆଣିବା ସହ ବୟସଦାଗକୁ ଦୂର କରେ । ତେଣୁ ବୈଜ୍ଞାନିକମାନେ ଦୈନିକ ଖାଦ୍ୟରେ ଲେମ୍ବୁକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି । ଅନ୍ୟପଟେ ବିଶେଷଜ୍ଞମାନେ ମାତ୍ରାଧିକ ଲେମ୍ବୁ ନ ଖାଇବାକୁ ପରାମର୍ଶ ଦେଇଛନ୍ତି । ଖାସ୍ କରି ଖାଲି ପେଟରେ ଲେମ୍ବୁ ପାଣି ପିଇବା ଦ୍ୱାରା ଦାନ୍ତ ନଷ୍ଟ ହୁଏ । କିଛି ଲୋକଙ୍କଠାରେ ଏସିଡିଟି ସମସ୍ୟା ହୋଇପାରେ । ତେଣୁ ଶରୀରର ଆବଶ୍ୟକତା ଅନୁଯାୟୀ ନିର୍ଦ୍ଦିଷ୍ଟ ପରିମାଣର ଲେମ୍ବୁ ଖାଇବା ଜରୁରି ।

## ଆଜିର ଇତିହାସ

- ୧୩୮୧: ଇଂଲଣ୍ଡରେ ଚାଷୀମାନଙ୍କ ବିଦ୍ରୋହ ।
- ୧୯୨୬: ବ୍ରାଜିଲ ଲିଗ୍ ଅଫ୍ ନେସନରୁ ଓହରିବା ପାଇଁ ନିଷ୍ପତ୍ତି ନେଲା ।
- ୧୯୬୪: ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୋଧରେ ଆନ୍ଦୋଳନ କରୁଥିବା ନେତା ନେଲସନ ମଣ୍ଡେଲାଙ୍କୁ ଆଜୀବନ କାରାଦଣ୍ଡ ।
- ୧୯୯୮- ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷା କରିଥିବାରୁ ଜି-୮ ଦେଶଗୁଡ଼ିକ ଉଭୟ ଦେଶକୁ ଋଣ ନ ଦେବା ପାଇଁ ନିଷ୍ପତ୍ତି ନେଲେ ।
- ୨୦୦୨- ବାଳ ଶ୍ରମ ନିଷେଧ ଦିବସର ଆରମ୍ଭ ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ । ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ । ଘରକୁ ଅତିଥି ଆସିପାରନ୍ତି । ଆର୍ଥିକ ସମସ୍ୟା ଦେଖା ଦେବ । ନୂତନ ଯାନବାହନ କିଣିପାରନ୍ତି ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ । ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ । ଗୁରୁଜନଙ୍କ ଆଶୀର୍ବାଦ ନେବେ । ଆର୍ଥିକ କାରବାରରେ ଲାଭ ମିଳିବ । ଅପ୍ରିୟ ସତ କହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ । ପରିଶ୍ରମ ଅନୁସାରେ ଫଳ ମିଳିବନି । ବାଦବିବାଦରୁ ଦୂରେଇ ରହିବେ । ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ । ଜୀବନସାଥୀଙ୍କୁ ସମୟ ଦେବେ ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ । ଇଷ୍ଟ ଦେବଙ୍କୁ ସ୍ମରଣ କରିବେ । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ । ଜମି କିଣିବା ଯୋଗ ଅଛି ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ପ୍ରେମ ବ୍ୟାପାରରେ ସଫଳତା ମିଳିବ ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ରୋଗମୁକ୍ତ ହେବେ । ପରିବାର ସଦସ୍ୟଙ୍କ ମନ ଜିଣିବେ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ତୁଳା:** ବ୍ୟବସାୟରେ ଲାଭ ହେବ । ପାରିବାରିକ ବିବାଦ ଦେଖା ଦେବ । ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଯାତ୍ରା ଲାଭଦାୟକ ହେବ ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ବନ୍ଧୁମିଳନ ଯୋଗ ଅଛି । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ । ଉଧାର ଟଙ୍କା ଫେରି ପାଇବେ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିପାରନ୍ତି । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ । ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବା ଭଲ ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ । ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ । ବନ୍ଧୁ ମିଳନ ଯୋଗ ଅଛି । ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

# ରଜ ରିଲିଜ୍

## 'ଅନନ୍ତା' ଓ 'ବୋଉ ବୁଟୁ ଭୂତ'





ରଜ ଅବସରରେ ଆଜି ମୁକ୍ତିଲାଭ କରୁଛି ଦୁଇଟି ନୂଆ ଓଡ଼ିଆ ସିନେମା 'ଅନନ୍ତା' ଓ 'ବୋଉ ବୁଟୁ ଭୂତ'। 'ଅନନ୍ତା' ସିନେମାର ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ଥିବା ବେଳେ 'ବୋଉ ବୁଟୁ ଭୂତ'ରେ ନଜର ଆସିବେ ବାବୁସାନ। ଏଥର ରଜରେ ସିନେମାକୁ ନେଇ ଏହି ଦୁଇ ନାୟକଙ୍କ ମଧ୍ୟରେ ଜବରଦସ୍ତ ଲଢ଼େଇ ହେବ। 'ଅନନ୍ତା'ର କାହାଣୀ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଦ୍ୱାରା ରଚିତ 'ରାଣ୍ଡୀ ପୁଅ ଅନନ୍ତା' ଉପରେ ଆଧାରିତ। ସିନେମାଟିର ନିର୍ଦ୍ଦେଶନାରେ ସବ୍ୟସାଚୀ ମହାପାତ୍ର ଅଛନ୍ତି। ଏହାର ସଂଳାପରେ ଡ. ରଜନୀ ରଞ୍ଜନ ଥିବା ବେଳେ ସ୍ୱର ସଂଯୋଜନା କରିଛନ୍ତି ଅଭିଜିତ୍ ମଜୁମଦାର। ସବ୍ୟସାଚୀଙ୍କ ବିପକ୍ଷରେ ଏଥିରେ ନାୟିକା ଅଛନ୍ତି ସୂର୍ଯ୍ୟମୟୀ। ପୂର୍ବରୁ ସିନେମାର ନାଁକୁ ନେଇ ବିବାଦ ଦେଖା ଦେଇଥିଲା। ଏହାପରେ ନାଁ ପରିବର୍ତ୍ତନ କରାଯାଇ 'ଅନନ୍ତା' ରଖାଯାଇଛି। ଅନ୍ୟାନ୍ୟ ଭୂମିକାରେ କୁନା ତ୍ରିପାଠୀ, ଜ୍ୟୋତିର୍ମୟୀ, ତାପସ ସରଘରିଆ ପ୍ରମୁଖ ଅଛନ୍ତି। ତେବେ ସିନେମାଟି ରଜକୁ ଅଧିକ ମନୋରଞ୍ଜନଧର୍ମୀ କରିବା ଆଶା କରାଯାଉଛି।

ସେହିପରି ରଜକୁ ଅଧିକ ଆକର୍ଷଣୀୟ କରିବ ବାବୁସାନଙ୍କ ଅଭିନୀତ ସିନେମା 'ବୋଉ ବୁଟୁ ଭୂତ'। ଏହି ସିନେମା ମାଧ୍ୟମରେ ଦୀର୍ଘ ବର୍ଷ ପରେ ବାବୁସାନ ଏବଂ ଅର୍ଚ୍ଚିତାଙ୍କ ଯୋଡ଼ିକୁ ଦେଖିବାକୁ ମିଳିବ। 'ବାବୁସାନ ଫିଲ୍ମ' ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ନିର୍ଦ୍ଦେଶନାରେ ଜଗଦୀଶ ମିଶ୍ର ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ତୃପ୍ତି ଶତପଥୀ। ସିନେମାରେ ଅପରାଜିତା ଓ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କୁ ଦେଖିବାକୁ ମିଳିବ। ସିନେମାର ରିଲିଜ୍ ପୂର୍ବରୁ ବାବୁସାନ ଏବଂ କୁକିଜଙ୍କ ଅଭିନୀତ 'ଢୁଙ୍ଗୁ ଥିଲି' ଗୀତଟି ସୁପରହିଟ୍ ହୋଇଛି। ତେବେ ଏହି ଦୁଇ ସିନେମା ମଧ୍ୟରୁ ରଜରେ କେଉଁ ନାୟକଙ୍କ ସିନେମା ବାଜିମାତ୍ କରୁଛି, ତାହା ଦେଖିବାକୁ ବାକି ରହିଲା। ■

# ଜୁଲାଇ ୪ରେ 'ଶ୍ରୀଜଗନ୍ନାଥଙ୍କ ନବକଳେବର'



ଜୁଲାଇ ୪ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ସବୁଠୁ ବଡ଼ କାନ୍‌ଭାସ୍‌ର ଓଡ଼ିଆ ଚଳଚ୍ଚିତ୍ର 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ବିନି ସାମଲଙ୍କ ନିର୍ଦ୍ଦେଶିତ ଏହା ହେଉଛି ପ୍ରଥମ ଚଳଚ୍ଚିତ୍ର। ପ୍ରଯୋଜକ ଅଛନ୍ତି ଦିଲୀପ କୁମାର ଜେନା। ଜଗନ୍ନାଥଙ୍କ ମହିମା ଉପରେ ଏହା ଆଧାରିତ। ଏହି ଚଳଚ୍ଚିତ୍ରକୁ ନିର୍ମାଣ କରିବା ପାଇଁ କଳାକାର ଓ ଟେକ୍ନିସିଆନଙ୍କୁ ପ୍ରାୟ ତିନି ବର୍ଷ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଛି। ଏଥିରେ ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଜ୍ୟୋତି, ଶିବାନୀ, ଶ୍ରୀତମ, ଅଂଶୁମାନ, ପିଙ୍କି ପ୍ରଧାନ, କୁନା ତ୍ରିପାଠୀ,ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ରବି ମିଶ୍ର, କେଦାର ମିଶ୍ର, ରତନ ମେହେର, ସାହେବ ସିଂ, ଶଙ୍କର, ପ୍ରିୟଙ୍କା ସାହୁ, ଋଷି ପଟ୍ଟନାୟକ, ଶମ୍ଭୁନାଥ ଖୁଣ୍ଟିଆ ପ୍ରମୁଖ ଅଭିନୟ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଏକ ଚର୍ଚ୍ଚିତ ନାଟକ ଆଧାରରେ ଏହା ନିର୍ମିତ। ଏହି ଚଳଚ୍ଚିତ୍ରରେ ସଙ୍ଗୀତ ଦେଇଛନ୍ତି ମଳୟ ମିଶ୍ର। ଏଥିରେ କଣ୍ଠଦାନ କରିଛନ୍ତି ଇରା ମହାନ୍ତି, ସତ୍ୟଜିତ ପ୍ରଧାନ, ଅନ୍ତରା ଚକ୍ରବର୍ତ୍ତୀ ଓ ସତ୍ୟବ୍ରତ ସାହୁ। ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ମଧ୍ୟ ଗୀତ ରଚନା କରିବା ସହିତ ଦୁଇଟି ଗୀତରେ ସଙ୍ଗୀତ ଦେଇଛନ୍ତି। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ବବି ଇସଲାମ ଓ ଜିତୁ ରାଉତ। ଚିତ୍ରୋତ୍ତଳନ କରିଛନ୍ତି ଧ୍ରୁବାନନ୍ଦ ପଣ୍ଡା। ଦୃଶ୍ୟଗୁଡ଼ିକ ସୁକୁମାର ମଣିଙ୍କ ଦ୍ୱାରା ସମ୍ପାଦିତ ହୋଇଛି। କାର୍ଯ୍ୟକାରୀ ପ୍ରଯୋଜକର ଦାୟିତ୍ୱ ନିର୍ବାହ କରିଛନ୍ତି ପ୍ରଣୟ ଜେଠୀ। ପ୍ରଚାର ମୁଖ୍ୟ ଅଛନ୍ତି ହରପ୍ରସାଦ ମହାପାତ୍ର। ■

# 'ଲଢ଼େଇ'ରେ ପୁରୁଣା ପୋଷାକ



ସାଧାରଣତଃ ଫିଲ୍ମ ପାଇଁ କଷ୍ଟ୍ୟୁମ୍ ମ୍ୟାନ୍ ପୋଷାକ ତିଆରି କରନ୍ତି। ନଚେତ ପୋଷାକ କିଣା ହୋଇ ଆସେ। କିନ୍ତୁ ଚଳଚ୍ଚିତ୍ର 'ଲଢ଼େଇ'ରେ ଭିନ୍ନ କଥା ଦେଖିବାକୁ ମିଳିଛି। ପ୍ରାୟତଃ ପୋଷାକ ମଗା ହୋଇ ଆସିଛି। ସିନେମା ନୂଆ, ହେଲେ ଏହାର ପୋଷାକ ପୁରୁଣା। ପୂରା ସିନେମାରେ ଅଶି ଭାଗ ପୁରୁଣା ପୋଷାକକୁ ବ୍ୟବହାର କରାଯାଇଛି। ତେବେ ଏପରି କାହିଁକି ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ ? 'ଲଢ଼େଇ'ର କାହାଣୀ ପ୍ରେମ ଓ ଅପରାଧର ପୃଷ୍ଠଭୂମି ଉପରେ ନିର୍ମିତ। ତେଣୁ ଚଳଚ୍ଚିତ୍ରର କାହାଣୀ ଓ ଚରିତ୍ର ଗୁଡ଼ିକର ଆବଶ୍ୟକତା ଅନୁଯାୟୀ ପୋଷାକ ଗୁଡ଼ିକକୁ ମାଗିକି ଅଣାଯାଇଛି। ଏହା ବଦଳରେ ଲୋକମାନଙ୍କୁ ନୂଆ ପୋଷାକ ଦିଆ ଯାଇଛି। ନିର୍ଦ୍ଦେଶକ ଅଶୋକ ପତି ସର୍ବଦା ବାସ୍ତବଧର୍ମୀ ଚଳଚ୍ଚିତ୍ର ନିର୍ମାଣ ଉପରେ ଗୁରୁତ୍ୱ ଦେଇଥାନ୍ତି। ଆଉ ଇଏ ତାହାର ସଦ୍ୟତମ ଉଦାହରଣ। ଅମିର ଖାନଙ୍କ ଅଭିନୀତ 'ପିକେ' ଫିଲ୍ମରେ ମଧ୍ୟ ଅନୁରୂପ ପନ୍ଥା ଆପଣା ଯାଇଥିଲା। ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ଅଭିନୀତ 'ଲଢ଼େଇ' ଶୀଘ୍ର ପରଦାକୁ ଆସିବାକୁ ଯାଉଛି। ଏହାର କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ଭାରଦ୍ୱାଜ ପଣ୍ଡା। ଡି.ଆର୍.ଏସ୍ ଏଣ୍ଟରପ୍ରାଇଜେସ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରରେ ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି। ■

# ରଜରେ ଅଭିଷେକଙ୍କ ନୂଆ ଗୀତ



ଆସନ୍ତା ରଜରେ ମୁକ୍ତିଲାଭ କରିବ ଯୁବ ଗୀତିକାର ଏ.ବି. ଅଭିଷେକଙ୍କ ନୂଆ ଗୀତ 'ମୁଁ ସାଲେପୁର ନନୀ...'। ଏହି ଗୀତଟିରେ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ କଣ୍ଠଦାନ କରିଥିବା ବେଳେ ରୁଦ୍ର ପ୍ରସାଦ ନାୟକ ଏହାର ସଂଗୀତ ଭାର ସମ୍ଭାଳିଛନ୍ତି। ଚନ୍ଦ୍ରଶେଖର ଷ୍ଟୁଡ଼ିଓରେ ଏହାର ରେକର୍ଡିଂ ହୋଇଛି। ନିକଟ ଅତୀତରେ ରିଲିଜ୍ ହୋଇଥିବା ଅଭିଷେକଙ୍କ 'ତୁ ମୋ ନୂଆ ବୋହୂ...' ଗୀତଟି ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଏହି ଗୀତରେ କଣ୍ଠଦାନ କରିଥିଲେ ଏସ୍. ଜିତୁ ଓ ରାଜଶ୍ରୀ। ଜେ.ଏନ୍ ପଦ୍ମ ଏହାର ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ସେଭଳି ଅଭିଷେକଙ୍କ ରଚିତ 'ଏତେ ସୁନ୍ଦରୀ କେମିତି ହେଲା', 'ମୁଁ ମରିଯାଏ କି ଆଉ', 'ମା ତୁ ମୋ ସ୍ପନ୍ଦନ', 'ଇଟିକିଲି ମିଟିକିଲି' ଆଦି ଗୀତଗୁଡ଼ିକ ମଧ୍ୟ ବେଶ୍ ଲୋକାଦୃତ ହୋଇପାରିଛି। ■

## ପରଦା ପଛର କାହାଣୀ

# ଫିଲ୍ମ ସୁଟିଂ ପାଇଁ ୫୦ ଦିନ ଥିଲେ ଅଗାଧୁଆ



ସାଧାରଣତଃ କଳାକାରଙ୍କୁ ଫିଲ୍ମ ପାଇଁ ନାନା କଷ୍ଟ ସହିବାକୁ ପଡ଼ିଥାଏ। ସେମିତି ଜଣେ କଳାକାର ହେଉଛନ୍ତି ମୁକେଶ ତିୱାରୀ। ଫିଲ୍ମ ସୁଟିଂ ପାଇଁ ସେ ୫୦ ଦିନ ପର୍ଯ୍ୟନ୍ତ ଗାଧୋଇ ନଥିଲେ। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଏତେ ଖରାପ ହୋଇଯାଇଥିଲା ଯେ, ଲୋକେ ତାଙ୍କୁ ଦେଖି ଡରୁଥିଲେ। ତେବେ ସେ ଏହି ଫିଲ୍ମରେ ହିରୋ ନୁହେଁ, ଖଳନାୟକ ଭୂମିକାରେ ଅଭିନୟ କରିଥିଲେ। ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଚାଇନା ଗେଟ୍' ବକ୍ସ ଅଫିସ୍‌ରେ ଆଶାଜନକ ସଫଳତା ହାସଲ କରି ନଥିଲେ ମଧ୍ୟ, ଖଳନାୟକଙ୍କ ଦମ୍‌ଦାର୍ ଅଭିନୟ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିଥିଲା। ଫିଲ୍ମ ମୁକ୍ତିଲାଭ କରିବାର ୨୭ ବର୍ଷ ପରେ ମଧ୍ୟ 'ଜାଗିରା' ଚରିତ୍ରର ସଂଳାପ ଏବେ ମଧ୍ୟ ଲୋକଙ୍କ ମୁଖରେ ରହିଛି। ଏହି ଫିଲ୍ମରେ ଅନେକ ପ୍ରତିଷ୍ଠିତ କଳାକାର ଥିବା ସତ୍ତ୍ୱେ ମୁକେଶ ତାଙ୍କ ଅଭିନୟର ଯାଦୁରେ ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରି ଅଭିନୟ ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଏହା ଥିଲା ତାଙ୍କର ପ୍ରଥମ ଫିଲ୍ମ। ଏହି ଫିଲ୍ମର ଦୁର୍ଦ୍ଦାନ୍ତ ଡାକୁ 'ଜାଗିରା' ଚରିତ୍ରରେ ଅଭିନୟ ପାଇଁ ସେ କଠିନ ପରିଶ୍ରମ କରିଥିଲେ। 'ଜାଗିରା' ଏକ ପାହାଡ଼ରେ ରହୁଥିଲା। ଏହି ଚରିତ୍ରକୁ ପରଦାରେ ଜୀବନ୍ତ କରିବା ପାଇଁ ମୁକେଶ ୫୦ ଦିନ ଧରି ଗାଧୋଇ ନଥିଲେ। ଜାଗିରା ଚରିତ୍ରକୁ ପରଫେକ୍ଟ କରିବା ପାଇଁ ସେ ନିଜକୁ ଅପରିଷ୍କାର ରଖିଥିଲେ। ଦେହର ଦୁର୍ଗନ୍ଧକୁ ଦୂରେଇ ରଖିବା ପାଇଁ ପରଫ୍ୟୁମ୍ ବ୍ୟବହାର କରୁଥିଲେ। ସୁଟିଂ ସମୟରେ ପାହାଡ଼ ଉପରେ ଚିଲ, ଶାଗୁଣା ତାଙ୍କ ଆଖପାଖରେ ଉଡୁଥିବାର ଦେଖିବାକୁ ମିଳିଥିଲା। ତାଙ୍କର ଦାଢ଼ି ଓ ଲମ୍ବା କେଶ ଦେଖି ଲୋକମାନେ ତାଙ୍କ ପାଖକୁ ଯିବାକୁ ଭୟ କରୁଥିଲେ। ଏହି ଫିଲ୍ମର ଏକ ସଂଳାପ "ମେରେ ମନ କା ଭାୟା, ମେନେ କୁତ୍ତା କାଟ କର ଖାୟା" ସଂଳାପ ଖୁବ୍ ଲୋକପ୍ରିୟ ହୋଇଥିଲା। ■

# "କାମ ଶିଖିବାର ମନୋବୃତ୍ତି ସର୍ବଦା ରହିବା ଆବଶ୍ୟକ"

**ଅନିଷା ପଟ୍ଟନାୟକ, ଅଭିନେତ୍ରୀ**



ନୃତ୍ୟ, ଗୀତ ଓ ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରୁଥିଲେ। ଅନେକ ସୁନ୍ଦରୀ ପ୍ରତିଯୋଗିତାରେ ସେ ଭାଗ ନେଇଛନ୍ତି। 'ଅଞ୍ଜଳି' ତାଙ୍କର ପ୍ରଥମ ଧାରାବାହିକ। ସ୍ୱଳ୍ପ ସମୟ ମଧ୍ୟରେ ନିଜ ହୃଦୟସ୍ପର୍ଶୀ ଅଭିନୟ ପାଇଁ ନାଁ କମାଇଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଣପୁରର ଅନିଷା ପଟ୍ଟନାୟକ। 'କିଏ ପର କିଏ ଆପଣାର', 'ଖୁସିର ଛୁଙ୍କ', 'ସୁହାଗ ସିନ୍ଦୂର', 'ମୋ ଶାଶୂର ଶାଶୂମା' ଆଦି ଅନେକ ଧାରାବାହିକରେ ସେ କାମ କରିସାରିଛନ୍ତି। ଏବେ 'ସାଥି ସାତ ଜନ୍ମର' ଧାରାବାହିକରେ ଉପାସନା ଚରିତ୍ରରେ ଘରେ ଘରେ ପରିଚିତ। ଏଭଳି ଜଣେ ପ୍ରତିଭାମୟୀଙ୍କ ସହ କିଛି ଆଳାପ...।

**ଅଭିନୟ ଜଗତକୁ ଆସିବା ପାଇଁ କାହିଁକି ଆଗ୍ରହ ପ୍ରକାଶ କଲେ?**

କଲେଜରେ ପଢ଼ିବା ସମୟରେ ଡ୍ରାମାରେ ଭାଗ ନେଉଥିଲେ। ଏକକ ଅଭିନୟ, ନାଚ, ଗୀତରେ ମଜୁଥିବା ଝିଅଟି ଧୀରେ ଧୀରେ ଅଭିନୟ କରିବାକୁ ମନ ବଳାଇଥିଲା। ବିଭିନ୍ନ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ତନ୍ମଧ୍ୟରୁ 'ପ୍ୟାଣ୍ଟାଲୁନ୍ ମିସ୍ ରଜ'ରେ ମୁଁ ଶ୍ରେଷ୍ଠ ପାଞ୍ଚ ତାଲିକାରେ ଥିଲି। 'ମିସ୍ ଟିନ୍ ଇଣ୍ଡିଆ ଓଡ଼ିଶା', 'ଭୁବନେଶ୍ୱର ଫ୍ୟାଶନ ରଜ୍', ଆଦି ଶୋ'ଗୁଡ଼ିକରେ ନିଜର ପ୍ରତିଭା ପ୍ରଦର୍ଶିତ କରିଛି। ଏଥିରୁ ଲୋକସମ୍ପର୍କ ବଢ଼ିବାରୁ ସେମାନେ ଧାରାବାହିକରେ କାମ କରିବାକୁ ପରାମର୍ଶ ଦେଇଥିଲେ। ସୌଭାଗ୍ୟବଶତଃ 'ଅଞ୍ଜଳି' ଧାରାବାହିକରେ କାମ କରିବାକୁ 'ଜି ସାର୍ଥକ' ପକ୍ଷରୁ ପ୍ରଥମେ ଯୋଗାଯୋଗ କରାଯାଇଥିଲା। ସେବେଠୁ ଏହି ଯାତ୍ରା ଚାଲିଛି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ ?**

ପ୍ରଥମ ଦିନ କ୍ୟାମେରା ସାମ୍ନାରେ ସଂଳାପ ଠିକ୍ ଭାବେ ମନେ ପଡ଼ି ନଥିଲା। ଏଥିପାଇଁ ବହୁ ଅଭ୍ୟାସ କରିଥିଲି। ଧାରାବାହିକର ନିର୍ଦ୍ଦେଶକ ମୋତେ ହାତ ଧରି କାମ ଶିଖାଇଥିଲେ। ଆଜି ବି ମୁଁ କାମ ଶିଖୁଛି।

**'ସାଥି ସାତ ଜନ୍ମର'ରେ ଉପାସନା ଚରିତ୍ରକୁ ନେଇ କ'ଣ କହିବେ?**

ଯେତେ ବି ଧାରାବାହିକ କରିଛି, ସବୁଥିରେ ପରିବାରର ଏକ ମୁଖ୍ୟ ଚରିତ୍ର ମୋତେ ମିଳିଥାଏ। ପରିବାରରେ ଯେତେବେଳେ କୌଣସି ସମସ୍ୟା ହୁଏ, ସମାଧାନ କରିବାକୁ ମୋତେ ଖୋଜା ପଡ଼ିଥାଏ। ଠିକ୍ ଏହି ଭାବେ 'ସାଥି ସାତ ଜନ୍ମର' ସିରିଏଲ୍‌ରେ ନାୟିକାର ମଝିଆ ଭଉଣୀ (ଉପାସନା) ଚରିତ୍ର ମିଳିଛି। ଉପାସନା ମଧ୍ୟବିତ୍ତ ପରିବାରର ଜଣେ ଆଧୁନିକ ଝିଅ। ସେ ଚାକିରି କରିଛି, ଆଧୁନିକତାରେ ବଞ୍ଚିବାକୁ ଚେଷ୍ଟା କରୁଥିବାବେଳେ ଘର ଲୋକଙ୍କୁ ତାହା ପସନ୍ଦ ନୁହେଁ। ତାକୁ ବିଭିନ୍ନ କଥାରେ କଟକଣା କରାଯାଉଛି। ଧାରାବାହିକରେ ଏବେ ଉପାସନାର କାହାଣୀ ଚାଲିଛି। ଭୁଲ୍ କାମ କରି ଘର ଲୋକଙ୍କଠାରୁ ମାଡ଼ ଖାଉଛି, ରାଗି କରି ଘରୁ ପଳାଉଛି। ତେବେ ଆଗକୁ ଏଥିରେ ଅନେକ ଟୁଇଷ୍ଟ ଦେଖିବାକୁ ମିଳିବ।

**ନିଜ କାମକୁ କେତେ ଗୁରୁତ୍ୱ ଦିଅନ୍ତି?**

ପ୍ରତ୍ୟେକ ଧାରାବାହିକର ନିର୍ଦ୍ଦେଶକ ହେଉଛନ୍ତି ମୁଖ୍ୟ। ସେ ହିଁ ଚରିତ୍ରକୁ ଅଧିକ ଆଗକୁ ନେବାକୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାନ୍ତି। ଜଣେ କଳାକାରର ଦକ୍ଷତା ଅନୁସାରେ ତାକୁ ସୁଯୋଗ ମଧ୍ୟ ଦିଅନ୍ତି। ତେଣୁ ଯେତେ କାମ କଲେ ବି ନୂଆ ସ୍ଥାନ ଓ ନୂଆ ନିର୍ଦ୍ଦେଶକଙ୍କ ପାଖରୁ କାମ ଶିଖିବାର ମନୋବୃତ୍ତି ମୋର ସର୍ବଦା ରହିଥାଏ। ସବୁ ଧାରାବାହିକରୁ ନୂଆ ନୂଆ ଶିକ୍ଷା ପାଇଛି। ହୁଏତ ଏହି ଗୁଣ ଯୋଗୁଁ 'କିଏ ପର କିଏ ଆପଣାର' ଧାରାବାହିକରେ ଦୃଶ୍ୟ ସମୟ ବୃଦ୍ଧି କରା ଯାଇଥିଲା।

**ଅନିଷାଙ୍କ ଅଭୁଲା ସ୍ମୃତି?**

'କିଏ ପର କିଏ ଆପଣାର'ର 'ପିଆଲି' ଚରିତ୍ର ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ। ଏହି ଚରିତ୍ରକୁ ଦର୍ଶକ ବହୁତ ଭଲ ପାଇବା ଦେଇଛନ୍ତି। ଏହି ଶୋ' ଶେଷ ହେବାର ଦୁଇ ଦିନ ପରେ କଟକରୁ ଟ୍ରେନ୍‌ରେ ଫେରୁଥାଏ। ଏକ ଡାକ୍ତରୀ ଦମ୍ପତ୍ତି ମୋତେ 'ପିଆଲି' ବୋଲି ସମ୍ବୋଧନ କରି ଟ୍ରେନ୍‌ରେ ଦୀର୍ଘ ସମୟ କଥା ହୋଇଥିଲେ। ସେ ଶୋ'ର ଶେଷ ଦୃଶ୍ୟ ବିଷୟରେ ପଚାରି ବୁଝିଥିଲେ। ଦର୍ଶକ ମୋତେ ମୋ ନିଜ ନାଁ ନୁହେଁ ବରଂ 'ପିଆଲି' ନାଁରେ ଚିହ୍ନୁଛନ୍ତି।

**ସେଟ୍ ଆଉ ପରିବାର ମଧ୍ୟରେ କିଭଳି ସମନ୍ୱୟ ରଖନ୍ତି?**

ଅନିଷା ଧାରାବାହିକରେ ଝିଅ, ହେଲେ କାହା ଘରର ସେ ବୋହୂ। ତେଣୁ ସେ ସେଟ୍‌ରେ ନିଜ ଚରିତ୍ରକୁ ଗୁରୁତ୍ୱ ଦିଏ। ଆଉ ଶାଶୂଘରେ ବୋହୂର ଭୂମିକା ନିଭାଏ। ଦୁଇଟିକୁ ତୁଲାଇବାକୁ ପଡ଼ିଥାଏ। ସୁଟିଂରେ ବ୍ୟସ୍ତତା ଭିତରୁ ଟିକେ ଫୁରସତ୍ ମିଳିଲେ ସ୍ୱାମୀଙ୍କ ସହ ସମୟ ଅତିବାହିତ କରେ।

**ଆଗାମୀ ଯୋଜନା?**

ଏହି ଧାରାବାହିକ କରିବାର ୫ ମାସ ହେଲାଣି। ଏବେର ଚରିତ୍ରକୁ ଗୁରୁତ୍ୱ ଦେଉଛି। ପରିବାର ଓ ଧାରାବାହିକରୁ ବାହାରି ଅନ୍ୟ କିଛି ଭାବିବାକୁ ଏବେ ଫୁରସତ୍ ନାହିଁ। ■

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ | ହରମନ୍‌ପ୍ରୀତ୍‌ଙ୍କ ଡବଲ୍ ଗୋଲ୍ ସତ୍ତ୍ୱେ ହ୍ୟାଟ୍ରିକ୍ ପରାଜୟ



ଆମଷ୍ଟେଲଭିନ (ନେଦରଲାଣ୍ଡସ), ୧୧।୬ (ଏଜେନ୍ସି): ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରଚଳିତ୨୦୨୪-୨୫ ସଂସ୍କରଣରେଭାରତୀୟପୁରୁଷହକିଦଳୟୁରୋପ୍ ପର୍ଯ୍ୟାୟରେ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖି ହ୍ୟାଟ୍ରିକ ପରାଜୟବରଣ କରିଛି। ବୁଧବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଆର୍ଜେଣ୍ଟିନା ୪-୩ ଗୋଲରେ ଭାରତକୁ ପରାସ୍ତ କରିଛି। ପୂର୍ବରୁ ୟୁରୋପ୍ ପର୍ଯ୍ୟାୟର ପ୍ରଥମ ଦୁଇ ମ୍ୟାଚରେ ଘରୋଇ ନେଦରଲାଣ୍ଡସଠାରୁ କ୍ରମାଗତ ୨ଟି ମ୍ୟାଚ (୨-୧ ଓ ୩-୨ ଗୋଲ୍)ରେ ଭାରତ ହାରିଥିଲା। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ବର୍ତ୍ତମାନ ସୁଦ୍ଧା ୧୧ ମ୍ୟାଚ୍ ଖେଳି ୬ ପରାଜୟ ଓ ୫ ବିଜୟ ସହ ୧୫ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଗୁରୁବାର ପୁଣିଥରେ ଆର୍ଜେଣ୍ଟିନା ସହ ଖେଳିବ। ବୁଧବାର ଅନୁଷ୍ଠିତ ମ୍ୟାଚର ୩ୟ ମିନିଟ୍‌ରେ ମାଟିଆସ୍ ରେଙ୍କ ଗୋଲ୍ ବଳରେ ଆର୍ଜେଣ୍ଟିନା ୧-୦ରେ ଅଗ୍ରଣୀ ରହିଥିଲା। ତେବେ ସେହି ପ୍ରଥମ କ୍ୱାର୍ଟରରେ ଅଧିନାୟକ ହର୍‌ମନପ୍ରୀତ୍ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ରୂପାନ୍ତରିତ କରି ୧-୧ର ବରାବରସ୍ଥିତିକୁ ଆଣିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଆର୍ଜେଣ୍ଟିନା ଆକ୍ରମଣାତ୍ମକ ପ୍ରଦର୍ଶନ ଜାରି ରଖି ଦ୍ୱିତୀୟ ଗୋଲ୍ ଦେଇଥିଲା। ୧୭ତମ ମିନିଟ୍‌ରେ ଲୁକାସ ମାର୍ଟିନେଜ ଏହି ଗୋଲ୍‌ଟି ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଦଳକୁ ୨-୧ରେ ଆଗୁଆ କରାଇଥିଲେ। ତେବେ ପୁଣିଥରେ ହର୍‌ମନପ୍ରୀତ୍ ଭାରତ ପାଇଁ ରକ୍ଷାକର୍ତ୍ତା ସାଜି ଦ୍ୱିତୀୟ ଗୋଲ୍ ଦେଇଥିଲେ। ୩୩ତମ ମିନିଟ୍‌ରେ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିବାବେଳେ ହର୍‌ମନପ୍ରୀତ୍ ଏହି ଗୋଲ୍ ସ୍କୋର କରି ୨-୨ ସ୍ଥିତିକୁ ଆଣିଥିଲେ। କିନ୍ତୁ ଗୋଟିଏ ମିନିଟ୍ ପରେ ସାଣ୍ଟିଆଗୋ ତାରାଜୋନାଙ୍କ ଗୋଲ୍ ଆର୍ଜେଣ୍ଟିନାକୁ ୩-୨ରେ ପୁଣିଥରେ ଅଗ୍ରଣୀ ଦେଇଥିଲା। ଅଭିଷେକଙ୍କ ଗୋଲ୍ ବଳରେ ଭାରତ ପୁଣିଥରେ ମ୍ୟାଚକୁ ୩-୩ର ସମାନସ୍ଥିତିକୁ ଆଣିଥିଲା। ତେବେ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଲୁସିଓ ମେଣ୍ଡେଜ ଆର୍ଜେଣ୍ଟିନା ପାଇଁ ବିଜୟସୂଚକ ୪ର୍ଥ ଗୋଲ୍‌ଟି ଦେଇଥିଲେ।

**ହକିରେ ମିଶ୍ରିତ ଫଳାଫଳ**

## ପୁଣିଥରେ ବେଲ୍‌ଜିୟମକୁ ହରାଇଲା ଭାରତ

ଆଣ୍ଟୱର୍ପ, ୧୧।୬ (ଏଜେନ୍ସି): ୟୁରୋପ୍ ଗସ୍ତରେ ଥିବା ଭାରତୀୟ ଜୁନିଅର ମହିଳା ହକି ଦଳ ବିଜୟଧାରା ଜାରି ରଖି ପୁଣିଥରେ ଘରୋଇ ବେଲ୍‌ଜିୟମକୁ ପରାସ୍ତ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତ ୨-୧ ଗୋଲରେ ବେଲ୍‌ଜିୟମ ବିପକ୍ଷରେ ବିଜୟ ହାସଲ କରିଛି। ପୂର୍ବରୁ ଏହି ଗସ୍ତର ପ୍ରଥମ ମୁକାବିଲାରେ ମଧ୍ୟ ଭାରତ ୩-୨ ଗୋଲ୍‌ରେ ବେଲ୍‌ଜିୟମକୁ ମାତ୍ ଦେଇଥିଲା। ଏହି ଗସ୍ତର ଶେଷ ମ୍ୟାଚ୍‌ରେ ଭାରତ ଗୁରୁବାର ପୁଣିଥରେ ବେଲ୍‌ଜିୟମ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ବୁଧବାର ଭାରତ ଓ ବେଲ୍‌ଜିୟମ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ପ୍ରଥମ ଦୁଇ କ୍ୱାର୍ଟର ତଥା ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ତେବେ ୩୫ତମ ମିନିଟ୍‌ରେ ଲାଲଥାଣ୍ଟଲୁଆଙ୍ଗିଙ୍କ ଗୋଲ୍ ବଳରେ ଭ୍ରମଣକାରୀ ଭାରତ ଖାତା ଖୋଲିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ବେଲ୍‌ଜିୟମ ଏହି ଗୋଲ୍‌ଟି ଶୁଝି ୧-୧ର ବରାବରସ୍ଥିତିକୁ ଆଣିଥିଲା। ୪୮ତମ ମିନିଟ୍‌ରେ ଭାନ ହେଲେମୋଣ୍ଟ ଏହି ଗୋଲ୍‌ଟି ଦେଇଥିଲେ। କିନ୍ତୁ ଏହାର ୨ ମିନିଟ୍ ପରେ ଗୀତା ଯାଦବ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଭାରତକୁ ୨-୧ରେ ଜିତାଇଥିଲେ।

### ଡବ୍ଲ୍ୟୁଟିସି ଫାଇନାଲ

# ଅଷ୍ଟ୍ରେଲିଆକୁ ୨୧୨ରେ ଅଟକାଇଲେ ରାବାଡା

ଲର୍ଡ୍ସ, ୧୧।୬ (ଏଜେନ୍ସି):



ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ୩ୟ ସଂସ୍କରଣର ଫାଇନାଲ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଉଥିବା ଫାଇନାଲ ମୁକାବିଲାରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରତିପକ୍ଷ ଦ୍ରୁତ ବୋଲର କାଗିସୋ ରାବାଡାଙ୍କୁ ସାମ୍ନା କରି ନ ପାରି ପ୍ରଥମ ପାଳିରେ ୨୧୨ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଶେଷ ଖବର ସୁଦ୍ଧା ୧୦ ଓଭରରେ ୨ ୱିକେଟ୍ ହରାଇ ୧୯ ରନ ସଂଗ୍ରହ କରିଛି।

ଏହି ଫାଇନାଲ ମ୍ୟାଚରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ କିନ୍ତୁ ୧୨ ରନ ମଧ୍ୟରେ ଓପନର୍ ଉସମାନ ଖାୱାଜା ଓ କାମେରନ ଗ୍ରୀନ (୪ ରନ)ଙ୍କ ୱିକେଟ୍ ହରାଇଥିଲା। ଉଭୟଙ୍କ ଆଉଟ୍ କରି ରାବାଡା ଦକ୍ଷିଣ ଆଫ୍ରିକାକୁ ଦମ୍‌ଦାର ଆରମ୍ଭ ଦେଇଥିଲେ। ଖାୱାଜା ୨୦ଟି ବଲ୍ ସାମ୍ନା କରି ଥିଲେ ମଧ୍ୟ ଖାତା ଖୋଲିବାରେ ବିଫଳ ହୋଇଥିଲେ। ଏହାପରେ ବାମହାତୀ ଦ୍ରୁତ ବୋଲର ମାର୍କୋ ଜାନସେନ ଅନ୍ୟତମ ଓପନର୍ ମାର୍ନସ ଲାବୁଶେନ (୧୭ ରନ) ଓ ଟ୍ରାଭିସ୍ ହେଡ୍ (୧୧ ରନ)ଙ୍କୁ ଆଉଟ୍ କରି କଙ୍ଗାରୁ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ତେବେ ଏହି ସମୟରେ ଅଭିଜ୍ଞ ଷ୍ଟିଭ ସ୍ମିଥ୍‌ଙ୍କ ସହ ବିଉ ୱେବଷ୍ଟର ଯୋଗଦେଇ ସ୍ଥିତି ସମ୍ଭାଳିଥିଲେ। ଉଭୟ ୫ମ ୱିକେଟ୍‌ରେ ୭୯ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଫଳରେ ଅଷ୍ଟ୍ରେଲିଆର ସ୍କୋର ଦେଢ଼ଶହ ରନ ନିକଟତର ହୋଇଥିଲା। ଧୈର୍ଯ୍ୟର ସହ ଖେଳୁଥିବା ସ୍ମିଥ୍‌ଙ୍କୁ ଆଉଟ୍ କରି ଆଇଡେନ ମାର୍କରାମ ଏହି ଯୋଡ଼ି ଭାଙ୍ଗିଥିଲେ। ୧୦ ଚୌକା ସହ ସ୍ମିଥ ୬୬ ରନ କରିଥିଲେ। ତେବେ ନିମ୍ନକ୍ରମର ବ୍ୟାଟର୍‌ଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆ ୫୬.୪ ଓଭରରେ ୨୧୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ଏକଦା ୫ ୱିକେଟ୍‌ରେ ୧୯୨ ରନ କରିଥିବା ଅଷ୍ଟ୍ରେଲିଆ ଆଉ ୨୦ ରନରେ ବଳକା ୫ ୱିକେଟ୍ ହରାଇଥିଲା। ୱେବଷ୍ଟର ସର୍ବାଧିକ ୭୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲେକ୍ସ କେରୀ ୨୩ ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ଓ ମିଚେଲ ଷ୍ଟାର୍କ ୧ ରନ ଲେଖାଏ କରିଥିଲେ। ବୋଲିଂରେ ରାବାଡା ସର୍ବାଧିକ ୫, ଜାନସେନ ୩ଟି ଏବଂ ମାର୍କରାମ ଓ କେଶବ ମହାରାଜ ଗୋଟିଏ ଲେଖାଏ ୱିକେଟ୍ ସଫଳତା ପାଇଥିଲେ।

**ଅଷ୍ଟ୍ରେଲିଆ ପ୍ରଥମ ପାଳି:** ୨୧୨/୧୦ (ୱେବଷ୍ଟର-୭୨, ସ୍ମିଥ- ୬୬, କେରୀ- ୨୩, ହେଡ୍ ୧୧, ଲାବୁଶେନ- ୧୭, ରାବାଡା- ୫/୫୧, ଜାନସେନ- ୩/୪୯)।

### ଲର୍ଡ୍ସରେ ସ୍ମିଥ୍‌ଙ୍କ କୃତିତ୍ୱ



ଭ୍ରମଣକାରୀ ବ୍ୟାଟର୍ ଭାବେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଟେଷ୍ଟ କ୍ରିକେଟ୍‌ରେ ସର୍ବାଧିକ ରନ କରିବାର ରେକର୍ଡ କରିଛନ୍ତି ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍। ଡବ୍ଲ୍ୟୁଟିସି ଫାଇନାଲରେ ସେ ୬୬ ରନର ପାଳି ଖେଳିଥିଲେ। ଏଥିସହ ଲର୍ଡ୍ସ ଗ୍ରାଉଣ୍ଡରେ ସେ ଟେଷ୍ଟରେ ୧୦ ପାଳି ଖେଳି ୫୯୧ ରନ ସଂଗ୍ରହ କରିଛନ୍ତି। ଯାହାକି ଭ୍ରମଣକାରୀ ବ୍ୟାଟର୍ ଟେଷ୍ଟରେ ଏହି ଗ୍ରାଉଣ୍ଡରେ ଭାବେ ସର୍ବାଧିକ ରନ। ପୂର୍ବରୁ ଏହି ରେକର୍ଡ ଅଷ୍ଟ୍ରେଲିଆର ୱାରେନ ବାର୍ଡସଲୀ (୫୭୫ ରନ)ଙ୍କ ନାମରେ ରହିଥିଲା। ୱେଷ୍ଟଇଣ୍ଡିଜର ଗ୍ୟାରୀ ସୋବର୍ସ (୫୭୧ ରନ), ଡନ୍ ବ୍ରାଡ୍‌ମ୍ୟାନ (୫୫୧) ଓ ୱେଷ୍ଟଇଣ୍ଡିଜର ଶିବନାରାୟଣ ଚନ୍ଦ୍ରପଲ (୫୧୨ ରନ) ଏହି ତାଲିକାରେ ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।

### ■ ଆଜିଠୁ ଏମ୍‌ଏଲ୍‌ସି-୩

## ପୁରନ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ନିଯୁକ୍ତ

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜର ବାମହାତୀ ବ୍ୟାଟର୍ ନିକୋଲସ ପୁରନ ସମସ୍ତଙ୍କୁ ଚକିତ କରି ମାତ୍ର ୨୯ ବର୍ଷ ବୟସରେ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଥିଲେ। ତେବେ ଏହାର ଦିନକ ପରେ ତାଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ଆମେରିକାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ମେଜର ଲିଗ୍ କ୍ରିକେଟ୍ (ଏମ୍‌ଏଲ୍‌ସି)ର ତୃତୀୟ ସଂସ୍କରଣ ଲାଗି ପୁରନଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ ଟିମ୍‌ର ଅଧିନାୟକ ନିଯୁକ୍ତ କରାଯାଇଛି। କାଇରନ ପୋଲାର୍ଡଙ୍କ ସ୍ଥାନରେ ପୁରନଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ ଟିମ୍‌ର ନେତୃତ୍ୱ ଭାର ମିଳିଛି। ଏମ୍‌ଏଲ୍‌ସିର ୨୦୨୩ ସଂସ୍କରଣରେ



ପୁରନ ୩୮୮ ରନ ସହ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ରହିଥିଲେ। ପୁରନଙ୍କ ବ୍ୟତୀତ ମୁମ୍ବାଇ ଇଣ୍ଡିଆନ୍ସ ନ୍ୟୁୟର୍କ ଦଳରେ ପୋଲାର୍ଡ, କ୍ୱିଣ୍ଟନ ଡିକକ୍, ରଶିଦ ଖାନଙ୍କ ଭଳି ତାରକା କ୍ରିକେଟର୍ ରହିଛନ୍ତି। ଏମ୍‌ଏଲ୍‌ସିର ୩ୟ ସଂସ୍କରଣ ଜୁଲାଇ ୧୩ରେ ଉଦ୍‌ଯାପିତ ହେବ। ଲିଗ୍ ଓ ଫାଇନାଲକୁ ମିଶାଇ ଏଥର ମୋଟ୍ ୩୪ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

## କାଉଣ୍ଟି ଖେଳିବେ ତିଲକ, ଋତୁରାଜ

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ଦୁଇ ଭାରତୀୟ ବ୍ୟାଟର୍ ତିଲକ ବର୍ମା ଓ ଋତୁରାଜ ଗାଏକ୍ୱାଡ ଇଂଲଣ୍ଡର ଘରୋଇ ପ୍ରତିଯୋଗିତା କାଉଣ୍ଟି କ୍ରିକେଟ୍ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଆଇପିଏଲ୍ ଦଳ ଚେନ୍ନାଇ ସୁପର୍ କିଙ୍ଗ୍‌ସ ଅଧିନାୟକ ଋତୁରାଜ କାଉଣ୍ଟି ଚାମ୍ପିଅନସିପ୍‌ରେ ସେ ୟର୍କଶାୟର ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ଆସନ୍ତା ମାସରେ ସରେ ବିପକ୍ଷ ମ୍ୟାଚ୍





ଖେଳି ସେ କାଉଣ୍ଟି କ୍ରିକେଟରେ ପାଦ ଥାପିବେ। କାଉଣ୍ଟି ସିଜନ ଶେଷରେ ହେବାକୁ ଥିବା ‘ୱାନ-ଡେ କପ୍’ ପର୍ଯ୍ୟନ୍ତ ସେ ୟର୍କଶାୟର ପାଇଁ ଖେଳିବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ବାମହାତୀ ବ୍ୟାଟର୍ ତିଲକ ହାମ୍ପଶାୟର କ୍ଲବରୁ ଖେଳିବେ ବୋଲି ଜଣାପଡ଼ିଛି। ଜୁନ ୧୮ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ସେ ହାମ୍ପଶାୟର ପାଇଁ ଖେଳିବେ। ଏଥିଲାଗି ବିସିସିଆଇ ଓ ତିଲକଙ୍କ ଘରୋଇ କ୍ରିକେଟ୍ ସଂଘ ହାଇଦରାବାଦ ପକ୍ଷରୁ ତାଙ୍କୁ ସବୁଜ ସଙ୍କେତ ମିଳିସାରିଛି। ଏହି ଅବଧିରେ ସେ ୪ ଦିବସୀୟ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବେ। ତେବେ ହାମ୍ପଶାୟର ପାଇଁ ସୀମିତ ଓଭର ଫର୍ମାଟ୍‌ରେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

## ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍ | ସୂର୍ଯ୍ୟକୁମାର ଖସିଲେ; ବରୁଣ ସ୍ଥିର

ଦୁବାଇ, ୧୧।୬ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ବ୍ୟାଟିଂ ତାଲିକାରେ ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଅବନତି ଦେଖିବାକୁ ମିଳିଛି। ସୂର୍ଯ୍ୟକୁମାର ଗୋଟିଏ ପାହାଚ ଖସି ଟପ୍-୫ରୁ ବାହାରି ୬ଷ୍ଠ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍ ୧୪ଟି ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ରହିଛନ୍ତି। ସେହିଭଳି ଇଂଲଣ୍ଡର ବେନ୍ ଡକେଟ୍ ଏକାଥରକେ ୪୮ଟି ପାହାଚ ଲମ୍ଫ ପ୍ରଦାନ କରି ୬୨ରୁ ୧୬ତମ ସ୍ଥାନକୁ ଉଠିଛନ୍ତି। ଅପରପକ୍ଷରେ ଟି-୨୦ ବୋଲିଂ ତାଲିକାରେ ଶୀର୍ଷ ଭାରତୀୟ ଭାବେ ବରୁଣ ଚକ୍ରବର୍ତ୍ତୀ ୩ୟ ସ୍ଥାନରେ ସ୍ଥିର ରହିଛନ୍ତି।

### ■ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ

## କ୍ରିକେଟରେ ୬ଟି ଦଳ ଭାଗନେବା ଉପରେ ଆଇସିସିର ଗୁରୁତ୍ୱ

ଦୁବାଇ,୧୧।୬(ଏଜେନ୍ସି): ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ ଇଭେଣ୍ଟର ପୁରୁଷ ଓ ମହିଳା ପ୍ରତିଯୋଗିତାରେ ବିଶ୍ୱରେ ଶ୍ରେଷ୍ଠ ୬ଟି ଦଳ ଅଂଶଗ୍ରହଣ କରିବା ଉପରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଗୁରୁତ୍ୱ ଦେଇଛି। ଯଦି ଆବଶ୍ୟକ ପଡ଼େ ଆୟୋଜକ ଆମେରିକାକୁ ଏଥିରୁ ବାଦ୍ ଦିଆଯିବାରେ କୌଣସି ସମସ୍ୟା ନାହିଁ ବୋଲି କାର୍ଯ୍ୟକାରୀ କମିଟିର ସଦସ୍ୟ ସୁମୋଦ ଦାମୋଦର କହିଛନ୍ତି। ଉଲ୍ଲେଖଥାଉ କି, ୧୯୦୦ ପରେ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ କ୍ରିକେଟ ଖେଳାଯିବ। ଟି-୨୦ ଫର୍ମାଟ୍‌ରେ ୬ଟି ଲେଖାଏ ପୁରୁଷ ଓ ମହିଳା ଦଳଗୁଡିକ ପଦକ ପାଇଁ ଅବତୀର୍ଣ୍ଣ ହେବେ। ଆୟୋଜକ ଆମେରିକାର ଆଇସିସି ଟି-୨୦ ପୁରୁଷ ମାନ୍ୟତାରେ ୧୭ ଓ ମହିଳାରେ ୨୪ତମ ସ୍ଥାନରେ ରହିଛି। ତେଣୁ ଇଭେଣ୍ଟରେ ଆମେରିକାରୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ କି ନା ସେ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି।

## ପାୱେଲଙ୍କ ଅର୍ଦ୍ଧଶତକ ବ୍ୟର୍ଥ; ଇଣ୍ଡିଜର ହ୍ୟାଟ୍ରିକ ପରାଜୟ | ଟି-୨୦ ସିରିଜରେ ଇଂଲଣ୍ଡର କ୍ଲିନ ସୁଇପ୍

ସାଉଥାମ୍ପଟନ,୧୧।୬ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଅନୁଷ୍ଠିତ ୩ୟ ଟି-୨୦ ମ୍ୟାଚକୁ ଇଂଲଣ୍ଡ ୩୭ ରନରେ ଜିତିନେଇଛି। ରୋଭମାନ ପାୱେଲ ଅପରାଜିତ ୭୪ ରନର ପାଳି ଖେଳିଥିଲେ ମଧ୍ୟ ୱେଷ୍ଟଇଣ୍ଡିଜକୁ ହ୍ୟାଟ୍ରିକ ପରାଜୟରୁ ରକ୍ଷା କରିପାରି ନ ଥିଲେ। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଯଥାକ୍ରମେ ୨୧ ରନ ଓ ୪ ୱିକେଟରେ ଜିତିଥିବା ଘରୋଇ ଇଂଲଣ୍ଡ ଦଳ ଏଥିସହ ଟି-୨୦ ସିରିଜକୁ ୩-୦ରେ କ୍ଲିନସୁଇପ୍ କରିନେଇଛି। ହ୍ୟାରୀ ବ୍ରୁକ୍‌ଙ୍କ ନେତୃତ୍ୱାଧିନ ଇଂଲଣ୍ଡ ମଧ୍ୟ ପୂର୍ବରୁ ଏକଦିବସୀୟ ସିରିଜକୁ ୩-୦ରେ ପୋଛିନେଇଥିଲା।



ମଙ୍ଗଳବାର ରାତିରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ଦୁଇ ଓପନ୍ ବେନ୍ ଡକେଟ୍ ଓ ଜେମି ସ୍ମିଥ୍‌ଙ୍କ ଅର୍ଦ୍ଧଶତକ ବଳରେ ୩ ୱିକେଟ୍‌ରେ ୨୪୮ ରନର ବିଶାଳ ସ୍କୋର କରିଥିଲା। ଡକେଟ୍ ୪୬ ବଲରେ ସର୍ବାଧିକ ୮୪ ଓ ସ୍ମିଥ୍ ୨୬ ବଲରେ ୬୦ ରନ କରିଥିଲେ। ଅଧିନାୟକ ବ୍ରୁକ୍ ୩୫ ଓ ଜାକବ ବେଥେଲ ୩୬ ରନର ଅପରାଜିତ ପାଳି ଖେଳିଥିଲେ। ଜୋଶ୍ ବଟଲର୍ ୨୨ ରନ କରି ଆଉଟ୍ ହୋଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୮ ୱିକେଟରେ ୨୧୧ ରନ କରି ପରାଜୟବରଣ କରିଥିଲା। ରୋଭମାନ ପାୱେଲ ୯ ଚୌକା ଓ ୪ ଛକା ସହ ୪୫ ବଲରେ ୭୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସାଇ ହୋପ୍ ୪୫, ସିମରନ ହେଟ୍‌ମାୟର ୨୬, ଜାସନ ହୋଲ୍ଡର ୨୫ ରନ କରିଥିଲେ। ବିଜୟୀ ଇଂଲଣ୍ଡ ପକ୍ଷରୁ ବାମହାତୀ ଦ୍ରୁତ ବୋଲର ଲ୍ୟୁକ୍ ଉଡ୍ ସର୍ବାଧିକ ୩ଟି ଓ ଆଦିଲ ରଶିଦ ୨ଟି ୱିକେଟ୍ ନେଇଥିଲେ। ଡକେଟ୍ ମ୍ୟାଚ୍‌ର ଓ ବଟଲର ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଜାତୀୟ ସିନିଅର ଉଷୁ ପାଇଁ ୪୨ ଜଣିଆ ଓଡ଼ିଶା ଦଳ



ଭୁବନେଶ୍ୱର, ୧୧।୬ (ସମିସ): ରାଜସ୍ଥାନର ଜୟପୁରଠାରେ ଚଳିତ ମାସ ୧୪ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଜାତୀୟ ସିନିଅର ଉଷୁ ଚାମ୍ପିଅନସିପ୍‌ର ୩୪ତମ ସଂସ୍କରଣ ଅନୁଷ୍ଠିତ ହେବ। ଏହି ଚାମ୍ପିଅନସିପ୍‌ରେ ୪୨ ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିବାକୁ ଗୁରୁବାର ରାଜସ୍ଥାନ ଗସ୍ତ କରିଛି। ଓଡ଼ିଶା ଦଳରେ ୨ଜଣ ଅଫିସିଆଲ୍ ଓ ୩ଜଣ ଟେକ୍‌ନିକାଲ ଅଫିସିଆଲ୍ ମଧ୍ୟ ରହିଛନ୍ତି। ଯୁଧିଷ୍ଠିର ଗୁରୁହାଣ୍ଡି ଓ ପ୍ରସାଦ ନାୟକ ପ୍ରଶିକ୍ଷକ ଭାବେ ଓଡ଼ିଶା ଦଳ ସହ ଗସ୍ତ କରିବେ। ଓଡ଼ିଶା ଉଷୁ ସଂଘର ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁମୋହନ ମହାନ୍ତି, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ଓ ବିକାଶ ପଟ୍ଟନାୟକ ପ୍ରମୁଖ ରାଜ୍ୟ ଦଳର ସଫଳତା କାମନା କରି ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ଆନ୍ତଃରାଜ୍ୟ ଦୃଷ୍ଟିହୀନ କ୍ରିକେଟ: ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର, ୧୧।୬ (ସମିସ): ବିଶାଖାପାଟଣାରେ ଅନୁଷ୍ଠିତ ଏନ୍‌ଟିପିସି ଏମ୍ପାୱାର ଆନ୍ତଃରାଜ୍ୟ ଟି-୨୦ ମହିଳା ଦୃଷ୍ଟିହୀନ କ୍ରିକେଟ୍‌ରେ ଚାମ୍ପିଅନ ହୋଇ ଓଡ଼ିଶା ଦଳ ରାଜ୍ୟ ପାଇଁ ଗୌରବ ଆଣିଛି। ବୁଧବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଫାଇନାଲ ମୁକାବିଲାରେ ଓଡ଼ିଶା ୨୯ ରନରେ ଘରୋଇ ଆନ୍ଧ୍ର ପ୍ରଦେଶ ମହିଳା ଦଳକୁ ପରାସ୍ତ କରିଥିଲା। ବର୍ଷା ଯୋଗୁ ଫାଇନାଲ ମ୍ୟାଚକୁ ୧୫ ଓଭରବିଶିଷ୍ଟ କରାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୬ ୱିକେଟ୍‌ରେ ୧୦୯ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ଫୁଲ ସୋରେନ ସର୍ବାଧିକ ଅପରାଜିତ ୩୯ ରନ କରିଥିଲେ। ଜବାବରେ ଆନ୍ଧ୍ରପ୍ରଦେଶ ୧୩.୫ ଓଭରରେ ୮୦ ରନରେ ଅଲ୍‌ଆଉଟ୍ ହୋଇ ପରାସ୍ତ ହୋଇଥିଲା। ବିଜୟୀ ଓଡ଼ିଶା ଦଳର ବାସନ୍ତୀ ହାଁସଦା ୪ଟି ରନ୍‌ଆଉଟ୍ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିଭଳି ବି-୧ ବର୍ଗରେ ଯମୁନାରାଣୀ ଟୁଡୁ, ବି-୨ରେ ସୁକାନ୍ତୀ ଦଳପତି ଓ ବି-୩ ବର୍ଗରେ ଝିଲ୍ଲୀ ବିରୁଆ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।




ଚାମ୍ପିଅନ ଓଡ଼ିଶା ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚାମ୍ପିଅନ ଓଡ଼ିଶା ମହିଳା ଦଳକୁ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ୍ ସଂଘ (କାଭି) ସଭାପତି ମହମ୍ମଦ ଜାଫର ଇକବାଲଙ୍କ ସମେତ ସନ୍ନ୍ୟାସୀ କୁମାର ବେହେରା, ଦେବାଶିଷ ଜେନା, ସୁଖରାମ ମାଝୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ସୁଖଦେବ ସୋରେନ ଓଡ଼ିଶା ମହିଳା ଦଳର ପ୍ରଶିକ୍ଷକ ଭାବେ ବିଶାଖାପାଟଣା ଗସ୍ତ କରିଥିଲେ।


PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS